# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୮/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, September 18/2023 | Page 14 | ₹ 7.00 | BERHAMPUR

୪୯ଶ ଭାଗ ୨୯୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 294 | ମୂଲ୍ୟ₹୭/-




# କୌଳିକ ବୃତ୍ତିଧାରୀଙ୍କୁ ସମ୍ମାନ

## ୧୩ ହଜାର କୋଟିର ପିଏମ୍ ବିଶ୍ୱକର୍ମା ଯୋଜନା ଶୁଭାରମ୍ଭ

### ପାରମ୍ପରିକ କାରିଗରଙ୍କୁ ୫% ସୁଧରେ ଋଣ ମିଳିବ

ନୂଆଦିଲ୍ଲୀ,୧୭।୯

ବିଶ୍ୱକର୍ମା ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ପିଏମ୍ ବିଶ୍ୱକର୍ମା' ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ କୌଳିକ ବୃତ୍ତିଧାରୀ କାରିଗରମାନଙ୍କୁ ବିନା ବନ୍ଧକରେ ସର୍ବନିମ୍ନ ସୁଧହାର ଋଣ ସହାୟତା ଯୋଗାଇ ଦିଆଯିବ। ୫ ବର୍ଷ ପାଇଁ ଏହି ଯୋଜନାର କାର୍ଯ୍ୟକାରିତା ନିମନ୍ତେ ୧୩,୦୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଫଳରେ ବୁଣାକାର, ବଣିଆ, କମାର, ଲଣ୍ଡ୍ରି କାମରେ ନିୟୋଜିତ ଲୋକେ ଏବଂ ନାପିତଙ୍କ ସମେତ ପ୍ରାୟ ୩୦ ଲକ୍ଷ ପାରମ୍ପରିକ କାରିଗର ଓ ଶିଳ୍ପକାର ପରିବାର ଉପକୃତ ହେବେ। ସେମାନଙ୍କ ଉତ୍ପାଦ ଓ ସେବାର ଉପଲବ୍ଧତା ଓ ମାନ ବଢ଼ାଇବା ବିଶ୍ୱକର୍ମା ଯୋଜନାର ଲକ୍ଷ୍ୟ। ଏହି ଯୋଜନାରେ ବନ୍ଧକମୁକ୍ତ ଉଦ୍ୟୋଗ ବିକାଶ ଋଣ ପ୍ରଥମ କିସ୍ତିରେ ୧ ଲକ୍ଷ ଟଙ୍କା (ପରିଶୋଧ ଅବଧି ୧୮ ମାସ) ଏବଂ ଦ୍ୱିତୀୟ କିସ୍ତିରେ ୨ ଲକ୍ଷ ଟଙ୍କା (ପରିଶୋଧ ଅବଧି ୩୦ ମାସ) ଯୋଗାଇ ଦିଆଯିବ। ହିତାଧିକାରୀଙ୍କୁ ଏଥିପାଇଁ ୫ ପ୍ରତିଶତ ସୁଧ ଦେବାକୁ ପଡ଼ିବ ଏବଂ ଅବଶିଷ୍ଟ ୮ ପ୍ରତିଶତ ସୁଧ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଭରଣା କରିବ। ଋଣ ଗ୍ୟାରେଣ୍ଟି ଦେୟ ମଧ୍ୟ କେନ୍ଦ୍ର ସରକାର ପୈଠ କରିବେ। ଋଣ ହିତାଧିକାରୀଙ୍କୁ ୫ରୁ ୭ ଦିନ ମୌଳିକ ତାଲିମ ଦିଆଯିବା ପରେ ଦକ୍ଷତା ଯାଞ୍ଚ କରାଯାଇ ସେମାନଙ୍କୁ ବିଶ୍ୱକର୍ମା ଭାବେ ସ୍ୱୀକୃତି ସ୍ୱରୂପ ସାର୍ଟିଫିକେଟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଆଗ୍ରହୀ ପ୍ରାର୍ଥୀ ୧୫ ଦିନିଆ ଅଗ୍ରିମ ପ୍ରଶିକ୍ଷଣ ପାଇଁ ନିଜକୁ ପଞ୍ଜୀକୃତ କରିପାରିବେ। ଏଥିପାଇଁ ସେମାନଙ୍କୁ ଦୈନିକ ୫୦୦ ଟଙ୍କା ଷ୍ଟାଇପେଣ୍ଡ ଯୋଗାଇ ଦିଆଯିବ। ଏହା ବ୍ୟତୀତ ସେମାନଙ୍କୁ ଉପକରଣ ପ୍ରୋତ୍ସାହନ ଭାବେ ୧୫,୦୦୦ ଟଙ୍କା ସହ ପ୍ରତି ଡିଜିଟାଲ କାରବାର ପାଇଁ ୧ ଟଙ୍କା ହିସାବରେ ମାସିକ ସର୍ବାଧିକ ୧୦୦ଟି କାରବାର ପାଇଁ ପ୍ରୋତ୍ସାହନ ଦିଆଯିବ।

### ନିର୍ବାଚନୀ ଜୁମ୍‌ଲା କହିଲା କଂଗ୍ରେସ

ପିଏମ୍ ବିଶ୍ୱକର୍ମା ଯୋଜନା ଶୁଭାରମ୍ଭକୁ ନେଇ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମାଲୋଚନା କରିଛି। କେନ୍ଦ୍ରର ଏହା ଆଉ ଏକ ନିର୍ବାଚନୀ ଜୁମ୍‌ଲା ବୋଲି କଂଗ୍ରେସ ଅଭିଯୋଗ କରିବା ସହ ଜାତି ଭିତ୍ତିକ ଜନଗଣନା ପ୍ରସଙ୍ଗରେ ସରକାର ନୀରବ କାହିଁକି ବୋଲି ପ୍ରଶ୍ନ କରିଛି। ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅବସର ନେବା ସମୟ ଆସିଯାଇଛି। ଜନସାଧାରଣ ଆଉଥରେ ବୋକା ବନିବେ ନାହିଁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

## 'ଯଶୋଭୂମି' ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ମେଗା କନ୍‌ଭେନ୍‌ଶନ ସେଣ୍ଟର 'ଯଶୋଭୂମି'ର ଉଦ୍‌ଘାଟନ କରିଛନ୍ତି। ଭାରତ ମଣ୍ଡପମ୍ ଏବଂ ନବନିର୍ମିତ ଯଶୋଭୂମିରେ ବିଭିନ୍ନ ଉତ୍ସବ, କାର୍ଯ୍ୟକ୍ରମ ଆୟୋଜନ କରିବା ଲାଗି ପ୍ରଧାନମନ୍ତ୍ରୀ ବିଭିନ୍ନ ଚଳଚ୍ଚିତ୍ର, ଟେଲିଭିଜନ ଶିଳ୍ପ ସମେତ ବୈଶ୍ୱିକ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିଛନ୍ତି। ଇଣ୍ଡିଆ ଇଣ୍ଟରନ୍ୟାଶନାଲ କନ୍‌ଭେନ୍‌ଶନ ଆଣ୍ଡ୍ ଏକ୍ସପୋ ସେଣ୍ଟର 'ଯଶୋଭୂମି'ର ଫେଜ୍-୧କୁ ୫,୪୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଏହାର ସମ୍ପୂର୍ଣ୍ଣ ନିର୍ମାଣ ଅଞ୍ଚଳ ୧.୮ ଲକ୍ଷ ବର୍ଗମିଟରରୁ ଅଧିକ। ବିଶ୍ୱର ସର୍ବବୃହତ୍ ଏମ୍‌ଆଇସିଇ (ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ ଓ ପ୍ରଦର୍ଶନୀ) କେନ୍ଦ୍ର ମଧ୍ୟରେ ଏହା ସ୍ଥାନ ପାଇଛି। ସମ୍ମିଳନୀ ପର୍ଯ୍ୟଟନର ଭବିଷ୍ୟତ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ପାଇଁ ଏହି ସେକ୍ଟରର ପ୍ରଚୁର ସାମର୍ଥ୍ୟ ରହିଛି, ଯାହାର ମୂଲ୍ୟ ୨୫,୦୦୦ କୋଟିରୁ ଅଧିକ ହେବ। ତେଣୁ ଭାରତ ମଣ୍ଡପମ୍ ଏବଂ ଯଶୋଭୂମି ଦିଲ୍ଲୀକୁ ସମ୍ମିଳନୀ ପର୍ଯ୍ୟଟନର ସର୍ବବୃହତ୍ ହବ୍‌ରେ ପରିଣତ କରିବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ପ୍ରଧାନମନ୍ତ୍ରୀ ଦିଲ୍ଲୀ ମେଟ୍ରୋର ଏୟାରପୋର୍ଟ ଲାଇନ୍ ସମ୍ପ୍ରସାରଣକୁ ଉଦ୍‌ଘାଟନ କରିଛନ୍ତି। ଏହି ଲାଇନ୍‌କୁ ୨ କିଲୋମିଟର ସମ୍ପ୍ରସାରଣ କରାଯାଇ ଯଶୋଭୂମି ଦ୍ୱାରକା ସେକ୍ଟର ୨୫ ଷ୍ଟେଶନ ପର୍ଯ୍ୟନ୍ତ ବଢ଼ାଯାଇଛି। ନୂଆ ଷ୍ଟେଶନରେ ପ୍ରଧାନମନ୍ତ୍ରୀ ଏକ ଫଳକ ଉନ୍ମୋଚନ କରିବା ପରେ ସେଠାରେ କେତେଜଣ ମେଟ୍ରୋ କର୍ମଚାରୀଙ୍କ ସହ କଥା ହୋଇଥିଲେ। ଉଦ୍‌ଘାଟନ ପୂର୍ବରୁ ମୋଦି ଧଉଲାକୁଆଁ ଷ୍ଟେଶନରୁ ନବନିର୍ମିତ ଯଶୋଭୂମି ଦ୍ୱାରକା ସେକ୍ଟର-୨୫ ଷ୍ଟେଶନ ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିଥିଲେ। ସେ ଅନ୍ୟ ଯାତ୍ରୀମାନଙ୍କ ସହ ଭାବ ବିନିମୟ କରିବା ସହିତ ସେଲ୍‌ଫି ନେଇଥିଲେ।

### ଦିଲ୍ଲୀ ମେଟ୍ରୋ ଏୟାରପୋର୍ଟ ସମ୍ପ୍ରସାରଣ ଉଦ୍‌ଘାଟିତ



## ସଂକ୍ଷେପରେ

### ମଣିପୁରରେ ଯବାନଙ୍କୁ ଅପହରଣ କରି ହତ୍ୟା



ସେର୍ତୋ ଥାଙ୍ଗ୍‌ଥାଙ୍ଗ୍ କୋମ୍

**ଇମ୍ଫାଲ,୧୭।୯:** ମଣିପୁରର ଇମ୍ଫାଲ ଇଷ୍ଟ ଜିଲା ଅନ୍ତର୍ଗତ ଖୁନିଙ୍ଗ୍‌ଥେକ୍ ଗ୍ରାମରୁ ରବିବାର ଜଣେ ଯବାନଙ୍କ ମୃତଦେହ ମିଳିଛି। ମୃତ ଯବାନ ହେଉଛନ୍ତି ସିପାହି ସେର୍ତୋ ଥାଙ୍ଗ୍‌ଥାଙ୍ଗ୍ କୋମ୍। ସେ କୋମ୍ ଜିଲାର ଲେଇମାଖୋଙ୍ଗରେ ସେନାର ଡିଫେନ୍ସ ସିକ୍ୟୁରିଟି କର୍ପସ (ଡିଏସ୍‌ସି) ପ୍ଲାଟୁନ୍‌ରେ ନିୟୋଜିତ ଥିଲେ। ତାଙ୍କ ଘର ଇମ୍ଫାଲ ୱେଷ୍ଟର ଟାରୁଙ୍ଗ୍‌ରେ। ଛୁଟିରେ ଥିବା ସିପାହି କୋମ୍‌ଙ୍କୁ ଶନିବାର ସକାଳ ୧୦ଟାରେ ୩ଜଣ ଅଜଣା ସଶସ୍ତ୍ର ବ୍ୟକ୍ତି ତାଙ୍କ ଘରୁ ଅପହରଣ କରିନେଇଥିଲେ। ସେମାନେ ସିପାହିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ତାଙ୍କୁ ଗାଡ଼ିରେ ନେଇଯାଇଥିଲେ ବୋଲି ତାଙ୍କ ୧୦ ବର୍ଷର ପୁଅ କହିଛନ୍ତି। ସେ ଏହି ଅପହରଣର ଏକମାତ୍ର ସାକ୍ଷୀ। କୋମ୍‌ଙ୍କ ମୁଣ୍ଡରେ ଗୁଳି ବାଜିଥିବାର କ୍ଷତ ରହିଛି। ସେ ତାଙ୍କ ସ୍ତ୍ରୀ ଓ ଝିଅ-ପୁଅଙ୍କ ସହ ରହୁଥିଲେ। ଅପହରଣକାରୀଙ୍କୁ ଧରିବା ଲାଗି ସୁରକ୍ଷା ବଳ ତନାଘନା ଚଳାଇଛି।

### ନାବାଳିକା ବଳାତ୍କାର, ହତ୍ୟା ମାମଲାରେ ଫାଶୀ ଦଣ୍ଡାଦେଶ

**କୈଥଲ,୧୭।୯:** ହରିୟାଣାର କୈଥଲର ଜଣେ ୭ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାରେ ଫାଷ୍ଟଟ୍ରାକ୍ କୋର୍ଟ ଅଭିଯୁକ୍ତଙ୍କୁ ପୋକ୍ସୋ ଆଇନରେ ଦୋଷୀସାବ୍ୟସ୍ତ କରି ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଅପରାଧ ଘଟଣାର ୧୧ ମାସ ମଧ୍ୟରେ ଦଣ୍ଡାଦେଶ ଶୁଣାଯାଇଛି। ଏଥିସହିତ ମୃତା ନାବାଳିକାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଜିଲା ନ୍ୟାୟିକ ସେବା କର୍ତ୍ତୃପକ୍ଷଙ୍କ ଜରିଆରେ ପୈଠ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ଅକ୍ଟୋବର ୮ରେ କୈଥଲ ଗ୍ରାମର ଜଣେ ପଡ଼ୋଶୀ ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ନେଇଯାଇ ବଳାତ୍କାର କରିବା ପରେ ତାଙ୍କୁ ହତ୍ୟା କରି ମୃତଦେହକୁ ପୋଡ଼ି ଜଙ୍ଗଲ ମଧ୍ୟରେ ଫିଙ୍ଗିଦେଇଥିଲେ। ଦଣ୍ଡ ଶୁଣାଣି ବେଳେ ଅଦାଲତ ଏହାକୁ ବିରଳରୁ ବିରଳତମ ଅପରାଧ କହିବା ସହ ଅପରାଧୀ କ୍ଷମା ପାଇବା ଯୋଗ୍ୟ ନୁହନ୍ତି ବୋଲି ସ୍ପଷ୍ଟ କରିଥିଲେ।

### ୫ମ ଦିନରେ ଏନ୍‌କାଉଣ୍ଟର: ଆତଙ୍କବାଦୀଙ୍କ ସନ୍ଧାନରେ ସେନା

ଅନନ୍ତନାଗ,୧୭।୯

ଜମ୍ମୁ-କଶ୍ମୀରର ଅନନ୍ତନାଗ ଜିଲାରେ ଆତଙ୍କବାଦୀମାନଙ୍କ ସହ ସୁରକ୍ଷା ବଳର ଗୁଳି ବିନିମୟ ରବିବାର ପଞ୍ଚମ ଦିନରେ ଜାରି ରହିଛି। ଗାଡୋଲର ଘଞ୍ଚ ଜଙ୍ଗଲ ମଧ୍ୟରେ ଅର୍ଦ୍ଧସାମରିକ କମାଣ୍ଡୋମାନଙ୍କ ସହ ହଜାରେ ଊର୍ଦ୍ଧ୍ୱ ଯବାନ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ତେବେ ବିପଜ୍ଜନକ ଅଞ୍ଚଳ ଏବଂ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ଜଙ୍ଗଲ ଯୁଦ୍ଧରେ ଅଭିଜ୍ଞ ଆତଙ୍କବାଦୀମାନେ ନିଜକୁ ସୈନ୍ୟମାନଙ୍କଠାରୁ ଦୂରେଇ ରଖି ଏନ୍‌କାଉଣ୍ଟରକୁ ଶେଷ ହେବାକୁ ଦେଉ ନାହାନ୍ତି। ଫଳରେ ବୁଧବାରଠାରୁ ଆରମ୍ଭ ହୋଇଥିବା ଗୁଳି ବିନିମୟ ଜାରି ରହିଛି। ଆତଙ୍କବାଦୀଙ୍କ ଗୁଳିରେ ଦୁଇ ସେନା ଅଧିକାରୀ, ଜଣେ ପୋଲିସ ଅଧିକାରୀଙ୍କ ସମେତ ୪ ଜଣ ଶହୀଦ ହେଲେଣି। ହେଲେ ସୁରକ୍ଷା ବଳକୁ ଏପର୍ଯ୍ୟନ୍ତ କୌଣସି ସଫଳତା ମିଳିନାହିଁ। ପ୍ରଚୁର ଅସ୍ତ୍ରଶସ୍ତ୍ର ସହ ୨ରୁ ୩ ଜଣ ଆତଙ୍କବାଦୀ ଲୁଚିରହିଥିବା ବିଶ୍ୱାସ କରାଯାଉଛି। ୧୦୦ ଘଣ୍ଟାରୁ ଊର୍ଦ୍ଧ୍ୱ ଅଭିଯାନରେ ସୈନ୍ୟବାହିନୀ ଆତଙ୍କବାଦୀଙ୍କ ସମ୍ଭାବ୍ୟ ଗୁପ୍ତ ଆଡ୍ଡା ଉପରେ ଶତାଧିକ ମୋର୍ଟାର ଶେଲ୍ ଏବଂ ରକେଟ୍ ମାଡ଼ କରିବା ସହ ଅତ୍ୟାଧୁନିକ ଉପକରଣର ସହାୟତା ନେଇଛି। ଡ୍ରୋନ୍ ଜରିଆରେ ଉକ୍ତ ଅଞ୍ଚଳରେ ବୋମାମାଡ଼ କରାଯାଉଛି। ସେନା ନର୍ଦ୍ଦର୍ନ କମାଣ୍ଡ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଶନିବାର ଏନ୍‌କାଉଣ୍ଟର ସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

## ଶାନ୍ତିନିକେତନ ବିଶ୍ୱ ଐତିହ୍ୟ



ରିୟାଧ,୧୭।୯

ପଶ୍ଚିମବଙ୍ଗର ଶାନ୍ତିନିକେତନ ସହର ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇଛି। ସାଉଦି ଆରବରେ ରବିବାର ଅନୁଷ୍ଠିତ ବିଶ୍ୱ ଐତିହ୍ୟ କମିଟିର ୪୫ତମ ଅଧିବେଶନରେ ଏହି ନିଷ୍ପତ୍ତି ନିଆଯାଇଛି। ବିଶ୍ୱକବି ତଥା ଦାର୍ଶନିକ ରବୀନ୍ଦ୍ର ନାଥ ଟାଗୋର ୧୯୦୧ରେ ଶାନ୍ତି ନିକେତନ ଆବାସିକ ବିଦ୍ୟାଳୟ ସ୍ଥାପନ କରିଥିଲେ। ଏହା ପ୍ରାଚୀନ ଭାରତୀୟ ପରମ୍ପରା ଏବଂ ଧର୍ମ ଓ ସଂସ୍କୃତିର ସୀମା ଊର୍ଦ୍ଧ୍ୱରେ ମାନବୀୟ ଏକତା ଦୃଷ୍ଟିଭଙ୍ଗୀ ଆଧାରିତ କଳାକେନ୍ଦ୍ର ଥିଲା। ମାନବୀୟ ଏକତା ବା 'ବିଶ୍ୱଭାରତୀ'କୁ ସ୍ୱୀକୃତି ଦେଇ ୧୯୨୧ରେ ସେଠାରେ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ବୀରଭୂମ ଜିଲାରେ ଅବସ୍ଥିତ ଶାନ୍ତି ନିକେତନକୁ ୟୁନେସ୍କୋ ମାନ୍ୟତା ମିଳିବା ନେଇ ଭାରତ ଦୀର୍ଘଦିନରୁ ଦାବି କରିଆସୁଥିଲା। ଅନ୍ତର୍ଜାତୀୟ କୀର୍ତ୍ତିରାଜି ପରିଷଦ ଶାନ୍ତିନିକେତନକୁ ୟୁନେସ୍କୋ ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ କରିବା ଲାଗି ସୁପାରିସ କରିଥିଲା।



ଆସନ୍ତା ୧୯ ଯାଏ ଚାଲିବାକୁ ଥିବା ଲଣ୍ଡନ୍ ଫ୍ୟାଶନ ୱିକ୍‌ର ବୋରା ଅକ୍ସୁ କ୍ୟାଟ୍‌ୱାକ୍ ଶୋ'ରେ ଭାଗ ନେବା ପୂର୍ବରୁ ବ୍ୟାକ୍‌ଷ୍ଟେଜ୍‌ରେ ପ୍ରସ୍ତୁତ ହେଉଛନ୍ତି ଜଣେ ମଡେଲ। (ଫଟୋ ସୌଜନ୍ୟ: ରଏଟର୍ସ)

## ନୂଆ ସଂସଦ ଭବନରେ ଉଡ଼ିଲା ତ୍ରିରଙ୍ଗା

ନୂଆଦିଲ୍ଲୀ,୧୭।୯

ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ରବିବାର ନୂଆ ପାର୍ଲାମେଣ୍ଟ ବିଲ୍ଡିଂର 'ଗଜଦ୍ୱାର' ଉପରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ତାଙ୍କ ସହ ଏହି କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସାମିଲ ଥିଲେ। ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ସୋମବାର ଆରମ୍ଭ ହେଉଥିବାବେଳେ ଏହାର ଗୋଟିଏ ଦିନ ପୂର୍ବରୁ ନୂଆ ସଂସଦ ଭବନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ପୁରୁଣା ସଂସଦ ଭବନରେ ଅଧିବେଶନ ଆରମ୍ଭ ହୋଇ ପରେ ଏହାକୁ ନୂଆ ଭବନକୁ ସ୍ଥାନାନ୍ତର କରାଯିବ ବୋଲି କୁହାଯାଉଛି। ତ୍ରିରଙ୍ଗା ଉତ୍ତୋଳନ ଅବସରରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ, ପ୍ରହ୍ଲାଦ ଜୋଷୀ, ଅର୍ଜୁନ ରାମ ମେଘୱାଲ ଓ ବିଭିନ୍ନ ଦଳର ନେତାମାନେ ଉପସ୍ଥିତ ଥିଲେ। ପୂର୍ବରୁ ଧନ୍‌କର ଏବଂ ବିର୍ଲାଙ୍କୁ ନୂଆ ଭବନ ପରିସରରେ ସିଆର୍‌ପିଏଫ୍ ଯବାନମାନେ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲେ।

## ମହିଳାଙ୍କୁ ମାଡ଼ ମାରି ଫସିଲେ ଓକିଲ

ସିଙ୍ଗାପୁର,୧୭।୯

ସିଙ୍ଗାପୁରରେ ମହିଳାଙ୍କୁ ଚାପୁଡ଼ା ମାରି ଫସିଛନ୍ତି ଜଣେ ଭାରତୀୟ ବଂଶୋଦ୍ଭବ ଓକିଲ। ତାଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ସେ ପରିଚାଳନା କରୁଥିବା ଅନ୍ୟ ମାମଲାଗୁଡ଼ିକରୁ ତାଙ୍କୁ ନିଲମ୍ବନ କରାଯାଇଛି। ଅଭିଯୁକ୍ତ ଓକିଲ ରବି ମଦାସ୍ୱାମୀ ସିଙ୍ଗାପୁରରେ ଥିବା ମାରିଆମାନ୍ ହିନ୍ଦୁ ମନ୍ଦିରରେ ଜଣେ ମହିଳାଙ୍କୁ ଚାପୁଡ଼ା ମାରିଥିଲେ ଏବଂ ଅନ୍ୟ ଜଣେ ମହିଳାଙ୍କୁ ଗାଳି କରିଥିଲେ। ସ୍ଥାନୀୟ ମେଡିକାଲରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯିବା ପରେ ଆସନ୍ତା ୨୯ ତାରିଖରେ ତାଙ୍କୁ କୋର୍ଟରେ ହାଜର କରାଯିବ ବୋଲି ପୋଲିସ କହିଛି। ପୂର୍ବରୁ ତାଙ୍କ ବିରୋଧରେ ଅନ୍ୟ ଦୁଇଟି ମାମଲା ରହିଛି।

## ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଏକଚ୍ଛତ୍ରବାଦୀ ସରକାରକୁ ଉପାଡ଼ି ଫିଙ୍ଗ:ଖାର୍ଗେ

ହାଇଦ୍ରାବାଦ,୧୭।୯

### ସିଡବ୍ଲ୍ୟୁସି ବୈଠକ

- ଭାଜପା ଫାଶରେ ନ ପଡ଼ିବାକୁ ରାହୁଲଙ୍କ ପରାମର୍ଶ
- ଗଣମାଧ୍ୟମଠାରୁ ଦୂରେଇ ରହିବାକୁ କହିଲେ ସୋନିଆ

ନବଗଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ରବିବାର ଦ୍ୱିତୀୟ ଦିନ ବୈଠକରେ ଆଗାମୀ ବିଧାନସଭା ନିର୍ବାଚନ ଓ ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତି ଉପରେ ବିଚାର ବିମର୍ଶ କରାଯାଇଥିଲା। ସଫଳତା ସୁନିଶ୍ଚିତ କରିବା ଲାଗି ଏକତା ଏବଂ ଶୃଙ୍ଖଳା ଉପରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗୁରୁତ୍ୱ ଦେଇଛନ୍ତି। ବ୍ୟକ୍ତିଗତ ମତପାର୍ଥକ୍ୟକୁ ଭୁଲି ଦଳର ସଫଳତା ଏବଂ ଦେଶରେ ଏକ ବିକଳ୍ପ ସରକାର ଗଠନ ଦିଗରେ ଏକାଠି କାର୍ଯ୍ୟ କରିବାକୁ ହେବ। ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ଏକଚ୍ଛତ୍ରବାଦ ସରକାରକୁ ଉପାଡ଼ି ଫିଙ୍ଗିଦେବା ଲାଗି କଂଗ୍ରେସ ଅଧ୍ୟକ୍ଷ ଦଳୀୟ ନେତା ଓ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ୫ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ସମେତ ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ଲକ୍ଷ୍ୟରେ ସମସ୍ତେ କାମ କରିବାକୁ ସେ ସିଡବ୍ଲୁସି ସଦସ୍ୟ, ରାଜ୍ୟ ଶାଖା ସଭାପତି ଓ କଂଗ୍ରେସ ବିଧାୟକ ଦଳ ନେତାମାନଙ୍କୁ ଖାର୍ଗେ ପରାମର୍ଶ ଦେଇଛନ୍ତି। ଏଥିସହିତ ଜମ୍ମୁ-କଶ୍ମୀରରେ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ସେ କହିଛନ୍ତି।

ଭାଜପାର ମାୟାଜାଲରେ ନ ପଡ଼ିବାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦଳୀୟ ସଦସ୍ୟମାନଙ୍କୁ ସତର୍କ କରାଇବା ସହ ଜନସାଧାରଣଙ୍କ ବାସ୍ତବ ପ୍ରସଙ୍ଗ ଉପରେ ଗୁରୁତ୍ୱ ଦେବା ଏବଂ ଆଦର୍ଶଗତ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଛନ୍ତି। ସନାତନ ଧର୍ମ ଉପରେ ଡିଏମ୍‌କେ ନେତା ଉଦୟନିଧି ଷ୍ଟାଲିନ୍‌ଙ୍କ ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଥିବାବେଳେ କଂଗ୍ରେସ ଧର୍ମୀୟ ପ୍ରସଙ୍ଗରୁ ଦୂରେଇ ରହିବା ଉଚିତ ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂ ପ୍ରମୁଖ କେତେଜଣ ନେତା ପରାମର୍ଶ ଦେଇଥିଲେ। ଦଳୀୟ କର୍ମୀମାନେ ଆତ୍ମସଂଯମୀ ହେବା ସହ ଗଣମାଧ୍ୟମରେ କଂଗ୍ରେସ ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ଭଳି ବିବୃତି ଦେବାରୁ ଦୂରେଇ ରହିବାକୁ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଦଳୀୟ ନେତାମାନଙ୍କୁ କହିଥିଲେ। କେଉଁ ଗଣମାଧ୍ୟମ ଏବଂ ଖବରଦାତାମାନଙ୍କ ସହ କଂଗ୍ରେସ ନେତାମାନେ ସମ୍ପର୍କ କରିବେ ନାହିଁ, ତାହାର ଏକ ତାଲିକା ଦଳ ପକ୍ଷରୁ ପ୍ରକାଶ କରାଯାଇଛି। ସିଡବ୍ଲ୍ୟୁସିରେ ୩୯ ନିୟମିତ ସଦସ୍ୟଙ୍କ ସମେତ ୩୨ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଏବଂ ୧୩ ସ୍ୱତନ୍ତ୍ର ଆମନ୍ତ୍ରିତ ସଦସ୍ୟ ରହିଛନ୍ତି।

## ଯୁବତୀଙ୍କୁ ବାଇକ୍ ଚଢ଼ାଇ ମାରିଲେ ଦୁର୍ବୃତ୍ତ

**ଆମ୍ବେଦକରନଗର,୧୭।୯:** ଉତ୍ତରପ୍ରଦେଶର ଆମ୍ବେଦକରନଗର ଜିଲାରେ ଶନିବାର ୩ଜଣ ଦୁର୍ବୃତ୍ତ ଜଣେ ଯୁବତୀଙ୍କ ଓଢ଼ଣି ଟାଣିବା ସହ ବାଇକ୍ ଚଢ଼ାଇ ଦେଇଛନ୍ତି। ଫଳରେ ଯୁବତୀଙ୍କ ମୃତ୍ୟୁ ଘଟିଛି। ପୋଲିସ ଦୁର୍ବୃତ୍ତମାନଙ୍କୁ ଗିରଫ କରିଛି। ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଯୁବତୀ ଜଣକ ସ୍କୁଲରୁ ଫେରୁଥିବାବେଳେ ୨ଜଣ ଦୁର୍ବୃତ୍ତ ଆସି ପ୍ରଥମେ ତାଙ୍କ ଓଢ଼ଣିକୁ ଟାଣି ନେଇଥିଲେ। ଯୁବତୀ ଜଣକ ଏହାର ପ୍ରତିରୋଧ କରିବା ସହ ଓଢ଼ଣିକୁ ଜାବୁଡ଼ି ଧରିଥିଲେ। ଫଳରେ ତଳେ ପଡ଼ିଯାଇଥିଲେ। ଏତିକିବେଳେ ଅନ୍ୟ ଜଣେ ଆସି ଯୁବତୀଙ୍କ ମୁଣ୍ଡ ଉପରେ ବାଇକ୍ ଚଢ଼ାଇ ଦେଇଥିଲେ।

## ବାର୍ ସଦସ୍ୟ ସଚ୍ଚୋଟ ନ ହେଲେ ନ୍ୟାୟିକ ପେସା ଆପେ ନଷ୍ଟ ହୋଇଯିବ: ସିଜେଆଇ

ଛତ୍ରପତି ସମ୍ଭାଜୀନଗର,୧୭।୯

ଆଇନ ବୃତ୍ତିର ମୂଳ ହେଲା ସାଧୁତା। ବିଚାରପତି ଓ ଆଇନଜୀବୀମାନଙ୍କ ପେସା ସେମାନଙ୍କ ସଚ୍ଚୋଟତା ଉପରେ ନିର୍ଭର କରୁଛି। ଯଦି ଆମେ ସଚ୍ଚୋଟତା ବଜାୟ ରଖିବା ତେବେ ଏହି ପେସା ସଫଳତାର ସହ ଆଗକୁ ବଢ଼ିବ, ନଚେତ୍ ତାହା ଆପେ ନଷ୍ଟ ହୋଇଯିବ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। 'ନ୍ୟାୟିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଦିଗରେ ଆଇନଜୀବୀ ଓ ବିଚାରପତିମାନଙ୍କ ମଧ୍ୟରେ ସହଯୋଗ ବୃଦ୍ଧି' ଶୀର୍ଷକ ଉପରେ ଉଦ୍‌ବୋଧନ ଦେଇ ସିଜେଆଇ ଆହୁରି କହିଛନ୍ତି, ଗୋଟିଏ ଧୂଳିଝଡ଼ରେ ସାଧୁତା ନଷ୍ଟ ହୋଇଯାଏ ନାହିଁ। ଆଇନଜୀବୀ ଓ ବିଚାରପତିମାନଙ୍କ ଛୋଟ ଛୋଟ ରିହାତି ଏବଂ ସାଲିସ୍‌ରୁ ଏହା ଧୀରେ ଧୀରେ ନଷ୍ଟ ହୋଇଥାଏ। ଆପଣ ସାରା ବିଶ୍ୱକୁ ବୋକା ବନାଇ ପାରନ୍ତି, କିନ୍ତୁ ନିଜ ବିବେକକୁ ନୁହେଁ। ଏହା ସବୁ ରାତିରେ ଆପଣଙ୍କୁ ପ୍ରଶ୍ନ ପଚାରିଚାଲିବ ବୋଲି ସିଜେଆଇ କହିଛନ୍ତି। ଆଇନଜୀବୀ ବିଚାରପତିଙ୍କୁ ସମ୍ମାନ ଦେଲେ ସେମାନେ ସମ୍ମାନ ପାଇବେ। ସେହିପରି ବିଚାରପତି ଆଇନଜୀବୀମାନଙ୍କୁ ସମ୍ମାନ ଦେଲେ ସେମାନେ ସମ୍ମାନିତ ହେବେ। ଉଭୟେ ଗୋଟିଏ ଆଇନ ଚକର ଅଂଶ ବୋଲି ହୃଦ୍‌ବୋଧ କଲେ ପାରସ୍ପରିକ ସମ୍ମାନ ମିଳିପାରିବ ବୋଲି ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି।

## ମୂଷା ଧରିବାକୁ ରେଲ୍‌ୱେର ୬୯ ଲକ୍ଷ ଖର୍ଚ୍ଚ

ଲକ୍ଷ୍ନୌ,୧୭।୯

ମୂଷା ଧରିବା ପାଇଁ ନର୍ଦ୍ଦର୍ନ ରେଲ୍‌ୱେର ଲକ୍ଷ୍ନୌ ଡିଭିଜନ ଗତ ୨ବର୍ଷ ମଧ୍ୟରେ ୬୯ ଲକ୍ଷ ଖର୍ଚ୍ଚ କରିଥିବା ନେଇ ସୂଚନା ଅଧିକାର ଆଇନର ତଥ୍ୟରୁ ଜଣାପଡ଼ିଛି। ୨୦୨୦ରୁ ୨୦୨୨ ମଧ୍ୟରେ ଏହି ଟଙ୍କା ଖର୍ଚ୍ଚ କରାଯାଇଥିବା ଦର୍ଶାଯାଇଥିବାବେଳେ ଭାରତୀୟ ରେଳ ବିଭାଗରେ ବ୍ୟାପକ ଦୁର୍ନୀତି ହେଉଛି। ଏହା ଏହି ଘଟଣାରୁ ପ୍ରମାଣିତ ହୋଇଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ସୂଚନା ଅଧିକାର କର୍ମୀ ଚନ୍ଦ୍ରଶେଖର ଗାଉର ଏହି ତଥ୍ୟ ମାଗିଥିଲେ। ଏଥିରେ ଏକଥା ମଧ୍ୟ ଦର୍ଶାଯାଇଛି ଯେ ଗତ ୨



ବର୍ଷ ମଧ୍ୟରେ ୧୬୮ଟି ମୂଷା ଧରାଯାଇଛି। ମୂଷା ଧରିବା ପାଇଁ ଖର୍ଚ୍ଚ ହୋଇଥିବା ଟଙ୍କା କଥା ଯଦି କୁହାଯିବ ତେବେ ଗୋଟିଏ ମୂଷା ଧରିବାକୁ ପ୍ରାୟ ୪୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହାକୁ ନେଇ ରାଜ୍ୟ ସଭା ଏମ୍‌ପି ରଣଦୀପ ସିଂ ଟ୍ୱିଟରରେ କଟାକ୍ଷ କରିବା ସହ ରେଳବିଭାଗ ମୂଷା ଧରିବା ଆଳରେ କିପରି ଦୁର୍ନୀତି କରୁଛି ତାହା ଜଣାପଡ଼ିଥିବା ଅଭିଯୋଗ କରିଛନ୍ତି। ସାରା ଦେଶରେ ଦୁର୍ନୀତିର ମୂଷା ଲୋକଙ୍କ ପକେଟକୁ ଦୈନିକ କଣା କରିଚାଲିଛି। ପରିଣାମ ସ୍ୱରୂପ ଭାଜପା ସରକାର ଲୋକଙ୍କୁ ଦୈନିକ ଲୁଟିବାରେ ଲାଗିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ନିଜେ ଖାଇବି ନା ଅନ୍ୟକୁ ଖାଇବାକୁ ଦେବି ବୋଲି କହିଥିବା ସରକାର ବରିଷ୍ଠ ନାଗରିକମାନଙ୍କୁ ମିଳୁଥିବା ରିହାତିକୁ ମଧ୍ୟ ଖାଇଯାଇଛନ୍ତି ବୋଲି ସିଂ ଅଭିଯୋଗ କରିଛନ୍ତି। ଆର୍‌ଟିଆଇର ସୂଚନା ଅନୁସାରେ ୨୦୧୯ରୁ ୨୦୨୨ ମଧ୍ୟରେ ୨୩,୧୬,୧୫୦.୮୪ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ଖର୍ଚ୍ଚ ପରିମାଣର ସଠିକ ସୂଚନା ଦିଆଯାଇନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୮/୨୦୨୩ Bhubaneswar, Monday, September 18/2023




## ସିଙ୍ଗାପୁର ଗ୍ରାଁ ପ୍ରି ଜିତିଲେ ସେଞ୍ଜ୍
ଫେରାରିର କାର୍ଲୋସ ସେଞ୍ଜ ଜୁନିୟର ସିଙ୍ଗାପୁର ଫର୍ମୁଲାୱାନ ମୋଟର ରେସ୍ ଗ୍ରାଁ. ପ୍ରି ଜିତିଛନ୍ତି।
୧୨

୦୮
## ପାକିସ୍ତାନରୁ ପ୍ରଥମ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗୀ
ପାକିସ୍ତାନ ଇତିହାସରେ ପ୍ରଥମ ଥର ପାଇଁ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗୀ ଭାବେ କରାଚିର ଏରିକା ରୋବିନଙ୍କୁ ବିବେଚିତ କରାଯାଇଛି।





କଲମ୍ବୋରେ ରବିବାର ଅନୁଷ୍ଠିତ ଏସିଆ କପ୍ ଫାଇନାଲରେ ଉଇକେଟ୍ ନେବା ପରେ ଉଲ୍ଲସିତ ଭାରତର ଦ୍ରୁତ ବୋଲର ମହମ୍ମଦ ସିରାଜ।

# ମହିଳା ସଂରକ୍ଷଣ ବିଲ୍ ଆଣ

## ସର୍ବଦଳୀୟ ବୈଠକରେ ବିଜେଡି, ବିଆର୍‌ଏସ୍, ବିରୋଧୀଙ୍କ ଦାବି

**ସଂସଦର ୫ ଦିନିଆ ସ୍ୱତନ୍ତ୍ର ଅଧିବେଶନ ସୋମବାର ଆରମ୍ଭ ହେବ। ସେପ୍ଟେମ୍ବର ୨୨ ଯାଏ ଚାଲିବାକୁ ଥିବା ଏହି ଅଧିବେଶନରେ କେନ୍ଦ୍ର ସରକାର ବିସ୍ମିତ କରିଦେବା ଭଳି କେତୋଟି ବିଲ୍ ଆଣିପାରନ୍ତି। ୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ମହିଳା ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ୨୦୧୦ରେ ରାଜ୍ୟ ସଭାରେ ଗୃହୀତ ହୋଇସାରିଥିବା ମହିଳା ସଂରକ୍ଷଣ ବିଧେୟକକୁ ଲୋକ ସଭାରେ ପାରିତ କରିପାରନ୍ତି ବୋଲି ମନେକରାଯାଉଛି। ଅଧିବେଶନର ଅବ୍ୟବହିତ ପୂର୍ବରୁ ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମୁଖ୍ୟ ବିରୋଧୀ କଂଗ୍ରେସ ସମେତ ବିଜୁ ଜନତା ଦଳ (ବିଜେଡି) ଏବଂ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ଭଳି କେତେକ ଆଞ୍ଚଳିକ ଦଳ ମହିଳା ସଂରକ୍ଷଣ ବିଲ୍ ଆଣିବା ପାଇଁ ଦାବି କରିଛନ୍ତି।**


**ଆଜିଠୁ ସଂସଦର ସ୍ୱତନ୍ତ୍ର ଅଧିବେଶନ**

**ନୂଆଦିଲ୍ଲୀ,୧୭।୯**

ଉପରାଷ୍ଟ୍ରପତି ତଥା ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ ଧନକର ରବିବାର ନୂଆ ସଂସଦ ଭବନରେ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହାକୁ ନୂଆ ପାର୍ଲାମେଣ୍ଟରେ ଅଧିବେଶନ ଚାଲିବା ପ୍ରକ୍ରିୟାର ଅୟମାରମ୍ଭ ରୂପେ ବିବେଚନା କରାଯାଉଛି। ପୁରୁଣା ସଂସଦ ଭବନରେ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ୧୯ ତାରିଖ ଗଣେଶ ଚତୁର୍ଥୀରୁ ନୂଆ ପାର୍ଲାମେଣ୍ଟରେ ଗୃହକାର୍ଯ୍ୟ ଚାଲିବ ବୋଲି ଆପାତତଃ ସ୍ଥିର ହୋଇଛି। ସ୍ୱତନ୍ତ୍ର ଅଧିବେଶନରେ ସମ୍ବିଧାନ ସଭାଠାରୁ ନେଇ ୭୫ ବର୍ଷର ସଂସଦୀୟ ଯାତ୍ରା ଉପରେ ଆଲୋଚନା ହେବ। ଲୋକ ସଭାରେ ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରମାନଙ୍କ ନିଯୁକ୍ତି ସମ୍ପର୍କିତ ବିଲ୍, ଆଇନଜୀବୀ (ସଂଶୋଧନ) ବିଲ୍-୨୦୨୩, ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେଶନ୍ ଅଫ୍ ପିରିଓଡିକାଲ୍ସ ବିଲ୍-୨୦୨୩ ଏବଂ ପୋଷ୍ଟ ଅଫିସ୍ ବିଲ୍-୨୦୨୩ ଆଗତ ହେବ ବୋଲି ଏକ ସରକାରୀ ବୁଲେଟିନ୍‌ରେ ଦର୍ଶାଯାଇଛି। ତେବେ କାର୍ଯ୍ୟସୂଚୀରେ ଆହୁରି କେତେକ ପ୍ରସଙ୍ଗ ମଧ୍ୟ ଯୋଡ଼ାଯାଇପାରେ ବୋଲି ଏଥିରେ କୁହାଯାଇଛି। ତେଣୁ କାର୍ଯ୍ୟସୂଚୀ ସମ୍ପର୍କରେ ସ୍ପଷ୍ଟ ଚିତ୍ର ଏବେ ମଧ୍ୟ ସାମ୍ନାକୁ ଆସିନାହିଁ, ଯାହାକୁ ନେଇ କେନ୍ଦ୍ର ଉପରେ ବିରୋଧୀ ଦଳଗୁଡ଼ିକ ବର୍ଷିଛନ୍ତି।

ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଜାତୀୟ ରାଜନୀତିର ପ୍ରେକ୍ଷାପଟରେ ଏକ ବଡ଼ ଘଟଣାକ୍ରମ ଦେଖିବାକୁ ମିଳିଛି, ଯାହାକି ଏହାର ବିଶେଷତ୍ୱକୁ ଆହୁରି ବଢ଼ାଇଦେଇଛି। ୨୬ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ଦୃଢ଼ତାର ସହ ଏକାଠି ହୋଇଥିବାବେଳେ ଉକ୍ତ ବ୍ଲକ୍‌ରେ ନ ଥିବା ଓଡ଼ିଶାର ☞ପୃଷ୍ଠା-୨

# ଖେଳପଡ଼ିଆରେ ବଜ୍ରପାତ,୩ ମୃତ

**ରାଉରକେଲା,୧୭।୯(ଦିନେଶ ମିଶ୍ର)**

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଗର୍ଜନ ଖେଳ ପଡିଆରେ ରବିବାର ଅପରାହ୍ନରେ ଫୁଟ୍‌ବଲ ମ୍ୟାଚ୍ ଚାଲିଥିବା ବେଳେ ହଠାତ ବଜ୍ରପାତ ହେବାରୁ ୩ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକମାନେ ହେଲେ ଲାଠିକଟା କଲରାଖମନ ଅଞ୍ଚଳର ବିଶାଲ ବିଲୁଙ୍ଗ(୧୮), ସୁନୀତ୍ ଓରାମ(୧୭) ଏବଂ ଶାନ୍ତିପ୍ରକାଶ ଲାକ୍ରା(୨୬)। ଖବର ପାଇ ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗରେ ରଖିଛି। ସୋମବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ୯୧।୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ରବିବାର ଅପରାହ୍ନ ସାଢେ ୩ଟାରେ ଗର୍ଜନ ଖେଳ ପଡିଆରେ ଫୁଟବଲ ମ୍ୟାଚ୍ ହୋଇଥିଲା। ଖେଳ ଚାଲିଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ବିଶାଲ, ସୁନୀତ ଓ ଶାନ୍ତିପ୍ରକାଶ ଅଚେତ ହୋଇ ପଡିବାରୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସମସ୍ତ ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ବିଶାଲ ଗାନ୍ଧୀ କଲେଜର ଯୁକ୍ତ ୨ରେ ପଢୁଥିବାବେଳେ ସୁନୀତ୍ ରାଉରକେଲା ସରକାରୀ ଆଇଟିଆଇରେ ପଢୁଥିଲେ।

# ଭାରତର ବୃହତ୍ ବିଜୟ

## ଅଷ୍ଟମ ଥର ପାଇଁ ଏସିଆ କପ୍ ଚାମ୍ପିୟନ

**କଲମ୍ବୋ, ୧୭।୯**

ମହମ୍ମଦ ସିରାଜଙ୍କ ଘାତକ ବୋଲିଂ ବଳରେ ଭାରତ ଅତି ସହଜରେ ଏସିଆ କପ୍ ଟାଇଟଲ ହାସଲ କରିଛି। ରବିବାର ଅନୁଷ୍ଠିତ ସମ୍ପୂର୍ଣ୍ଣ ଏକପାଖିଆ ଫାଇନାଲରେ ଟିମ୍ ଇଣ୍ଡିଆ ୧୦ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ସିରାଜଙ୍କୁ ସାମ୍ନା କରି ନ ପାରି ଶ୍ରୀଲଙ୍କା ୧୫.୨ ଓଭରରେ ମାତ୍ର ୫୦ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ୫୧ ରନର ବିଜୟ ଲକ୍ଷ୍ୟକୁ ଭାରତ କୌଣସି ଉଇକେଟ ନ ହରାଇ ୬.୧ ଓଭରରେ ହାସଲ କରି ନେଇଛି। ଇଶାନ କିଶନ ୨୩ (୧୮ ବଲ୍, ୩ ଚୌକା) ଓ ଶୁବମନ ଗିଲ୍ ୨୭ (୧୯ ବଲ, ୬ ଚୌକା) ରନରେ ଅପରାଜିତ ରହିଥିଲେ। ମାତ୍ର ୨୧ ରନରେ ୬ ଉଇକେଟ ହାସଲ କରିଥିବା ସିରାଜ ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ମୋଟ ୯ ଉଇକେଟ ନେଇଥିବା କୁଲଦୀପ ଯାଦବ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଛନ୍ତି। ଏହାକୁ ମିଶାଇ ଭାରତ ୮ ଥର ଏସିଆ କପ୍ ବିଜେତା ହୋଇଛି। ଏହା ପୂର୍ବରୁ ଭାରତୀୟ ଦଳ ୧୯୮୪, ୧୯୮୮, ୧୯୯୦/୯୧, ୧୯୯୫, ୨୦୧୦, ୨୦୧୬ ଓ ☞ପୃଷ୍ଠା-୨

### ୨୦ ବର୍ଷ ପରେ ଭାଙ୍ଗିଲା ଅଷ୍ଟ୍ରେଲିଆ ରେକର୍ଡ

ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ବିଜୟ ଲକ୍ଷ୍ୟକୁ ଭାରତ ମାତ୍ର ୬.୧ ଓଭରରେ ହାସଲ କରି ନେଇଥିଲା। ଅର୍ଥାତ୍ ୨୬୩ଟି ବଲ୍ ବାକିଥାଇ ଭାରତ ବିଜୟ ହାସଲ କରିଥିଲା। ବଲ୍ ବଳକା ରହିବା ଦୃଷ୍ଟିରୁ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଏହା ସର୍ବବୃହତ୍ ବିଜୟ। ପୂର୍ବରୁ ୨୦୦୩ରେ ସିଡ୍‌ନୀଠାରେ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ୨୨୬ ବଲ ବାକିଥାଇ ବିଜୟୀ ହୋଇ ରେକର୍ଡର ଅଧିକାରୀ ଥିଲା। ୨୦ ବର୍ଷ ପରେ ଏହି ରେକର୍ଡକୁ ଭାଙ୍ଗିଛି ଭାରତ। ଏସିଆ କପ୍ ଫାଇନାଲରେ ଶ୍ରୀଲଙ୍କାକୁ ୫୦ ରନରେ ଅଲ୍‌ଆଉଟ କରି ଭାରତ ଏକ ପୂର୍ବ ଅଲୋଡ଼ା ରେକର୍ଡର ମଧୁର ପ୍ରତିଶୋଧ ମଧ୍ୟ ନେଇଛି। ୨୦୦୦ରେ ଶାରଜାଠାରେ କୋକାକୋଲା ଚାମ୍ପିୟନ୍ସ ଟ୍ରଫିରେ ଭାରତକୁ ଶ୍ରୀଲଙ୍କା ୫୪ ରନରେ ଅଲ୍‌ଆଉଟ କରି ଦେଇଥିଲା।

## ଦିନକରେ ୧୧ ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତ ଚିହ୍ନଟ

**ସୁନ୍ଦରଗଡ଼,୧୭।୯ (ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲାରେ ସ୍କ୍ରବ ଟାଇଫସ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଶନିବାର ଗୋଟିଏ ଦିନରେ ପୁଣି ୧୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୮୦ରେ ପହଞ୍ଚିଛି। ସଦର ବ୍ଲକର ମଝାପଡା ଅଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହିଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ଛାଡ଼ପତ୍ର ଜୀବନ ବଞ୍ଚାଏ




# ୪୩ ଲକ୍ଷ ଶିଶୁ ମେଦବହୁଳତାର ଶିକାର

## ୧୨ ବର୍ଷରେ ବଢ଼ିପାରେ ୧୨%



**ନୂଆଦିଲ୍ଲୀ,୧୭।୯**

ଦେଶରେ ଜନ୍ମରୁ ୫ ବର୍ଷ ମଧ୍ୟରେ ପ୍ରାୟ ୪୩ ଲକ୍ଷରୁ ଅଧିକ ଶିଶୁ ମେଦବହୁଳତାର ଶିକାର ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ସରକାରଙ୍କ ଦ୍ୱାରା ପରିଚାଳିତ ଶିଶୁ ସୁରକ୍ଷା କେନ୍ଦ୍ରଗୁଡ଼ିକର ଡାଟା ମଧ୍ୟ ଏହି ସର୍ଭେର ଯଥାର୍ଥତାକୁ ଦର୍ଶାଉଛି। ଉଲ୍ଲେଖଯୋଗ୍ୟ ବିଷୟ ହେଲା, ସାରା ଦେଶରେ ପରିଚାଳିତ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକର ୬% ଲେଖାଏ ପିଲା ଉଭୟ ମେଦବହୁଳତା ଓ କୁପୋଷଣର ଶିକାର ହୋଇଛନ୍ତି।

ଶିଶୁଙ୍କ ଯତ୍ନ ସମ୍ପର୍କିତ ଡାଟା ସଂଗ୍ରହ କରୁଥିବା ଆପ୍ 'ପୋଷଣ ଟ୍ରାକର'ର ସୂଚନା ଅନୁସାରେ ଜନ୍ମରୁ ୫ବର୍ଷ ମଧ୍ୟରେ ୪୩,୪୭,୩୮୭ ଜଣ ଶିଶୁ ମେଦବୃଦ୍ଧିର ଶିକାର ହେଉଛନ୍ତି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ବିହାର, ରାଜସ୍ଥାନ, ଉତ୍ତରାଖଣ୍ଡ ସମେତ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମେଦବୃଦ୍ଧି ହାର ଜାତୀୟ ହାରଠାରୁ ୬% ଅଧିକ। ଶିଶୁଙ୍କ ମଧ୍ୟରେ ମେଦବୃଦ୍ଧି ହାର ଗତ କିଛି ବର୍ଷ ହେଲା ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍‌ଏଫ୍‌ଏଚ୍‌ଏସ୍) ୪ ତୁଳନାରେ ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ଶିଶୁଙ୍କ ମେଦବୃଦ୍ଧି ହାର କ୍ରମାଗତ ଭାବେ ବଢ଼ିଥିବା ଦର୍ଶାଯାଇଛି। ୨୦୨୧ରେ 'ପୋଷଣ ଟ୍ରାକର' ଆପ୍ ଆରମ୍ଭ ନ ହେଉଣୁ ଏନ୍‌ଏଫ୍‌ଏଚ୍‌ଏସ୍ ଦ୍ୱାରା ଉପରୋକ୍ତ ସର୍ଭେ କରାଯାଇଥିଲା। ଏନ୍‌ଏଫ୍‌ଏଚ୍‌ଏଚ୍-୫ର ସୂଚନାନୁସାରେ ଦେଶର ଅନ୍ୟ ରାଜ୍ୟ ଅପେକ୍ଷା ମିଜୋରାମ, ଅରୁଣାଚଳ ପ୍ରଦେଶ ଏବଂ ଜମ୍ମୁ-କଶ୍ମୀରରେ ମେଦବହୁଳ ଶିଶୁଙ୍କ ସଂଖ୍ୟା ସର୍ବାଧିକ। ଏହା ପଛକୁ ସିକିମ୍ ଓ ତ୍ରିପୁରା ରହିଛି। ସେହିପରି ମଧ୍ୟପ୍ରଦେଶ, ବିହାର ଏବଂ ଆନ୍ଧ୍ରପ୍ରଦେଶରେ ମେଦବହୁଳ ଶିଶୁଙ୍କ ସଂଖ୍ୟା ଦେଶରେ ସର୍ବନିମ୍ନ। ତାମିଲନାଡୁ ଓ ଗୋଆ ବ୍ୟତୀତ ଦେଶର ଅଧିକାଂଶ ରାଜ୍ୟରେ ଜନ୍ମରୁ ୫ ବର୍ଷ ମଧ୍ୟରେ ମେଦବହୁଳ ଶିଶୁଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି ବୋଲି ଏନ୍‌ଏଫ୍‌ଏଚ୍‌ଏସ୍-୫ରେ ଦର୍ଶାଯାଇଛି। ୱାର୍ଲ୍ଡ ଓବେସିଟି ଫେଡେରେଶନ୍ ଦ୍ୱାରା ପ୍ରକାଶିତ ସର୍ବେକ୍ଷଣରେ ☞ପୃଷ୍ଠା-୨

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୮ ସେପ୍ଟେମ୍ବର, ୨୦୨୩



## ସାପକାମୁଡ଼ାରେ ମନ୍ଦିର ପୂଜକଙ୍କ ମୃତ୍ୟୁ

ଟିଟିଲାଗଡ଼, ୧୭।୯(ଶରତ ମିଶ୍ର): ବଲାଙ୍ଗୀର ଜିଲା ଟିଟିଲାଗଡ଼ ମହାରାଜ ସାଗର କଡ଼ରେ ଥିବା ଶିରିଡି ସାଇ ମନ୍ଦିର ପୂଜକଙ୍କ ସାପକାମୁଡ଼ାରେ ମୃତ୍ୟୁ ଘଟିଛି। ମୃତ ପୂଜକ ହେଲେ ସ୍ଥାନୀୟ ସର୍ଗିଗୁଡାପଡା ନିବାସୀ ଶ୍ୟାମସୁନ୍ଦର ଶର୍ମା(୭୦)। ରବିବାର ସକାଳେ ସେ ପୂଜାର୍ଚ୍ଚନା ପାଇଁ ଆସୁଥିବା ବେଳେ ମନ୍ଦିର ପାଖରେ ଥିବା ଗଛ ନିକଟରେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଟିଟିଲାଗଡ଼ ଉପଖଣ୍ଡ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟିଟିଲାଗଡ଼ ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତ ପୂଜକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ସେରକ କୁକୁରିଆକୁ ଦେଇ**
**ଶିବ ନାଚୁଥିଲେ ଲଙ୍ଗଳା ହୋଇ।**

ଅପାତ୍ରରେ ଦାନ କଲେ ପରିଣତି କ୍ଷତିକାରକ ହୋଇଥାଏ। ଫଳସ୍ୱରୂପ ନିଜେ ଅସୁବିଧାରେ ପଡ଼ିବା ସହ ଅନୁତାପ କରିବା ହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଚିରି ଯାଉଥିଲେ ଲମ୍ବ ହଉଥାଏ**
**ବୁଢ଼ୀ ହେଉଥିଲେ ଢମ ହଉଥାଏ।**

ଲୁଗା ପତଳା ହେଲେ ଚିରିଯାଏ। ପତଳା ଲୁଗା କୁ ଟାଣିଲେ ତାହା ଫାଟିଯାଏ, ତେଣୁ ଚିରିଯିବା ଲୁଗା ଲମ୍ବା ହୋଇଯାଉଥିବାର ଭ୍ରମ ସୃଷ୍ଟି କରିଥାଏ। ସେହିପରି ବୃଦ୍ଧ କାଳରେ ଢମ କରିବା ଟିକେ ଅଧିକ ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# କ୍ୟାମ୍ପସରେ ହୋର୍ଡିଂକୁ ନେଇ ବିବାଦ

## ଛାତ୍ରନେତାଙ୍କ ବିରୋଧ

ଭୁବନେଶ୍ୱର, ୧୭।୯
(ଅସମାପିକା ସାହୁ)

ଉଚ୍ଚ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଛାତ୍ର ଯୋଜନା ଓ ଛାତ୍ର ବୃତ୍ତି ସମ୍ବନ୍ଧୀୟ ହୋର୍ଡିଂ ଲଗାଯିବା ନିଷ୍ପତ୍ତିକୁ ବିବାଦ ଦେଖାଦେଇଛି। ଏଭଳି ହୋର୍ଡିଂ ଲଗାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟର କୁଳସଚିବ ଓ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯିବା ପରେ ବିରୋଧ ଆରମ୍ଭ ହୋଇଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏହା ବିଜେଡି ସରକାରଙ୍କ ଛାତ୍ର ଭୋଟରଙ୍କୁ ହାତେଇବାର ଚକ୍ରାନ୍ତ ବୋଲି କେତେଜଣ ଛାତ୍ରନେତା କହିଛନ୍ତି। ପ୍ରଥମେ କଲେଜରେ କ୍ୟାମ୍ପସ କମିଟି ଗଠନ ହେଲା। ତା'ପରେ ଭୋଟର ଲିଷ୍ଟରେ ନାଁ ଚଢ଼ାଇବାକୁ ସଚେତନତା ଶିବିର ହେଲା, ଆଉ ଏବେ ସରକାରଙ୍କ ଶିକ୍ଷା ଯୋଜନା ସମ୍ବଳିତ ହୋର୍ଡିଂ କ୍ୟାମ୍ପସରେ ଲଗାଇବା ନିଷ୍ପତ୍ତି ପଛରେ ନିର୍ବାଚନୀ ସ୍ୱାର୍ଥ ରହିଥିବା ସେମାନେ ଅଭିଯୋଗ ଉଠାଇଛନ୍ତି। ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି, ଶିକ୍ଷାନୁଷ୍ଠାନରେ ହୋର୍ଡିଂଲଗାଇବାର ଯଦି ଇଚ୍ଛା ଅଛି ତେବେ ଶିକ୍ଷକ ଅଭାବ, ର୍ୟାଗିଂ ସମ୍ପର୍କିତ ତଥ୍ୟ ଲଗାନ୍ତୁ। ଏପରି ନ କରି ସରକାରୀ ଯୋଜନା ସମ୍ପର୍କରେ ହୋର୍ଡିଂ ଲଗାଇବା ଯୁକ୍ତିଯୁକ୍ତ ନୁହେଁ। ଛାତ୍ର ସଂସଦ ନିର୍ବାଚନ ବନ୍ଦ କରି ସରକାର ଯୁବପିଢ଼ିଙ୍କୁ ରାଜନୀତିଠାରୁ ଦୂରେଇ ରଖିବା ପାଇଁ ଚକ୍ରାନ୍ତ କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ଯୁବ ଭୋଟରଙ୍କୁ ହାତେଇବା ପାଇଁ ସରକାରଙ୍କ ଏହା ଏକ ପ୍ରୟାସ। ଛାତ୍ର କଂଗ୍ରେସ ଏହାର ପ୍ରତିବାଦ କରୁଛି। କୌଣସି ଶିକ୍ଷାନୁଷ୍ଠାନରେ ସରକାରୀ ହୋର୍ଡିଂ ଲଗାଗଲେ ଛାତ୍ର କଂଗ୍ରେସ ତାହାକୁ ଚିରିଦେବା ସହ କୋର୍ଟର ଦ୍ୱାରସ୍ଥ ହେବ। ଏଆଇଏସ୍ଏଫ୍ ରାଜ୍ୟ ସଭାପତି ସଂଘମିତ୍ରା ଜେନା କହିଛନ୍ତି, ଆଗକୁ ସାଧାରଣ ନିର୍ବାଚନ ଥିବାରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଆସନ୍ତା ନିର୍ବାଚନରେ ୬ଲକ୍ଷ ନୂଆ ଭୋଟର ଅଛନ୍ତି। ସେହି ଭୋଟରଙ୍କ ବୁଝିବାର ଶକ୍ତିକୁ ଚାପିଦେବା ସହ ନିଜ ଆଡକୁ ନେବା ପ୍ରକ୍ରିୟା ବହୁତ ପୂର୍ବରୁ ଆରମ୍ଭ ହୋଇସାରିଛି। ଶେଷ ପ୍ରୟାସ ଭାବେ କ୍ୟାମ୍ପସରେ ହୋର୍ଡିଂ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଆଇଏସ୍ଏଫ୍ ସରକାରଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ ଚେତାବନୀ ଦେଉଛି। ଯଦି ଏଭଳି କାର୍ଯ୍ୟ କରାଯାଏ, ତେବେ ଆଗାମୀ ଦିନରେ କ୍ୟାମ୍ପସରେ ସରକାରଙ୍କ ଦୁର୍ନୀତି ହୋର୍ଡିଂ ଲଗାଇବୁ। ସେହିଭଳି ଏବିଭିପି ରାଜ୍ୟ ମିଡିଆ ସଂଯୋଜକ ବିଶ୍ୱଜିତ ପାତ୍ର କହିଛନ୍ତି, ସରକାର ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରି ଏକଛତ୍ରବାଦୀ ଶାସନ ଚଳାଉଛନ୍ତି। ଏବିଭିପି ତାହାକୁ କେବେ ବି ସ୍ୱୀକାର କରିବ ନାହିଁ। ଏବେ ସରକାରୀ ଯୋଜନାକୁ କ୍ୟାମ୍ପସରେ ଲଗାଇ ଲିଙ୍ଗ୍‌ଡୋ କମିଶନଙ୍କ ନିୟମକୁ ଉଲ୍ଲଂଘନ କରୁଛନ୍ତି। ସାଧାରଣ ନିର୍ବାଚନରେ ଯୁବ ଭୋଟରଙ୍କୁ ହାତେଇବା ପାଇଁ ଏହା ଏକ ପ୍ରୟାସ। କିନ୍ତୁ ଏବିଭିପି ଏଭଳି କାର୍ଯ୍ୟ ଆଦୌ କରିବାକୁ ଦେବ ନାହିଁ। ଯଦି କ୍ୟାମ୍ପସରେ କୌଣସି ସରକାରୀ ହୋର୍ଡିଂ ଲାଗେ, ତେବେ ଏବିଭିପି ପକ୍ଷରୁ ସବୁ ଶିକ୍ଷାନୁଷ୍ଠାନ ଆଗରେ ପ୍ରତିବାଦ ହେବ ଓ ନିଆଁ ଜଳିବ।

# ଆଜିଠାରୁ ଅଧିକାଂଶ ଅଞ୍ଚଳରେ ଝଡ଼ବର୍ଷା

ଭୁବନେଶ୍ୱର, ୧୭।୯
(ଅନୁରାଧା ମହାରଣା)

ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଏବେ ଦୁର୍ବଳ ହୋଇପଡ଼ିଛି। ତେଣୁ ଲଘୁଚାପ ପ୍ରଭାବରେ ରାଜ୍ୟ ଉପରେ ଦୁର୍ବଳ ସ୍ଥିତିରେ ଥିବା ମୌସୁମୀ ଏବେ ପୁନର୍ବାର ସକ୍ରିୟ ହୋଇପଡ଼ିଛି। ଫଳରେ ସୋମବାରଠାରୁ ରାଜ୍ୟରେ ଝଡ଼ବର୍ଷା ଲାଗି ରହିବ। ୧୮ରୁ ୨୨ ତାରିଖ ଯାଏ ୩ ଦିନ ଧରି ସାରା ରାଜ୍ୟରେ ପ୍ରବଳ ବର୍ଷା ହେବ। ଏନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ସୋମବାର ଅପରାହ୍ନ ମଧ୍ୟରେ ରାଜ୍ୟର ୮ ଜିଲାରେ ପ୍ରବଳ ବର୍ଷା(୭ରୁ ୧୧ ସେମି) ହେବାର ସମ୍ଭାବନା ରହିଥିବାବେଳେ ୧୦ ଜିଲାରେ ବଜ୍ରପାତ ସହ ଝଡ଼ବର୍ଷା ସମ୍ଭାବନା ରହିଛି। ଏହି ଜିଲାଗୁଡିକ ହେଉଛି ଯାଜପୁର, ଖୋର୍ଦ୍ଧା, ଢେଙ୍କାନାଳ, କେନ୍ଦୁଝର, କନ୍ଧମାଳ, ଗଞ୍ଜାମ, ଗଜପତି ଓ ରାୟଗଡ଼ା। ସେହିପରି ଏହି ସମୟ ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ପୁରୀ, ନୟାଗଡ଼, ଅନୁଗୋଳ ଓ କଳାହାଣ୍ଡି ଆଦି ୧୦ ଜିଲାରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୯ ତାରିଖରେ କୋରାପୁଟ, ମାଲକାନଗିରି, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ନୟାଗଡ଼, କନ୍ଧମାଳ ଓ ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିସହ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ନୟାଗଡ଼ ଜିଲାର କିଛି ସ୍ଥାନରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଛି। ସେହିପରି ୨୦ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ଅନୁଗୋଳ, ବୌଦ୍ଧ, କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, ବଲାଙ୍ଗୀର, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହୋଇପାରେ। ୨୧ ତାରିଖରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଯାଜପୁର ଓ କଟକ ଜିଲାରେ ବଜ୍ରପାତ ସହ ବର୍ଷା ହୋଇପାରେ। ୨୨ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୋନପୁର, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ଆକଳନ କରିଛି ପାଣିପାଗ ବିଭାଗ।

# ପିଏମ୍ ବିଶ୍ୱକର୍ମା ଯୋଜନାର ଲାଭ ନେବାକୁ ରେଳମନ୍ତ୍ରୀଙ୍କ ଆହ୍ୱାନ



ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ଠାରେ 'ପିଏମ୍ ବିଶ୍ୱକର୍ମା ଯୋଜନା' ଶୁଭାରମ୍ଭ କାର୍ଯ୍ୟକ୍ରମରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟ ଅତିଥିମାନେ। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୧୭।୯
(ଅଭିଜିତ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୩ତମ ଜନ୍ମ ଦିନ ତଥା ଦେବ ଶିଳ୍ପୀ ବିଶ୍ୱକର୍ମା ପୂଜା ଅବସରରେ ରବିବାର ଦେଶର ପାରମ୍ପରିକ ଶିଳ୍ପୀ ଓ କାରିଗରଙ୍କ ପାଇଁ 'ପିଏମ୍ ବିଶ୍ୱକର୍ମା ଯୋଜନା'ର ଶୁଭାରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀସ୍ଥିତ ଯଶୋଭୂମିରୁ ଏହି ବୃହତ୍ ଯୋଜନାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଓଡ଼ିଶାର ଭୁବନେଶ୍ୱର, ସମ୍ବଲପୁର ଓ ପୁରୀ ସମେତ ଦେଶର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମ୍ବଲପୁର କାର୍ଯ୍ୟକ୍ରମରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଜନ୍ ବର୍ଲା ଓ ପୁରୀରେ କେନ୍ଦ୍ର ମହିଳା ଏବଂ ଶିଶୁ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡ. ମୁଞ୍ଜାପରା ମହେନ୍ଦ୍ରଭାଇ କାଲୁଭାଇ ଉପସ୍ଥିତ ରହିଥିଲେ। ସେହିପରି ଭୁବନେଶ୍ୱର ରେଳ ଅଡିଟୋରିୟମ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ କହିଲେ, କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ଦେଶବାସୀଙ୍କ ହିତ ଉଦ୍ଦେଶ୍ୟରେ କରାଯାଇଛି। ପାରମ୍ପରିକ ବା କୌଳିକ ବୃତ୍ତିକୁ ବଞ୍ଚାଇ ରଖିଥିବା ଶିଳ୍ପୀ ଓ କାରିଗରଙ୍କୁ ପୂର୍ବରୁ କୌଣସି ସୁବିଧା ମିଳିପାରୁ ନ ଥିଲା। ବର୍ତ୍ତମାନ 'ପିଏମ୍ ବିଶ୍ୱକର୍ମା ଯୋଜନା' ଜରିଆରେ ୧୮ଟି ବର୍ଗରେ ପାରମ୍ପରିକ ଶିଳ୍ପୀ ଓ କାରିଗରଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ଲାଗି ୫ ବର୍ଷ ପାଇଁ ୧୩ ହଜାର କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ଯୋଜନାରେ ସାମିଲ ହେବା ପାଇଁ ଶିଳ୍ପୀ ଓ କାରିଗରଙ୍କୁ ପିଏମ ବିଶ୍ୱକର୍ମା ପୋର୍ଟାଲରେ ପଞ୍ଜୀକରଣ କରିବାକୁ ପଡିବ। ଗ୍ରାମାଞ୍ଚଳ ହେଉ କିମ୍ବା ସହରାଞ୍ଚଳ, ବିଭିନ୍ନ ଜନସେବା କେନ୍ଦ୍ରରେ ନାମ ପଞ୍ଜୀକରଣ କରିପାରିବେ। ପଞ୍ଜୀକୃତ ଶିଳ୍ପୀମାନଙ୍କୁ ପିଏମ୍ ବିଶ୍ୱକର୍ମା ସାର୍ଟିଫିକେଟ ସହ ଆଇଡି କାର୍ଡ ପ୍ରଦାନ କରାଯିବ। ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଦିଆଯିବ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦଗୁଡିକର ଗୁଣବତ୍ତା ବୃଦ୍ଧି ସହ ବ୍ରାଣ୍ଡିଂ ଓ ବିଜ୍ଞାପନ ବାବଦକୁ ମାର୍କେଟିଂ ସହାୟତା ଦିଆଯିବ। ଆର୍ଥିକ ସହାୟତା ସହ ସେମାନଙ୍କ ବୃତ୍ତିକୁ ନେଇ ୧୫ ହଜାର ଟଙ୍କାର ଟୁଲ୍‌କିଟ ପ୍ରଦାନ କରାଯିବ। ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକ ବିହୀନ ଋଣ ମିଳିବ। ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ୫ ପ୍ରତିଶତ ସୁଧରେ ଯୋଗାଇ ଦିଆଯିବ। ତେଣୁ ଏହାର ଲାଭ ନେବାକୁ ରେଳମନ୍ତ୍ରୀ ଓଡ଼ିଶାର ପାରମ୍ପରିକ ଶିଳ୍ପୀ ଓ କାରିଗରଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ୧୮ଟି ବର୍ଗର ପାରମ୍ପରିକ କାରିଗରଙ୍କୁ ସମ୍ମାନ ଦେବା ପାଇଁ ସ୍ୱତନ୍ତ୍ର ଡାକ ଟିକଟର ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ କହିଛନ୍ତି, ୧୪୦ କୋଟି ଦେଶବାସୀଙ୍କ ପାଇଁ ଏହା ଏକ ବଡଦିନ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ପିଏମ୍ ବିଶ୍ୱକର୍ମା ଯୋଜନା କାରିଗର ଓ ଶିଳ୍ପୀଙ୍କ ପାଇଁ ଏକ ଆଶାର କିରଣ। ଦେଶର ପାଖାପାଖି ୩୦ ଲକ୍ଷରୁ ଉର୍ଦ୍ଧ୍ୱ କାରିଗର ଓ ଶିଳ୍ପୀ ଉପକୃତ ହୋଇପାରିବେ। ଏମ୍‌ପି ମୁନ୍ନା ଖାଁ କହିଛନ୍ତି, ଏହି ଯୋଜନା ଦ୍ୱାରା ରାଜ୍ୟରେ ଥିବା ଶିଳ୍ପୀ ଓ କାରିଗରମାନେ ଉପକୃତ ହେବେ। ଓଡିଶା ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା, ଖୋର୍ଦ୍ଧା ଡିଆର୍‌ଏମ୍ ଏଚ୍.ଏସ୍.ବାଜୱା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିବାବେଳେ ୧୩ ଶହରୁ ଉର୍ଦ୍ଧ୍ୱ କାରିଗର ଓ ଶିଳ୍ପୀ ଉପସ୍ଥିତ ଥିଲେ।

# ସ୍କିମେଟିକ କର୍ମଚାରୀ, ଶିକ୍ଷକଙ୍କୁ ସ୍ଥାୟୀ କରିବାକୁ ଦାବି

## ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘର ଚେତାବନୀ

ଭୁବନେଶ୍ୱର, ୧୭।୯
(ଅନୁରାଧା ମହାରଣା)

ସ୍କିମେଟିକ୍ କର୍ମଚାରୀ ଓ ଶିକ୍ଷକଙ୍କୁ ସ୍ଥାୟୀ କରିବା ସହ ୨୦୧୩ ପୂର୍ବ ଶିକ୍ଷକ କର୍ମଚାରୀଙ୍କ ଠିକା ସମୟକୁ ମୂଳ ଚାକିରିରେ ଗଣନା କରିବାକୁ ଦାବି କରିଛି ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ମହାସଂଘ। ଲୋହିଆ ଏକାଡେମୀଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟ ସରକାର ରାଜ୍ୟରୁ ଠିକା ବା ଚୁକ୍ତିଭିତ୍ତିକ ବ୍ୟବସ୍ଥା ପ୍ରତ୍ୟାହାର କରିନେବା ସହ ରାଜ୍ୟର ୫୭ ହଜାର କର୍ମଚାରୀ ଓ ୧୫ ହଜାରରୁ ଉର୍ଦ୍ଧ୍ୱ ହାଇସ୍କୁଲ ଶିକ୍ଷକଙ୍କୁ ସ୍ଥାୟୀ କରିଥିଲେ। ଏଥିସହ ଚୁକ୍ତିଭିତ୍ତିକ ସମୟକୁ ମୂଳ ଚାକିରିରେ ଗଣନା କରି ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ପ୍ରଦାନର ନିଷ୍ପତ୍ତି ନେଇଥିଲେ। ମାତ୍ର ରାଜ୍ୟରେ କାମ କରୁଥିବା ୮ ହଜାରରୁ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟର ଚୁକ୍ତିଭିତ୍ତିକ କନିଷ୍ଠ ଶିକ୍ଷକ, ବର୍ଷ ବର୍ଷ ଧରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ କାମ କରୁଥିବା ଆର୍‌ବିକେସ ଆୟୁଷ ଡାକ୍ତର, ପିଟିଏସ, ପାରାମେଡିକାଲ ଷ୍ଟାଫ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଅନୁସୂଚିତ ଓ ଜନଜାତି ବିଭାଗ ଅଧୀନ ଏକଲବ୍ୟ ମଡେଲ ରେସିଡେନ୍ସିଆଲ ସ୍କୁଲ ଶିକ୍ଷକ, କର୍ମଚାରୀ, ପିଜି ଶିକ୍ଷକ, ମହିଳା ମାଟ୍ରନ୍ ଯୋଜନା ଓ ସମନ୍ୱୟ ବିଭାଗର ସବ୍‌ଜେକ୍ଟ ମ୍ୟାଟର ଏକ୍ସପର୍ଟ ଏବଂ ଶିଶୁ ଓ ମହିଳା ବିକାଶ ବିଭାଗର ଶିଶୁ ସୁରକ୍ଷା ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭାଗର ବହୁ କର୍ମଚାରୀ ଓ ଶିକ୍ଷକଙ୍କ ଚାକିରିକୁ ସ୍କିମେଟିକ ଆଳରେ ସ୍ଥାୟୀ କରୁନାହାନ୍ତି। ସେହିପରି ୨୦୦୧ ପରେ ଓ ୨୦୧୩ ମସିହା ପୂର୍ବରୁ ବିଭିନ୍ନ ପର୍ଯ୍ୟାୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଗଣଶିକ୍ଷା ବିଭାଗର ପ୍ରାଥମିକ ଓ ହାଇସ୍କୁଲ ଶିକ୍ଷକ, ଯୋଜନା ଓ ସମନ୍ୱୟ ବିଭାଗର କର୍ମଚାରୀ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଗ୍ରାମ୍ୟ କୃଷି କର୍ମଚାରୀ, ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ସହକାରୀ ମତ୍ସ୍ୟ ଅଧିକାରୀଙ୍କ ସମେତ ବହୁ ବିଭାଗର କର୍ମଚାରୀଙ୍କ ଠିକା ଚାକିରି ସମୟକୁ ଗଣନା କରିବା ସହ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯାଉ ନ ଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ସଭାପତି ବିଜୟ ମଲ୍ଲ ଓ ସାଧାରଣ ସମ୍ପାଦକ କ୍ଷିତୀଶ ପଣ୍ଡା, ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ ରାଉତରାୟ ଚେତାବନୀ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ମହିଳା ସଂରକ୍ଷଣ ...

ଶାସକ ବିଜେଡି ଏବଂ ତେଲଙ୍ଗାନାରେ କ୍ଷମତାସୀନ ବିଆର୍‌ଏସ୍ ମହିଳା ସଂରକ୍ଷଣ ବିଲ୍ ପାରିତ କରିବା ପାଇଁ ଦାବି କରିଛନ୍ତି। ନିକଟରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପଠାଇଥିବା ପତ୍ରରେ ମଧ୍ୟ ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗ ଉଲ୍ଲେଖ କରିଥିଲେ। ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସରେ ରବିବାର ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମଧ୍ୟ ଏହି ଦଳଗୁଡ଼ିକ ମହିଳା ସଂରକ୍ଷଣ ବିଲ୍ ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଉକ୍ତ ବୈଠକରେ ବିଜେଡିର ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଏବଂ ବିଆର୍‌ଏସ୍ ନେତା କେ. କେଶବ ରାଓଙ୍କ ସମେତ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା(ଜେଡିଏସ୍), କାନିମୋଝି(ଡିଏମ୍‌କେ), ରାମ ମୋହନ ନାଇଡୁ(ଟିଡିପି), ଡେରେକ୍ ଓ'ବ୍ରାଏନ୍(ଟିଏମ୍‌ସି), ସଞ୍ଜୟ ସିଂ(ଏଏପି), ବିଜୟସାଇ ରେଡ୍ଡୀ(ୱାଇଏସ୍‌ଆର୍‌ସିପି), ମନୋଜ ଝା(ଆର୍‌ଜେଡି), ଅନିଲ ହେଗ୍‌ଡେ(ଜେଡିୟୁ) ଏବଂ ରାମଗୋପାଳ ଯାଦବ(ଏସ୍‌ପି) ପ୍ରମୁଖ ଯୋଗଦେଇଥିଲେ। ସରକାରଙ୍କ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ(ଲୋକ ସଭାରେ ଗୃହର ଉପନେତା), ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ(ରାଜ୍ୟ ସଭାରେ ଗୃହର ନେତା) ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଏଥିରେ ପ୍ରତିନିଧିତ୍ୱ କରିଥିଲେ। ଏହା ବ୍ୟତୀତ କଂଗ୍ରେସ ଦରଦାମ ବୃଦ୍ଧି, ବେରୋଜଗାରି, ସାମାଜିକ ସଂଘର୍ଷ ଓ ମଣିପୁର ଜାତିଆଣ ହିଂସା ଭଳି ପ୍ରସଙ୍ଗ ମଧ୍ୟ ଉଠାଇଥିବା ଦଳୀୟ ଏମ୍‌ପି ପ୍ରମୋଦ ତିୱାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ୪୩ ଲକ୍ଷ ଶିଶୁ ...

ଦର୍ଶାଯାଇଛି ଯେ ବିଶ୍ୱସ୍ତରରେ ମୋଟା ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିରୁ ଭାରତ ବାଦ୍ ପଡ଼ିନି। ଯଦି ଏଥିପ୍ରତି ଗୁରୁତ୍ୱ ଦିଆ ନ ଯାଏ ତେବେ ଭାରତରେ ୨୦୩୫ ସୁଦ୍ଧା ବାର୍ଷିକ ୯.୧% ଶିଶୁ ମେଦବୃଦ୍ଧିର ଶିକାର ହେବେ। ୨୦୨୦ରେ ଭାରତରେ ବାଳକଙ୍କ ମଧ୍ୟରେ ମେଦବୃଦ୍ଧି ଆଶଙ୍କା ମାତ୍ର ୩% ଥିବାବେଳେ ଏହା ଆଗାମୀ ୧୨ ବର୍ଷ ପରେ ୧୨% ବୃଦ୍ଧି ପାଇବ। ସେହିପରି ବାଳିକାଙ୍କ ସଂଖ୍ୟାକୁ ଦେଖିଲେ ଆଗାମୀ ୧୨ ବର୍ଷ ପରେ ସେମାନଙ୍କଠାରେ ମେଦବୃଦ୍ଧି ଆଶଙ୍କା ୭% ବୃଦ୍ଧି ପାଇବ ବୋଲି ଏହି ସର୍ଭେରେ କୁହାଯାଇଛି। ଅନୁରୂପଭାବେ ୨୦୩୫ ସୁଦ୍ଧା ଦେଶରେ ଜନସଂଖ୍ୟାର ପ୍ରାୟ ୧୧% ମେଦବହୁଳତାର ଶିକାର ହୋଇପାରନ୍ତି। ୨୦୨୦ରୁ ୨୦୩୫ ମଧ୍ୟରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ଏହି ମାତ୍ରା ବାର୍ଷିକ ୫.୨% ହିସାବରେ ବଢ଼ିବ। ଏହା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଉପରେ ୧.୮% ପ୍ରଭାବ ପକାଇବ ବୋଲି କୁହାଯାଇଛି।

### ଭାରତର ବୃହତ୍ ...

୨୦୧୮ରେ ଭାରତ ଚାମ୍ପିୟନ ହୋଇଥିଲା। ଅର୍ଥାତ୍ ୫ ବର୍ଷ ବ୍ୟବଧାନରେ ଭାରତ ପୁଣି ଏସିଆ କପ୍ କବ୍‌ଜା କରିଛି।

**ଅବିସ୍ମରଣୀୟ ୪ର୍ଥ ଓଭର**

ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଓଭରର ୩ୟ ବଲ୍‌ରେ କୁଶାଲ ପେରେରାଙ୍କୁ ଆଉଟ କରି ପ୍ରାରମ୍ଭିକ ଝଟ୍‌କା ଦେଇଥିଲେ ଯଶପ୍ରୀତ୍ ବୁମ୍‌ରା। ମାତ୍ର ଆଜିଥିଲା ସିରାଜଙ୍କ ଦିନ। ୪ର୍ଥ ଓଭରରେ ହିଁ ଅସଲ ଖେଳ ଦେଖାଇଥିଲେ ଏହି ପ୍ରତିଭାସମ୍ପନ୍ନ ଦ୍ରୁତ ବୋଲର। ନିଜର ପ୍ରଥମ ଓଭର ମେଡେନ ପକାଇଥିବା ସିରାଜ ଇନିଂସର ୪ର୍ଥ ଓଭରରେ ୪ଟି ଉଇକେଟ ନେଇ ଶ୍ରୀଲଙ୍କାକୁ ମାନସିକ ସ୍ତରରେ ପରାଜିତ କରି ଦେଇଥିଲେ। ଏହା ଥିଲା ତାଙ୍କର ଡ୍ରିମ୍ ସ୍ପେଲ୍। ୪ର୍ଥ ଓଭରର ପ୍ରଥମ ବଲ୍‌ରେ ପଥୁମ ନିଶଙ୍କା, ୩ୟ ବଲ୍‌ରେ ସଦିରା ସମରବିକ୍ରମା, ୪ର୍ଥ ବଲ୍‌ରେ ଚରିଥ ଆଶାଲଙ୍କା ଏବଂ ୬ଷ୍ଠ ବଲ୍‌ରେ ଧନଞ୍ଜୟ ଡି'ସିଲଭାଙ୍କୁ ଆଉଟ କରି ସିରାଜ ଶ୍ରୀଲଙ୍କାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ଏହି ଓଭରରେ ୪ ରନ ବିନିମୟରେ ୪ ଉଇକେଟ ହିଁ ମ୍ୟାଚର ଭାଗ୍ୟ ନିର୍ଦ୍ଧାରଣ କରିଥିଲା। ଶ୍ରୀଲଙ୍କା ଇନିଂସ ମୋଟ ୧୫.୨ ଓଭରରେ ସୀମିତ ରହିଥିଲା। କୁଶାଲ ମେଣ୍ଡିସ ସର୍ବାଧିକ ୧୭ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ସିରାଜ ୨୧ ରନରେ ୬ଟି, ହାର୍ଦ୍ଦିକ ପାଣ୍ଡ୍ୟା ୩ ରନରେ ୩ ଏବଂ ଯଶପ୍ରୀତ୍ ବୁମ୍‌ରା ୨୩ ରନରେ ଗୋଟିଏ ଉଇକେଟ ନେଇଥିଲେ। ୬/୨୧ ଶ୍ରୀଲଙ୍କା ବିପକ୍ଷରେ କୌଣସି ଦ୍ରୁତ ବୋଲରଙ୍କ ଶ୍ରେଷ୍ଠ ଦିନିକିଆ ବୋଲିଂ ଫିଗର। ପୂର୍ବରୁ ପାକିସ୍ତାନର ୱାକର ୟୁନିସ ୧୯୯୦ରେ ଶାରଜାଠାରେ ୨୬ ରନରେ ୬ ଉଇକେଟ ନେଇ ଏହି ରେକର୍ଡର ଅଧିକାରୀ ଥିଲେ।

### ଦିନକରେ ୧୧ ...

ଏଥିରେ ଜଣଙ୍କର ମୃତ୍ୟୁ ଘଟିଛି। ରାଉରକେଲା ସରକାରୀ ଡାକ୍ତରଖାନା ଓ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଏହି ସ୍କ୍ରବ ଟାଇଫସର ପରୀକ୍ଷା କେନ୍ଦ୍ର ରହିଛି। ସଂକ୍ରମଣକୁ ଆଖିଆଗରେ ରଖି ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.କାହ୍ନୁଚରଣ ନାୟକ ପ୍ରକାଶ କରିଛନ୍ତି। ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଏନେଇ ସଜାଗ ରଖାଯାଇଛି। ଲୋକଙ୍କୁ ମଧ୍ୟ ଏ ସମ୍ପର୍କରେ ସଚେତନ କରାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କୃତ୍ତିକା ନକ୍ଷତ୍ରର ଅସୁବିଧା ନ ହେଲେ ମଧ୍ୟ ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ବ୍ୟସ୍ତବିବ୍ରତ କରାଇବ। ଉପସ୍ଥିତ ବୁଦ୍ଧି ଓ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପରିବାରରେ ଶାନ୍ତି ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ**
ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ବିଗିଡ଼ିଯିବ। ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ରୋହିଣୀ ନକ୍ଷତ୍ର ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ପରିବହନରେ କ୍ଷତି ଆଶଙ୍କା ରହିଛି। ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମିଥୁନ**
ଆନୁଷଙ୍ଗିକ ସାହାଯ୍ୟ ଲାଭକରି ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପୁନର୍ବସୁ ନକ୍ଷତ୍ର ପରିବାର ଭିତରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି। ସଂଗଠନ, ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ**
ବିଶେଷ ଖର୍ଚ୍ଚାନ୍ତ ଓ ପରିଶ୍ରମ କାରଣରୁ ଟେନସନ୍ ଲାଗି ରହିବ। ପୂର୍ବ ସମସ୍ୟା ସମାଧାନରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ବିତର୍କ ଲାଗିପାରେ। ଅଶ୍ଳେଷା ନକ୍ଷତ୍ରର ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ**
ଅତୀତରେ ସୃଷ୍ଟି ହୋଇଥିବା ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ। ଆର୍ଥିକ ଦିଗରୁ ଉପକୃତ ହେବେ କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବାରେ ସହାୟକ ହେବ। ପୂର୍ବାଫାଲଗୁନୀ ନକ୍ଷତ୍ର ତରବର ହେଲେ ଅସୁବିଧାରେ ପଡ଼ିବେ।

**କନ୍ୟା**
ଈର୍ଷାପରାୟଣ ବନ୍ଧୁଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ସମ୍ପର୍କୀୟଙ୍କୁ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଚିତ୍ରା ନକ୍ଷତ୍ରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି।

**ତୁଳା**
ଆଜି ଆକସ୍ମିକ ଭାବରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ସ୍ୱାତୀ ନକ୍ଷତ୍ର ପିଲାଙ୍କ ଆଚରଣରେ ଅସନ୍ତୋଷ ବ୍ୟକ୍ତ କରି ମନେ ମନେ ବିରକ୍ତ ହେବେ।

**ବିଛା**
ଅନୁରାଧା ନକ୍ଷତ୍ର ଯାହା ମନରରେ ଆଶାବାନ୍ଧି ବସିଛନ୍ତି ଆଜି ତାହା ଅବଶ୍ୟ ପାଇବେ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ, ଅବଶ୍ୟ ଉପକୃତ ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସାମ୍ବାଦିକତା, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ**
ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହେବେ। ଉତ୍ତରାଷାଢ଼ା ନକ୍ଷତ୍ର ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମକର**
ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହଠାତ୍ ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ଧନିଷ୍ଠା ନକ୍ଷତ୍ରର ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିଯାଇପାରେ। ନିକଟ ସମ୍ପର୍କୀୟମାନେ କାଳେ ଦେବାକୁ ପଡ଼ିବ, ଏହି କାରଣରୁ ପାଖ ମାଡ଼ିବେ ନାହିଁ। ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବାରେ ସାହାଯ୍ୟ କରିବ।

**କୁମ୍ଭ**
କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ହେବା ଜିନିଷ ହୋଇପାରିବ ନାହିଁ। ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ଦ୍ୱାରା କାମଟି କରାଇ ନେବେ। ପରିବାର ମଧ୍ୟରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମୀନ**
ଆଜି କର୍ମ କ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ି ଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟର ଅର୍ଥକୁ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ବିନିଯୋଗ କରିପାରନ୍ତି।

ଆଜି ଭାଦ୍ରବ ଶୁକ୍ଳପକ୍ଷର ହରିତାଳିକା ତୃତୀୟା ଯୁକ୍ତ ଚତୁର୍ଥୀ ସୋମବାର, ଶ୍ରୀମନ୍ଦିରରେ ଅନ୍ଧଲୀଳା, ବାଲି ତୃତୀୟା ଗୌରୀବ୍ରତ, ସେପ୍ଟେମ୍ବର ୧୮ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୨।୦୬ ଗତେ, ସ୍ୱାତୀ/ତୁଳା, ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୦୫।୩୮ ଗତେ, ଘ୦୭।୦୮ ମଧ୍ୟେ, ଘ.୦୮।୫୧ ଗତେ, ଘ.୧୧।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୮ ଗତେ, ଘ.୦୮।୩୯ ମଧ୍ୟେ ରାହୁକାଳ।

## ବିମାନବନ୍ଦରରେ ଯାତ୍ରୀ ସଂଖ୍ୟା ବୃଦ୍ଧି

**ଭୁବନେଶ୍ୱର,୧୭।୯(ଅସମାପିକା ସାହୁ):** ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରର ଭିତ୍ତିଭୂମି ବିକାଶ ହେବା ସହିତ ଏଠାରେ ବିମାନ ଓ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଏ ନେଇ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ରବିବାର ଟୁଇଟ୍ କରି ସୂଚନା ଦେଇଛି। ସୂଚନାନୁସାରେ, ୨୦୨୨ ଜୁଲାଇରେ ଏହି ବିମାନବନ୍ଦରରୁ ୨,୧୮୭ଟି ବିମାନ ଉଡ଼ାଣ କରିଥିବାବେଳେ ୨,୪୫,୩୩୨ଜଣ ଯାତ୍ରୀ ଯାତାୟାତ କରିଛନ୍ତି। ତେବେ ଚଳିତବର୍ଷ ଜୁଲାଇରେ ୨,୮୮୫ଟି ବିମାନ ଚଳାଚଳ କରିଥିବାବେଳେ ଯାତ୍ରୀଙ୍କ ସଂଖ୍ୟାରେ ମଧ ଆଶାତୀତ ବୃଦ୍ଧି ପାଇଛି ଅର୍ଥାତ୍ ୩,୬୩,୫୭୬ଜଣ ଯାତ୍ରୀ ଯାତ୍ରା କରିଛନ୍ତି।

# ଗୀତା ମେହେଟ୍ଟାଙ୍କ ଶେଷ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

### ଭଉଣୀଙ୍କ ପରଲୋକରେ ଗଭୀର ମର୍ମାହତ: ନବୀନ

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ନୂଆଦିଲ୍ଲୀ ଗସ୍ତକରି ତାଙ୍କ ବଡ଼ ଭଉଣୀ ଗୀତା ମେହେଟ୍ଟାଙ୍କ ଶେଷ ଦର୍ଶନ କରିଛନ୍ତି। ନବୀନ ନିବାସରୁ ବିଜୁ ପଟ୍ଟନାୟକ ବିମାନବନ୍ଦର ଯାଇ ସେଠାରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ସେ ଦିଲ୍ଲୀ ଗସ୍ତ କରିଛନ୍ତି। ନୂଆଦିଲ୍ଲୀରେ ପହଞ୍ଚିବା ପରେ ନବୀନ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଭଉଣୀ ଗୀତା ମେହେଟ୍ଟାଙ୍କ ପରଲୋକରେ ସେ ଗଭୀର ମର୍ମାହତ। ମେହେଟ୍ଟା ଜଣେ ଜଣାଶୁଣା ଫିଲ୍ମ ନିର୍ମାତା ଏବଂ ଲେଖିକା ଥିଲେ। ତାଙ୍କ ଦେହାନ୍ତ ପରେ ଯେଉଁମାନେ ଶୋକବାର୍ତ୍ତା ଜଣାଇଛନ୍ତି ସମସ୍ତଙ୍କୁ ଧନ୍ୟବାଦ ବୋଲି ନବୀନ କହିଛନ୍ତି। ତେବେ ନବୀନ କେତେଦିନ ପାଇଁ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ସେନେଇ କିଛି ସ୍ପଷ୍ଟ ସୂଚନା ନାହିଁ। ତେବେ ଗୀତାଙ୍କ ଏକମାତ୍ର ପୁଅ ବିଦେଶରେ ରହୁଛନ୍ତି। ତାଙ୍କ ଫେରିବାକୁ ଅପେକ୍ଷା କରାଯାଇଛି। ସୋମବାର ଗୀତା ମେହେଟ୍ଟାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଡ଼ ଭଉଣୀ ଗୀତା ମେହେଟ୍ଟା ୮୦ ବର୍ଷ ବୟସରେ ଶନିବାର ବିଳମ୍ବିତ ରାତ୍ରିରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଏକମାତ୍ର ଝିଅ ଥିଲେ। କିଛିଦିନ ହେବ ସେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ। ତେବେ ଗୀତାଙ୍କ ଦେହାନ୍ତ ପରେ ରାଜ୍ୟ ତଥା ଦେଶର ବହୁ ପ୍ରଖ୍ୟାତ ବ୍ୟକ୍ତି ଶୋକବାର୍ତ୍ତା ପ୍ରକାଶ କରିଛନ୍ତି। ବିଜେଡି ଏମ୍‌ପି ପିନାକୀ ମିଶ୍ର ଗୀତା ମେହେଟ୍ଟାଙ୍କ ଶେଷ ଦର୍ଶନ କରିଛନ୍ତି।

# ୫ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୧୭।୯(ଦୁର୍ଯ୍ୟୋଧନ ପାତ୍ର)



ଆତ୍ମସମର୍ପଣ କରିଥିବା ମାଓବାଦୀ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡା ଜିଲାରେ ଚାଲୁଥିବା ମାଓବାଦୀ ଦମନ ଅଭିଯାନରେ ଜଣେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀଙ୍କ ସହ ୫ ଜଣ ପୋଲିସ ନିକଟରେ ରବିବାର ଆତ୍ମସମର୍ପଣ କରିଛନ୍ତି।

ସୂଚନା ମୁତାବକ ଛତିଶଗଡ ଦନ୍ତେୱାଡା ଜିଲା କଟେକଲ୍ୟାଣ ଓ ଇନ୍ଦ୍ରାବତୀ ଏରିଆ କମିଟିର ସକ୍ରିୟ ମାଓବାଦୀମାନେ ରବିବାର ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରେ ନାରାୟଣପୁଟ ଜିଲା ଓରଛା ଥାନା ପରଲନାର ଗ୍ରାମ ନିବାସୀ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ କେସରୁ ଓରଫ କୋହଲା ଅଲାମୀ, ବଦରୁ ଅଲାମୀ, ଦନ୍ତେୱାଡା ଜିଲା ପରଲନାରର ବଦରୁ ଅଲାମୀ, ଟକୋପାରା ଗ୍ରାମର ବିଜ୍ଜା ମାଡବି, ମାଡକେ କବାସୀ ଓ ହଡମେ ମାଣ୍ଡବି । ତେବେ ଏହି ୫ଜଣ ମାଓବାଦୀ ପୋଷ୍ଟର, ବ୍ୟାନର, ଲିଫ୍‌ଲେଟ ବଣ୍ଟନ ଭଳି କାର୍ଯ୍ୟରେ ନିୟୋଜିତ ଥିଲେ। ବର୍ତ୍ତମାନ ସୁଦ୍ଧା ୬୪୪ ମାଓବାଦୀ ଆତ୍ମସମର୍ପଣ କରିଥିବା ଦାନ୍ତେୱାଡା ପୋଲିସ ସୂତ୍ରରୁ ଜଣାପଡିଛି।

# ପାନ, କିଆଫୁଲ ଚାଷୀଙ୍କୁ ମିଳିବ ସ୍ୱତନ୍ତ୍ର ସହାୟତା

ଭୁବନେଶ୍ୱର, ୧୭।୯(ସୁନିତ୍ ମିଶ୍ର)

- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରକ୍ରିୟାକରଣ ୟୁନିଟ୍ ଲାଗି ସହାୟତା ମିଳିବ
- ଅତି କମ୍‌ରେ ୨୦୦ ବର୍ଗମିଟର ପରିଧିର ବରଜ ଥିବା ଚାଷୀ ପାଇବେ ସହାୟତା
- ଗଞ୍ଜାମର କିଆଫୁଲ ଚାଷୀଙ୍କୁ ଜାତୀୟ ଉଦ୍ୟାନ କୃଷି ଅଧୀନରେ ମିଳିବ ପ୍ରୋତ୍ସାହନ
- ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ କିଆଫୁଲ ଚାଷୀଙ୍କୁ ମିଳିବ ସହାୟତା

ରାଜ୍ୟ ସରକାର ସବୁ ପାନ ଚାଷୀ ଓ ଗଞ୍ଜାମ ଜିଲାର କିଆଫୁଲ ଚାଷୀମାନଙ୍କ ଲାଗି ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଉଭୟ ଚାଷର ପ୍ରକ୍ରିୟାକରଣ ୟୁନିଟ୍ ପାଇଁ ସହାୟତା ମିଳିବ। ପାନ ଚାଷୀଙ୍କୁ ରାଜ୍ୟ ଯୋଜନାର ସ୍ୱତନ୍ତ୍ର ଫଳଭିତ୍ତିକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆର୍ଥିକ ସହାୟତା ଦେବାକୁ ଘୋଷଣା କରାଯାଇଛି। ଅତିକମ୍‌ରେ ୨୦୦ ବର୍ଗମିଟର ପରିଧିର ପାନ ବରଜ ଥିବା ଚାଷୀମାନେ ସହାୟତା ପାଇଁ ଯୋଗ୍ୟ ବିବେଚିତ ହେବେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏଥିପାଇଁ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ପୁରୀ ଓ ଗଞ୍ଜାମ ଜିଲା ଗସ୍ତ ସମୟରେ ସ୍ଥାନୀୟ ପାନବରଜ ଚାଷୀ ଏବଂ କିଆଫୁଲ ଚାଷୀମାନଙ୍କ ପକ୍ଷରୁ ବିଭିନ୍ନ ଅସୁବିଧା ସମ୍ପର୍କରେ ଅନେକ ଆପତ୍ତି ଅଭିଯୋଗ ଆସିଥିଲା। ସେ ସବୁର ସମାଧାନ ପାଇଁ ରବିବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ୫-ଟି ସଚିବଙ୍କ ସହିତ ଉନ୍ନୟନ କମିଶନର ଅନୁ ଗର୍ଗ, କୃଷି ସଚିବ ଅରବିନ୍ଦ ପାଢ଼ୀ, ସମବାୟ ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକର ନିଷ୍ପତ୍ତି ଅନୁଯାୟୀ, ପାନବରଜ ଥିବା ଚାଷୀମାନଙ୍କୁ ଏହାର ପରିଚାଳନା ପାଇଁ ୟୁନିଟ୍ ପିଛା ୨୫୦୦ ଟଙ୍କା ଆର୍ଥିକ ସହାୟତା ଦିଆଯିବ। ଜଣେ ଚାଷୀକୁ ସର୍ବାଧିକ ୨ଟି ୟୁନିଟ୍ ପାଇଁ ସହାୟତା ମିଳିବ। ପାନ ଚାଷ ପାଇଁ କିଷାନ କ୍ରେଡିଟ କାର୍ଡ ଜରିଆରେ ବିନା ସୁଧରେ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଋଣ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ପାନପତ୍ର ବ୍ୟବସାୟରେ ଜିଏସ୍‌ଟି ଲାଗୁ ସମ୍ପର୍କରେ ଜିଏସ୍‌ଟି କମିଶନରଙ୍କଠାରୁ ସ୍ପଷ୍ଟୀକରଣ ମଗାଯିବା ସହିତ ଏନେଇ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ପାନପତ୍ର ପ୍ରକ୍ରିୟାକରଣ ୟୁନିଟ୍‌ଗୁଡ଼ିକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସବ୍‌ସିଡି ଯୋଗାଇ ଦିଆଯିବ। ଏଥିପାଇଁ ଆପିକଲ୍ ପକ୍ଷରୁ ଏକ ଡିପିଆର ପ୍ରସ୍ତୁତ କରାଯିବ। ସେହିପରି ଗଞ୍ଜାମର କିଆଫୁଲ ଚାଷୀଙ୍କୁ ମଧ ଜାତୀୟ ଉଦ୍ୟାନ କୃଷି ଅଧୀନରେ ପ୍ରୋତ୍ସାହନ ଦିଆଯିବ। ଉଦ୍ୟାନ କୃଷି ମିଶନର ସହାୟତା ସହିତ ରାଜ୍ୟ ବଜେଟରୁ କିଆଫୁଲ ଚାଷ ପାଇଁ ଅତିରିକ୍ତ ସହାୟତା ମଧ ପ୍ରଦାନ କରାଯିବ। କିଆଫୁଲ ଚାଷ ସ୍ଥାନଗୁଡ଼ିକର ସାଇଣ୍ଟିଫିକ୍ ମ୍ୟାପିଂ କରି ଏହି ସହାୟତା ଦିଆଯିବ। ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଥିବା କିଆଫୁଲ ଫସଲ ପାଇଁ ଗଞ୍ଜାମ ଜିଲାପାଳଙ୍କ ରିପୋର୍ଟ ଭିତ୍ତିରେ ସହାୟତା ଦିଆଯିବ। ଏଥିପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଓ ଗଞ୍ଜାମ ଜିଲାପାଳ ମିଳିତ ଭାବେ ମୋଡାଲିଟି ପ୍ରସ୍ତୁତ କରିବେ। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କିଆଫୁଲ ପ୍ରକ୍ରିୟାକରଣ ୟୁନିଟ୍‌କୁ ସାମିଲ କରିବା ପାଇଁ ଯୋଜନାର ନିୟମାବଳୀରେ ଆବଶ୍ୟକ ପରିବର୍ତ୍ତନ କରାଯିବ। ଗଞ୍ଜାମ ଜିଲାରେ କିଆଫୁଲ ଚାଷକୁ ପ୍ରୋତ୍ସାହିତ କରିବାକୁ ବୈଷୟିକ ସହାୟତା ଯୋଗାଇଦେବା ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କିମ୍ବା ଅନ୍ୟ କୌଣସି ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନର ସହାୟତା ନିଆଯିବ ବୋଲି ନିଷ୍ପତ୍ତି ହୋଇଛି।

# ପରିସ୍ରାଗାର ସମ୍ମୁଖରେ ମୃଣ୍ମୟ ମୂର୍ତ୍ତି

### ଧର୍ମୀୟ ଭାବନାକୁ କୁଠାରାଘାତ



ଶୌଚାଳୟ ପରିସରରେ ମୃଣ୍ମୟ ମୂର୍ତ୍ତି ରଖାଯାଇଛି।

କେନ୍ଦୁଝର,୧୭।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଶୌଚାଳୟ ସମ୍ମୁଖରେ ରଖାଯାଇଛି ବିଶ୍ୱକର୍ମା ଓ ଗଣେଶଙ୍କ ମୂର୍ତ୍ତି। ବିଶ୍ୱକର୍ମା ଓ ଗଣେଶ ପୂଜା ପାଇଁ ବାହାରୁ ମୃଣ୍ମୟ ମୂର୍ତ୍ତି ଆଣି ବିକ୍ରି କରିବା ପାଇଁ ଜଣେ ବ୍ୟବସାୟୀ ଏଭଳି ଅପରିଷ୍କାର ସ୍ଥାନରେ ରଖିଥିବାରୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଏହା ଭକ୍ତଙ୍କ ଧର୍ମୀୟ ଭାବନା ଉପରେ କୁଠାରାଘାତ ସଦୃଶ୍ୟ ହୋଇଛି।

ସୂଚନାଯୋଗ୍ୟ, ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଉକ୍ତ ସାମୂହିକ ଶୌଚାଳୟଟି ରକ୍ଷଣାବେକ୍ଷଣ ଅଭାବରୁ ଅପରିଷ୍କାର ହୋଇରହିଛି। ଫଳରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନେ ଉକ୍ତ ଶୌଚାଳୟ ବ୍ୟବହାର ନ କରି ବାହାରେ ପରିସ୍ରା କରୁଛନ୍ତି। ଏହା ସବୁ ଜାଣି ସୁଦ୍ଧା ଜଣେ ବ୍ୟବସାୟୀ ମୃଣ୍ମୟ ମୂର୍ତ୍ତି ଆଣି ଅପରିଷ୍କାର ସ୍ଥାନରେ ରଖିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏଭଳି ମୂର୍ତ୍ତି ଗୋଦାମ କିଭଳି ଜଗୁଆଳି ତଥା ପ୍ରଶାସନିକ ଅଧିକାରୀ ଜାଣି ଚୁପ୍ ରହିଛନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେଉଁ ପରିସ୍ଥିତିରେ ଶୌଚାଳୟ ନିକଟ ତଥା ଅପରିଷ୍କାର ସ୍ଥାନରେ ଠାକୁରଙ୍କ ମୂର୍ତ୍ତି ଗଚ୍ଛିତ ରଖାଗଲା ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ସ୍ଥାନୀୟବାସିନ୍ଦା ପ୍ରସନ୍ନ କୁମାର ଦାସ କହିଛନ୍ତି, ଅତ୍ୟନ୍ତ ଦୁଃଖଦ ଘଟଣା। ଶୌଚାଳୟରେ ଠାକୁରଙ୍କ ମୂର୍ତ୍ତି ରଖାଯାଇଛି। ଏହା ଆମର ଧାର୍ମିକ ଭାବନାକୁ ଆଘାତ କରିଛି। ଲୋକଙ୍କ ବ୍ୟବହାର ପାଇଁ ଏହାର ରକ୍ଷଣାବେକ୍ଷଣ କରାଯାଇ ପରିଷ୍କାର କରାଯାଉନାହିଁ। ବାହାର ବ୍ୟବସାୟୀଙ୍କୁ ମୂର୍ତ୍ତି ଜମା କରିବାକୁ ଅନୁମତି କିଏ ଦେଲା ବୋଲି ପ୍ରଶ୍ନ କରିଛନ୍ତି। ଅତିରିକ୍ତ ଜିଲାପାଳ ଯଦୁମଣି ମହାଲା କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ନାହାନ୍ତି। ସେଭଳି କାହାରିକି ଅନୁମତି ଦିଆଯାଇନାହିଁ। ସେ ଏହାର ଅନୁଧ୍ୟାନ କରିବେ।

# ସ୍ୱାମୀଙ୍କ ଅନ୍ତିମ ସଂସ୍କାର ବେଳେ ସ୍ତ୍ରୀଙ୍କ ମୃତ୍ୟୁ


### ଏକାଠି ଜଳିଲା ଜୁଇ

ବେଲଗୁଣ୍ଠା,୧୭।୯(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ୍ ବରପଲ୍ଲୀ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ସ୍ୱାମୀଙ୍କ ଜୁଇ ନ ଲିଭୁଣୁ ଦୁଃଖରେ ମ୍ରିୟମାଣ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ପରେ ଏକାଠି ଦମ୍ପତିଙ୍କ ଜୁଇ ଜଳିଛି।

ବେଲଗୁଣ୍ଠା ବ୍ଲକ ଗାଙ୍ଗପୁର ଥାନା ଅନ୍ତର୍ଗତ ବରପଲ୍ଲୀ ଗ୍ରାମର ଦେବରାଜ ମହାପାତ୍ର(୬୨) ଦରଜୀ କାମ କରୁଥିଲେ। କିଛି ଦିନ ହେବ ସେ ରୋଗରେ ପୀଡ଼ିତ ଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦେବରାଜଙ୍କ ୨ପୁଅ ସୁରଟରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାରୁ ସାନ ଭାଇ ସୁନୀଲ୍ ମହାପାତ୍ର, ବଡ଼ ଭାଇଙ୍କ ପୁଅ କାଳିଆ ମହାପାତ୍ର, ଅରୁଣ ମହାପାତ୍ର ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି କରିଥିଲେ। ମୃତଦେହ ଶ୍ମଶାନକୁ ନେବା ବେଳେ ଦେବରାଜଙ୍କ ମୃତଦେହ ପଛେ ପଛେ ସ୍ତ୍ରୀ ସଞ୍ଜୁଲତା ମହାପାତ୍ର ହାଣ୍ଡିଟେ ଧରି ଯିବା ସମୟରେ ଚାଲି ନ ପାରି ବସି ପଡିଥିଲେ। ତାଙ୍କୁ ଘରକୁ ନିଆଯାଇ ଦେବରାଜ ମୃତଦେହଙ୍କୁ ଶ୍ମଶାନକୁ ନିଆଯାଇଥିଲା। ଦେବରାଜଙ୍କ ପୁତୁରା କାଳିଆ ମୁଖାଗ୍ନି ଦେଇଥିଲେ। ଏହିସମୟରେ ଘରେ ଦେବରାଜଙ୍କ ସ୍ତ୍ରୀ ସଞ୍ଜୁଲତାଙ୍କ ମଧ ମୃତ୍ୟୁ ଘଟିଥିବା ଖବର ଆସିଥିଲା। ସଙ୍ଗେ ସଙ୍ଗେ ଦେବରାଜଙ୍କ ଜୁଇ ପାର୍ଶ୍ୱରେ ସଞ୍ଜୁଲତାଙ୍କ ପାଇଁ ଜୁଇ ଯୋଗାଡ଼ କରାଯାଇ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

# ୨ ବିରଳ ପ୍ରଜାତିର ସାପ ଉଦ୍ଧାର



ଅରନେଟ ଫ୍ଲାଇଂ ସ୍ନେକ୍ ବା ଉଡ଼ନ୍ତା ସାପ।



ଡାଳୁଆ ବୋଡ଼ା ବା ବାମ୍ବୁ ପିଟ୍ ଭାଇପର ସାପ।

ଯୋଡ଼ା,୧୭।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଯୋଡ଼ା-ଭୂୟାଁ ବସ୍ତି ନିକଟରୁ ଏକ ବିଲୁପ୍ତ ପ୍ରଜାତିର ବିରଳ ସାପ ଶନିବାର ଉଦ୍ଧାର ହୋଇଛି। ସାପଟିର ନାମ ଅରନେଟ୍ ଫ୍ଲାଇଂ ସ୍ନେକ୍ ବା ଉଡ଼ନ୍ତା ସାପ। ସାପଟି ଦେଖିବା ପାଇଁ ବହୁ ସୁନ୍ଦର ହୋଇଥିବା ବେଳେ ଏହା ବିଷଧର ନୁହେଁ ବୋଲି ସାପକୁ ଆୟତ୍ତ କରିଥିବା ଚନ୍ଦନ ମହାନ୍ତି କହିଛନ୍ତି। ସାପଟି ଗୋଟିଏ ଡାଳରୁ ଅନ୍ୟ ଏକ ଡାଳକୁ ଉଡ଼ି ପାରୁଥିବାରୁ ଏହାକୁ ଉଡ଼ନ୍ତା ସାପ କୁହାଯାଏ। ସେହିପରି କମାର ଯୋଡ଼ା ଅଞ୍ଚଳରୁ ଆଉ ଏକ ବିରଳ ପ୍ରଜାତିର ଡାଳୁଆ ବୋଡ଼ା ବା ବାମ୍ବୁ ପିଟ୍ ଭାଇପର ସାପ ଉଦ୍ଧାର ହୋଇଛି। ଏହି ସାପଟି ସବୁଜ ରଙ୍ଗର ହୋଇଥିବା ବେଳେ ଏହା ବିଷଧର ବୋଲି ଚନ୍ଦନ ସୂଚନା ଦେଇଛନ୍ତି। ସାପ ଦ୍ୱୟକୁ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ସାପକୁ ଦେଖି ଭୟରେ ମାରନ୍ତୁ ନାହିଁ ବୋଲି ଚନ୍ଦନ କହିଥିବା ବେଳେ ବର୍ଷାଦିନରେ ସାପ ବାହାରକୁ ବାହାରୁ ଥିବା ସେ କହିଛନ୍ତି।

# ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଅଙ୍ଗନୱାଡ଼ି କର୍ମୀ

ଭୁବନେଶ୍ୱର,୧୭।୯
(ଅନୁରାଧା ମହାରଣା)

ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ମିନି ଅଙ୍ଗନୱାଡ଼ି କର୍ମୀଙ୍କ ଭତ୍ତା ବୃଦ୍ଧି ସହ ଆଉ କେତେକ ଦାବି ପୂରଣ ନ ହେବାରୁ ପୁଣି ଆନ୍ଦୋଳନ ଧମ ଦେଇଛି ଅଙ୍ଗନୱାଡ଼ି କର୍ମଚାରୀ ୟୁନିଅନ ସଂଯୁକ୍ତ ମୋର୍ଚ୍ଚା। ଅକ୍ଟୋବର ୩ରେ ବଡ଼ଧରଣର ବିକ୍ଷୋଭ ପ୍ରଦର୍ଶନ କରିବେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା। ଦାବି ପୂରଣ ପାଇଁ ଗତ ମାର୍ଚ୍ଚରେ ସେମାନେ ଆନ୍ଦୋଳକୁ ଓହ୍ଲାଇଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଲୋଚନା ପରେ ଆନ୍ଦୋଳନ ସ୍ଥଗିତ ରଖିଥିଲେ। ମାତ୍ର ବର୍ତ୍ତମାନ ସୁଦ୍ଧା ଦାବି ପୂରଣ ନେଇ କୌଣସି ଘୋଷଣା କରାଯାଇନାହିଁ। ତେଣୁ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ, ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର୍ସ ଆଣ୍ଡ୍ ହେଲପର୍ସ ଆସୋସିଏଶନ ଏବଂ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘକୁ ନେଇ ଗଠିତ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି।

# ବଜ୍ରପାତରେ ଚାଷୀ ମୃତ

ଢେଙ୍କାନାଳ,୧୭।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ସାଙ୍କୁଲେଇ ଗ୍ରାମରେ ରବିବାର ବର୍ଷା ବେଳେ ବଜ୍ରପାତ ହେବାରୁ ବିଲରେ କାମ କରୁଥିବା ଚାଷୀ ଶରତ ବଶ୍ୱାଳ(୪୩)ଙ୍କ ମୃତ୍ୟୁ ଘଟିଛି। ସେହିପରି ଆରଦା ଗ୍ରାମରେ ବଜ୍ରପାତ ହେବାରୁ ୧୩ ଗୋରୁଙ୍କ ଜୀବନ ଯାଇଛି। ଆରଦା ଗ୍ରାମର ଶେଷଦେବ ରାଉତଙ୍କ ୩ଟି, ବ୍ରହ୍ମାନନ୍ଦ ରାଉତଙ୍କ ଗୋଟିଏ, ଶିଶିର ରାଉତଙ୍କ ୨, ବାଗୁଆ ରାଉତ, ଲକ୍ଷ୍ମଣ ରାଉତ, କାମଦେବ ରାଉତ, ରଞ୍ଜନ କୁମାର ରାଉତ ଓ ଜଳଧର ରାଉତଙ୍କ ଗୋଟିଏ ଲେଖାଏ ଗୋରୁ ସହିତ ୩ଟି ବାଛୁରି ପ୍ରାଣ ହରାଇଛନ୍ତି। କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି ହୋଇଛି। ସେହିପରି କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣି ପଞ୍ଚାୟତ ଜରଡା ଗ୍ରାମରେ ରବିବାର ବଜ୍ରପାତରେ ଦେବରାଜ ଜେନାଙ୍କ ୨ ଗୋରୁଙ୍କ ମୃତ୍ୟୁ ହୋଇଛି।

# ୯ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ସହ ବୋଲେରୋ ଜବତ

ଚିତ୍ରକୋଣ୍ଡା,୧୭।୯(କ୍ଷୀରୋଦ ବେହେରା)



ଜବତ ବୋଲେରୋ

ଚଳଚିତ୍ର ଅଭିନୟ ଭଳି ଏକ ଗଞ୍ଜେଇ ଚୋରା ଚାଲାଣ ଗାଡିକୁ ଗୋଡ଼ାଇ ଗୋଡ଼ାଇ ଧରିଲା ଚିତ୍ରକୋଣ୍ଡା ପୋଲିସ। ଥାନା ଅଧିକାରୀ ମୁକୁନ୍ଦ ମେଲେକାଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ମଧ ରାତ୍ରିରେ ଆନ୍ଧ୍ର-ଓଡ଼ିଶା ସୀମା ପାଖରେ ଓଡ଼ିଶା ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ ଏକ ପିକ୍‌ଅପ୍ ଭ୍ୟାନ ଦ୍ରୁତଗତିରେ ଯାଉଥିବା ପୋଲିସ ଦେଖିବାକୁ ପାଇଥିଲା। ସଙ୍ଗେ ସଙ୍ଗେ ପୋଲିସ ଗାଡି ସେହି ପିକ୍‌ଅପ୍ ଭ୍ୟାନକୁ ପିଛା କରି ଗୋଡ଼ାଇ ଗୋଡ଼ାଇ ଧରିବାରେ ସକ୍ଷମ ହୋଇଥିଲା। ପିକ୍‌ଅପ୍ ଭ୍ୟାନରେ ଗଞ୍ଜେଇ ଆନ୍ଧ୍ର ଦାରାକୋଣ୍ଡାକୁ ଚାଲାଣ ହେଉଥିବା ସୂଚନା ମିଳିଛି। ଗାଡ଼ିରେ ଥିବା ସମସ୍ତ ଚାଲାଣକାରୀ ଫେରାର ହୋଇଯାଇଥିବା ବେଳେ ୯ କୁଇଣ୍ଟାଲ ୫୦ କେଜି ଗଞ୍ଜେଇ ସହ ପିକ୍‌ଅପ୍ (ନଂ. ଏପି ୦୭ ଟିକେ ୦୪୬୬)ଜବତ କରାଯାଇଛି। ଏ ନେଇ ନମ୍ବର ୧୭୭/୨୩ରେ ଏକ ମାମଲା ରୁଜୁ ହୋଇଛି।



ଦୁଃଖ ଭୋଗ ଆମକୁ ସମର୍ଥ କରି ଗଢେ। ତା'ଫଳରେ ଆମେ ସେହି ପରମାନନ୍ଦଙ୍କର ସମଗ୍ର ଆବେଗ ପ୍ରବେଗ ଧାରଣ କରି ପାରିବା। ଆଉ ମଧ୍ୟ ସେହି ପରମଶକ୍ତିମୟଙ୍କର ଲୀଳାକୁ ମଧ୍ୟ ସହ୍ୟ କରିବା ପାଇଁ ସମର୍ଥ ହେବା। ବେଦନା ହେଲା ସେହି ଚାବିକାଠି ଯାହା ସାମର୍ଥ୍ୟର ଦ୍ୱାର ଖୋଲିଦିଏ ଏବଂ ବେଦନା ମଧ୍ୟ ସେହି ରାଜପଥ– ଯାହା ଉପରେ ସେହି ଆନନ୍ଦ ଧାମକୁ ଆମେ ଯାଇପାରୁ। **–ଶ୍ରୀଅରବିନ୍ଦ**



# ଛାଡ଼ପତ୍ର ଜୀବନ ବଞ୍ଚାଏ

ଦିଲ୍ଲୀ ହାଇକୋର୍ଟ ନିକଟରେ ଏକ ରାୟରେ କହିଛନ୍ତି, ଜଣେ ଅବିବାହିତା କିମ୍ବା ବିଧବା ହୋଇଥିବା ଝିଅ ସେମାନଙ୍କ ସ୍ୱର୍ଗବାସୀ ପିତାଙ୍କ ସମ୍ପତ୍ତି ଉପରେ ଅଧିକାର ଦାବି କରିପାରିବେ। ହେଲେ ଛାଡ଼ପତ୍ର ପାଇଥିବା ଝିଅ ଭରଣପୋଷଣ ପାଇବାକୁ ଯୋଗ୍ୟ ଥିବାରୁ ସେ ବାପଘର ସମ୍ପତ୍ତି ଉପରେ ଦାବି କରିପାରିବେ ନାହିଁ। ଏକ ମାମଲାର ବିଚାର କରିବାକୁ ଯାଇ ବିଚାରପତି କହିଛନ୍ତି, ହିନ୍ଦୁ ପୋଷ୍ୟ ଗ୍ରହଣ ଏବଂ ଭରଣପୋଷଣ ଆଇନ ଅନୁଯାୟୀ କେବଳ ନିର୍ଭରଶୀଳ ସଦସ୍ୟ ଭରଣପୋଷଣ ମାଗିପାରିବେ। ସମ୍ପୂର୍ଣ୍ଣ ଆଇନଗତ ଦିଗକୁ ଦେଖିଲେ ହାଇକୋର୍ଟଙ୍କ ରାୟ ଯୁକ୍ତିଯୁକ୍ତ ଲାଗୁନାହିଁ। କାରଣ ଅଧିକାଂଶ ଛାଡ଼ପତ୍ର ପାଇଥିବା ମହିଳାଙ୍କୁ ସ୍ୱାମୀ କେବେହେଲେ ନିଜ ସମ୍ପତ୍ତିରୁ କିଛି ଦେବାକୁ ଚାହାନ୍ତି ନାହିଁ। ଅନେକ ସମୟରେ ଆଇନଗତ ବିଚ୍ଛେଦ ହୋଇଥିଲେ ମଧ୍ୟ ଆଲିମୋନି ବା ଭରଣପୋଷଣ ଠିକ୍ ଭାବେ ମିଳି ନ ଥାଏ। କିନ୍ତୁ ସ୍ୱାମୀର ଦେହାନ୍ତ ପରେ ବିଧବା ସ୍ତ୍ରୀ ସମ୍ପତ୍ତିର ଆଇନଗତ ମୁଖ୍ୟ ଉତ୍ତରାଧିକାରୀ ଭାବେ ବିବେଚିତ ହୋଇଥାନ୍ତି। ଅନ୍ୟପକ୍ଷରେ ଏକ ସାମାଜିକ ଚଳଣି ଓ ବ୍ୟବସ୍ଥାକୁ ଅନିଶା କଲେ ଅବିବାହିତା ଝିଅ ଓ ବିଧବା ହୋଇଯାଇଥିବା ଝିଅଙ୍କ ପରି ସ୍ୱାମୀଙ୍କଠାରୁ ଛାଡ଼ପତ୍ର ପାଇଥିବା ଝିଅ କୌଣସି ସାହାଯ୍ୟ ନ ପାଇଲେ ତାଙ୍କ ଜୀବନ ଦୁର୍ବିଷହ ହୋଇଯାଇଥାଏ। ସେହି ଦୃଷ୍ଟିରୁ ଦେଖିଲେ ଛାଡ଼ପତ୍ର ପାଇଥିବା ମହିଳାଙ୍କ ଦୁଃଖ କମ୍ ନୁହେଁ।

ହିନ୍ଦୁ ସାମାଜିକ ବ୍ୟବସ୍ଥାକୁ ଦେଖିଲେ ଛାଡ଼ପତ୍ର ପାଉଥିବା ମହିଳାକୁ ଅନେକେ ଘୃଣା ଦୃଷ୍ଟିରେ ଦେଖିଥାଆନ୍ତି। ପ୍ରତ୍ୟେକ ଦିନ ଗଣମାଧ୍ୟମରେ ପ୍ରକାଶ ପାଉଥିବା ଖବର ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରୁଥିବ। ପାରିବାରିକ ଅଶାନ୍ତି ଯୋଗୁ ପିଲାଙ୍କୁ ନଦୀକୁ ଫିଙ୍ଗିଦେଇ କିମ୍ବା କଟୁରିରେ ହାଣି ନିଜେ ଆତ୍ମହତ୍ୟା କରିବା ଭଳି ଅନେକ ବୀଭତ୍ସ ଖବର ବାରମ୍ବାର ଦୃଷ୍ଟିକୁ ଆସୁଛି। ପାରିବାରିକ ଅଶାନ୍ତିରୁ ବାପା ତା'ର ପିଲାମାନଙ୍କୁ ହତ୍ୟା କରିବା ପରେ ସ୍ତ୍ରୀକୁ ମାରିବା ଭଳି ଖବର ମଧ୍ୟ ପଦାକୁ ଆସୁଛି, ଯେଉଁଥିରୁ ପ୍ରମାଣ ମିଳୁଛି ଯେ ଉଭୟ ସ୍ତ୍ରୀ ଏବଂ ସ୍ୱାମୀ ଘରୋଇ ହିଂସା ଯୋଗୁ ଚରମ ପଦକ୍ଷେପ ନେଉଛନ୍ତି। ଏଭଳି ଘଟଣା କ୍ୱଚିତ ଘଟେ ବୋଲି କହିବା ତ୍ରୁଟିପୂର୍ଣ୍ଣ ହେବ। ଏବକାର ସମୟରେ ଏହା ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଏହି ପାରିବାରିକ ଅଶାନ୍ତିରୁ ହତ୍ୟା କିମ୍ବା ଆତ୍ମହତ୍ୟା ପରିବର୍ତ୍ତେ ଯଦି ସ୍ୱାମୀ–ସ୍ତ୍ରୀ ବିଚ୍ଛେଦ ହୋଇଯାଇ ପାରନ୍ତେ ତେବେ ହୁଏତ ପୁନର୍ବାର ଏକ ନୂଆ ଜୀବନ ଆରମ୍ଭକରି ଉଭୟେ ଶାନ୍ତିରେ ରହିପାରନ୍ତେ। ଛାଡ଼ପତ୍ର ଦେଇଥିବା ଝିଅ ପ୍ରତି ନିଜ ଶାଶୁଘରେ ଯେତିକି ଘୃଣା ସୃଷ୍ଟି ହୋଇଥାଏ, ତା'ଠାରୁ ଯଥେଷ୍ଟ ଅଧିକ ଘୃଣା ନିଜ ବାପଘରୁ ଦେଖିବାକୁ ମିଳେ। ଅର୍ଥାତ୍ କଠୋର ଏବଂ ନିର୍ଦ୍ଦୟ ଅନେକ ମାତାପିତା ନିଜ ଝିଅକୁ ବିବାହ ପରେ ପୁନର୍ବାର ଘରକୁ ସ୍ୱାଗତ କରନ୍ତି ନାହିଁ। ମନେହୁଏ ଯେପରି ଛାଡ଼ପତ୍ର ଦେଇ ଜୀବିତ ଝିଅକୁ ଫେରିବା ପରିବର୍ତ୍ତେ ଆମର ସଂସ୍କୃତି ଓ ପରମ୍ପରାରେ ଉବୁଟୁବୁ ଅଧିକାଂଶ ମାତାପିତା ନିଜ ଝିଅର ମୃତଦେହ ଦେଖିବାକୁ ଅଧିକ ପସନ୍ଦ କରିବେ।

**ଛାଡ଼ପତ୍ର ଦେଇଥିବା ଝିଅ ପ୍ରତି ନିଜ ଶାଶୁଘରେ ଯେତିକି ଘୃଣା ସୃଷ୍ଟି ହୋଇଥାଏ, ତା'ଠାରୁ ଯଥେଷ୍ଟ ଅଧିକ ଘୃଣା ନିଜ ବାପଘରୁ ଦେଖିବାକୁ ମିଳେ। ଅର୍ଥାତ୍ କଠୋର ଏବଂ ନିର୍ଦ୍ଦୟ ଅନେକ ମାତାପିତା ନିଜ ଝିଅକୁ ବିବାହ ପରେ ପୁନର୍ବାର ଘରକୁ ସ୍ୱାଗତ କରନ୍ତି ନାହିଁ। ମନେହୁଏ ଯେପରି ଛାଡ଼ପତ୍ର ଦେଇ ଜୀବିତ ଝିଅକୁ ଫେରିବା ପରିବର୍ତ୍ତେ ଆମର ସଂସ୍କୃତି ଓ ପରମ୍ପରାରେ ଉବୁଟୁବୁ ଅଧିକାଂଶ ମାତାପିତା ନିଜ ଝିଅର ମୃତଦେହ ଦେଖିବାକୁ ଅଧିକ ପସନ୍ଦ କରିବେ।**

ଦିଲ୍ଲୀ ହାଇକୋର୍ଟର ବିଚାରପତି ଛାଡ଼ପତ୍ର ଦେଇଥିବା ମହିଳାଙ୍କୁ ନିଜ ପୈତୃକ ସମ୍ପତ୍ତିରୁ ବଞ୍ଚିତ କରିବା ସଂକ୍ରାନ୍ତ ଦେଇଥିବା ରାୟ ପ୍ରମାଣ କରୁଛି ଯେ, ବିଚାର ବିଭାଗରେ ମଧ୍ୟ ସେହି କୁଚିନ୍ତା ପ୍ରବଳ ମାତ୍ରାରେ ଘୂରିବୁଲୁଛି।

ଅବିବାହିତାଙ୍କର ଏକ ଭିନ୍ନ କାହାଣୀ ରହିଛି। ନିଜ ମାତାପିତାଙ୍କ ସଙ୍ଗେ ରୁହନ୍ତୁ କିମ୍ବା ଏବେ ଯେମିତି ସହରାଞ୍ଚଳରେ ଅନେକ ଝିଅ ବିବାହ ନ କରି ଅଲଗା ରହୁଛନ୍ତି, ସେମାନଙ୍କୁ ପୈତୃକ ସମ୍ପତ୍ତିରେ ସମାନ ଭାଗ ଦେବା ଏକ ସ୍ୱାଭାବିକ ଚିନ୍ତାଧାରା। ଝିଅ କିମ୍ବା ପୁଅଙ୍କର ନିଜ ପୈତୃକ ସମ୍ପତ୍ତି ଉପରେ ଏକପ୍ରକାର ଅଧିକାର ରହିବା କଥା। ସେହିଭଳି ସ୍ୱାମୀଙ୍କ ବିୟୋଗ ପରେ ବିଧବା ହୋଇ ଅନେକ ମହିଳା ନୂଆ ଜୀବନ ଆରମ୍ଭ କରିପାରୁଛନ୍ତି। ଅନେକ ସମୟରେ ଶାଶୁ ଶ୍ୱଶୁର ମଧ୍ୟ ବୋହୂଙ୍କୁ ପୁନର୍ବିବାହ କରିବା ପାଇଁ ଉତ୍ସାହିତ କରୁଛନ୍ତି। ତେଣୁ ବିଧବା ମହିଳା ମଧ୍ୟ ନିଜର ପୈତୃକ ସମ୍ପତ୍ତି ଉପରେ ଦାବିଦାର ହେବା ସହିତ ସ୍ୱାମୀଙ୍କ ସମ୍ପତ୍ତି ଭାଗ ଉପରେ ମଧ୍ୟ ଅଧିକାର ପାଇବାର ହକ୍‌ଦାର ରହିବା କଥା।

ଏହି ଯୁକ୍ତିକୁ ପ୍ରଚ୍ଛଦପଟରେ ରଖି ଦେଖିଲେ ଛାଡ଼ପତ୍ର ପାଇଥିବା ମହିଳା ମଧ୍ୟ ଆଲିମୋନି ସମେତ ନିଜ ପୈତୃକ ସମ୍ପତ୍ତିର ଭାଗ ପାଇବା ପାଇଁ ଯୋଗ୍ୟ। ସେଥିରୁ ତାଙ୍କୁ ଆଇନଗତ ବଞ୍ଚିତ କରିବା ଅତ୍ୟନ୍ତ ଦୁଃଖଦାୟକ ଓ ସେହି ମହିଳାଙ୍କ ପ୍ରତି ଘୋର ଅନ୍ୟାୟ।

## su|do|ku ସୁ–ଡୋ–କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | 4 | | |
| | 2 | 9 | 3 | 8 | | | | |
| 6 | | 8 | | | | | | 2 |
| 1 | | | | | | | 8 | |
| | | | | | | 9 | 6 | 5 |
| | 9 | | | 3 | | | | |
| | | | 7 | 5 | | | | |
| | | 2 | | 9 | | 7 | | |
| 5 | | 3 | | | | | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 5 | 3 | 4 | 8 | 1 | 2 | 6 |
| 6 | 3 | 2 | 1 | 9 | 5 | 4 | 8 | 7 |
| 4 | 1 | 8 | 2 | 7 | 6 | 3 | 5 | 9 |
| 3 | 2 | 4 | 8 | 6 | 9 | 7 | 1 | 5 |
| 8 | 5 | 9 | 7 | 3 | 1 | 6 | 4 | 2 |
| 7 | 6 | 1 | 5 | 2 | 4 | 8 | 9 | 3 |
| 2 | 8 | 6 | 9 | 1 | 3 | 5 | 7 | 4 |
| 5 | 4 | 7 | 6 | 8 | 2 | 9 | 3 | 1 |
| 1 | 9 | 3 | 4 | 5 | 7 | 2 | 6 | 8 |

ଗତକାଲିର ଉତ୍ତର

# ଆମେ ଭାରତୀୟ ନା ଇଣ୍ଡିଆନ୍



ଡ. ଭବାନୀ ଶଙ୍କର ଦାଶ

ଆଗକୁ ଆସୁଅଛି ଅସଲ ନିର୍ବାଚନ ମହାସମର। ଏମିତିକା କେତେ ନିର୍ବାଚନ ଯାଇଛି। ସେଥିରେ କେତେ ଭେଳିକି ଦେଖିବାକୁ ମିଳେ ନିର୍ବାଚନ ସରିବାଯାଏ। ନିର୍ବାଚନ ପରେ ନାଟକର ଅଙ୍କ ଓ ଦୃଶ୍ୟ ବଦଳିଯିବ ଆଉ ଗୋଟେ ନିର୍ବାଚନ ଯାଏ। ଏଇ ପାଲା ତ ଚାଲିଛି ୭୫ବର୍ଷ ହେଲା ଏଠି। ସ୍ୱାଧୀନତା ପ୍ରାପ୍ତି ପରେ ଭାରତରେ ଯଦି କୌଣସି ଭେଦଭାବ ଉତ୍କଟରୂପ ଧାରଣ କରିଥାଏ ତାହା ହେଲା ନେତା ଜନତାର ଭେଦଭାବ। ଆପାତତଃ ନବେ ଦଶକ ପରେ ରାଜନୀତିରୁ ଦେଶସେବକ ସଂଜ୍ଞା କମିଆସିଲା। ରାଜନୀତି ଏକ ଉତ୍ତମ ବ୍ୟବସାୟ ବୋଲି ଏକ ଅବବୋଧ ଜାଗିଉଠିଲା। ଏ ଜାଗରଣ ଆରମ୍ଭ ହୋଇଥିଲା ନେତାଙ୍କଠାରୁ। ଫଳତଃ ନିଜେ ନ ମରୁଣୁ ନିଜ ଆତ୍ମୀୟସ୍ୱଜନ ଥଇଥାନ ପ୍ରତିଯୋଗିତା ଚାଲିଲା ରାଜନୀତିରେ। ଅର୍ଥ ଓ ବାହୁବଳ ଗୁରୁତ୍ୱବହନ କଲା। ଭୋଟର କିଣାବିକା ପ୍ରକ୍ରିୟା ଖୁଲମଖୁଲା ଚାଲିଲା। ଚାଲିଲା ବିଭିନ୍ନ ସରକାରୀ ସହାୟତା ଓ ସଂରକ୍ଷଣ ନାଁରେ ଭୋଟର ବିଭାଜନ ତଥା ଆକୃଷ୍ଟୀକରଣ। ଏଇ ଭୋଟ ରାଜନୀତି ସକାଶେ ନେତା ହେବାର ପ୍ରତିଯୋଗିତା ବା ଦଳୀୟ ଟିକେଟ ହାତେଇବାର ପାରିବାପଣିଆକୁ ଲକ୍ଷ୍ୟ କଲେ ପ୍ରଚ୍ଛନ୍ନ ଭାବେ ଆତ୍ମଗୋପନ କରିଥିବା ଦେଶ ସେବକର ବେଶ ପୋଷାକ ଭିତରେ ସ୍ୱାର୍ଥପର ମଣିଷଟାକୁ ଭେଟିହୁଏ। ଯିଏ ଜନତାଙ୍କୁ ୫ ବର୍ଷ କାଳ ପାଳଗଦା ବୋଲି ମନେକରନ୍ତି। ପାଳଗଦା ଉପରେ ଛିଡା ହୋଇ ନିଜକୁ ଡେଙ୍ଗା ଏଣୁ ନେତା ବୋଲି ଅଘୋଷିତ ଘୋଷଣା କରିଚାଲନ୍ତି। ପ୍ରତି ୫ ବର୍ଷରେ ଥରେ ବାହୁ ଓ ଅର୍ଥ ବଳରେ ନିଜକୁ ନେତା ବୋଲି ସାବ୍ୟସ୍ତ କରି ଜୀବନ ତମାମ ସୁବିଧାସବୁ ହାତେଇଚାଲନ୍ତି। ରାଜନୈତିକ ଫନ୍ଦିଫିକରର ଚାପରେ ଅତିଷ୍ଠ ସାଧାରଣ ଜନତା ନିଜକୁ ସ୍ୱାଧୀନ ବୋଲି ତଣ୍ଟି ଫଟାଇ କହିପାରେନା। କାରଣ ଶାସନ ଦଣ୍ଡ ଇଂରେଜ ଧଳା ହାତରୁ ଭାରତୀୟ କଳା ହାତକୁ କେବଳ ଆସିଛି ସିନା ଶାସନରେ କୌଣସି ପରିବର୍ତ୍ତନ ହୋଇନାହିଁ। ସେଇ ପୁରୁଣା ପାଠର ପୁନଃପୌନିକତା। ସେଇ ଇଂରେଜ କାଇଦାରେ ଶାସନ ଚାଲିଛି। ନାମଟା ଖାଲି ଗଣତନ୍ତ୍ର ହୋଇଗଲେ ଗଣଶକ୍ତି ବୃଦ୍ଧି ପାଏ ନାହିଁ। ଗଣକୁ କା କରି ବ୍ରିଟିଶ ଚାଲାକି ପଣିଆ ଆମ ଏଠିକା ରାଜନୀତିରେ ଯାହା ଚାଲିଛି ତା'ର ପ୍ରକୃଷ୍ଟ ନମୁନା ଭୋଟ ସାଉଁଟା।

ସବୁଠୁ ବଡ଼ କଥାହେଲା ଆମ ଦେଶର ଅନ୍ୟ ସମସ୍ତ ପଦପଦବୀ ପାଇଁ ପରୀକ୍ଷା କରାଯାଏ, ବୟସ ସୀମା ଓ ଯୋଗ୍ୟତା ମପାଯାଏ। ମାତ୍ର ନେତାଗିରି ପାଇଁ ତ କିଛି ଦରକାର ନାହିଁ। ସରକାରୀ ଚାକିରିଆର ଅବସର ବୟସ ସ୍ଥିର ହୋଇଛି। ନେତା କିନ୍ତୁ ମଲାଯାଏ ଗଣତନ୍ତ୍ରପାଇଁ ଆବଶ୍ୟକ।




ଶିକ୍ଷା, ଦୀକ୍ଷା, ଅଭିଜ୍ଞତା, ବିଦ୍ୱତ୍ତା ଇତ୍ୟାଦି କିଛି ଦରକାର ନାହିଁ ନେତାଗିରି ପାଇଁ। ଦରକାର ପୁଳା ପୁଳା ଅର୍ଥ। ଅର୍ଥ ବିନିମୟରେ ଥରେ ସେ ଚୌକିରେ ବସି ଗଲାପରେ ପୁନର୍ବାର ସେ ଚୌକି ପାଇଁ ବ୍ୟବସାୟିକଭିତ୍ତିରେ ପୁଞ୍ଜି ଖଟାଇ ଆଗାମୀ କାଲିକୁ ସୁରକ୍ଷିତ କରିରଖନ୍ତି। ଦରକାର ହେଲେ ନିଜ ଆତ୍ମଜ ବା ଆତ୍ମୀୟଙ୍କୁ ମୁକରିର କରେଇ ଦିଅନ୍ତି ଏଇ ନେତା ବ୍ୟବସାୟରେ। ସ୍ୱାଧୀନତା ପରେ ଏଇ ଅପସତ୍ୟତାକୁ ବ୍ୟାପକ କରିଦିଆଗଲା। ଫଳତଃ ଯିଏ ନେତା ହେଲେ ସିଏ ନିଜପାଇଁ ଭତ୍ତା ଓ ଅବସର ଭତ୍ତା ବି ବ୍ୟବସ୍ଥା କରିନେଲେ। ଜନସେବା ଆଉ ନେତାର ଆଦର୍ଶ ନ ହୋଇ ଆପଣା ସେବା ହେଲା ମୁଖ୍ୟ। ଦେଶ ବିଭାଜନ ସିନା ଥରେ ହୋଇଥିଲା ଏବେ ନିର୍ବାଚନ ନାଁରେ ଜନତା ବିଭାଜନ ବାରମ୍ବାର ହେଉଛି। ସତରେ ଇଂରେଜ ଜାତି ଭାରି ଚତୁର। ଏମିତି କାଇଦା, କୌଶଳ କରି ସ୍ୱାଧୀନତା ଧରେଇଦେଲେ ଯେ ଆମେ ଅଖା ଧୋଉଛୁ ଗୁଣ ଗାଉଛୁ। ସେଇ ଦିନଠୁ ଆମେ ଭାରତୀୟମାନେ ଦି ଭାଗ। ବିଲାତି ଭାରତୀୟ ଅର୍ଥାତ୍ ଇଣ୍ଡିଆନ୍ ଓ ସାଦା ଭାରତୀୟ ହୋଇଗଲୁ। ଏବେ ଆମ ଦେଶରେ ଏଇ ଇଣ୍ଡିଆନ୍‌ମାନେ ନେତା ଓ ଭାରତୀୟମାନେ ଜନତା। ୭୫ବର୍ଷ ହେଲା ଭାରତୀୟମାନେ ଭୋଟ ଦେଲେ ଇଣ୍ଡିଆନ୍‌ମାନେ ନେତା ହୋଇ ଶାସନ କରନ୍ତି। ଭାରତୀୟମାନଙ୍କଠୁ ଭୋଟତକ କୌଶଳକରି ଅସୁଲ କରାଯାଏ। ଏଣୁ ଏଇ ଦେଶୀ ଇଂରେଜମାନଙ୍କଠୁ ମୁକ୍ତି ପାଇଁ ଆଉଗୋଟେ ମୁକ୍ତି ସଂଗ୍ରାମ ଦରକାର। ଇଣ୍ଡିଆନ୍ ଭଳି ପରାଧୀନତାରୁ ଭାରତୀୟର ମୁକ୍ତି। କାରଣ ଏଇ ଇଣ୍ଡିଆନ୍ ନେତାମାନେ ଭାରତୀୟ ଶିକ୍ଷା, ସଂସ୍କୃତି, ଧର୍ମ ଓ ପରମ୍ପରାପ୍ରତି ସମ୍ବେଦନଶୀଳ ନ ହୋଇ ବିଲାତି କୋଳରେ ଲାଳିତପାଳିତ ହେଉଛନ୍ତି ସ୍ୱାଧୀନତାପ୍ରାପ୍ତି ପରଠୁ। ଫଳତଃ ଭାରତୀୟ ସମାଜ ଜୀବନ ବିପର୍ଯ୍ୟସ୍ତ ହୋଇପଡ଼ିଲା ଅସଭ୍ୟତା ଓ ଅପସଂସ୍କୃତିର ପ୍ରଭାବରେ। ସୃଷ୍ଟି ହେଲା ବିବିଧ ସାମାଜିକ ସମସ୍ୟା। ଆମ ଧର୍ମ ଆମସଂସ୍କାର ଥିଲା ଆମ ପରିଚୟ। ଏବେ ତାହା ଭୂଲୁଣ୍ଠିତ। ଭାରତୀୟଙ୍କ ପାଖରେ ମହାନ୍ ଭାରତୀୟତା ଆଉ ନାହିଁ।

ଏବେ ଗୋଟେ ସାଧାରଣ କଥାକୁ ଲକ୍ଷ୍ୟ କରାଯାଉ। ଭାରତରେ ଯେବେ ନିର୍ବାଚନ ହୁଏ ତାହା ହୁଏ ଫେବୃୟାରୀଠୁ ମେ' ମାସ ମଧ୍ୟରେ। ଏଇ ସମୟଟା ବି ସ୍ଥିର ହୋଇଛି ସ୍କୁଲ,କଲେଜ ପିଲାଙ୍କ ପରୀକ୍ଷା ପାଇଁ। ଏଇଟା ବି ନେତାଙ୍କ ପରୀକ୍ଷାର ବେଳ। ଏମିତି କେମିତି ହେଲା। ଛକ ବଜାର, ରାସ୍ତାଘାଟ, ଗଳିକନ୍ଦି ସବୁଠି ଚାଲିଥିବ ନିର୍ବାଚନୀ ବାଦୀପାଲା, ମାରପିଟ ହୋହଲ୍ଲା। ସେଥିରେ ପୁଣି ନିର୍ବାଚନୀ ଗୀତ, ଜୟଜୟକାର, ଜିନ୍ଦାବାଦ। ଯା ଭିତରେ ପିଲାଙ୍କ ପରୀକ୍ଷା ପ୍ରସ୍ତୁତିକୁ ଦେଖିଲେ ସହଜରେ ଗୋଟେ କଥା ଠଉରେଇ ହୁଏ। ତାହା ହେଲା ବିଲାତି କାଇଦାରେ ତିଆରି ଭାରତୀୟ ମେଧାମେଧ ନିର୍ବାଚନୀ ମହାଯଜ୍ଞ। ୭୫ ବର୍ଷ ପରେ ମଧ୍ୟ ଭାରତୀୟ ଚେତନା ଜାଗ୍ରତ ହୋଇନାହିଁ କିମ୍ବା ଏଥିରେ ପରିବର୍ତ୍ତନ ହୋଇ ନାହିଁ। ଇଂରେଜମାନେ ଚାହିଁଥିଲେ ଏ ମାଟିରେ କେବଳ କିରାଣି ତିଆରି ହୁଅନ୍ତୁ ବୋଲି। ତେଣୁ ବୋଧେ ସମାନ ସମୟରେ ପରୀକ୍ଷା ଓ ନିର୍ବାଚନ ଧାରା ଚାଲିଛି। ଭାରତୀୟ ପ୍ରଜ୍ଞା ମାରଣର ବୋଧେ ଏହା ଅନ୍ୟତମ ଉପାୟ। ଅନ୍ୟପଟେ ଆମ ପରିବାର, ସମାଜ, ସଂସ୍କୃତି, ଧର୍ମ, ପରମ୍ପରାର ଅଖଣ୍ଡ ଦୀପଟି ପଶ୍ଚିମା ପବନ ମାଡ଼ରେ ଲିଭିଲିଭି ଆସିଲାଣି। ଆଧୁନିକ ବା ପ୍ରଗତିଶୀଳ ବା ବିକାଶଶୀଳ ରାଷ୍ଟ୍ର ହେବାପାଇଁ ଆମ ବଂଶଧରମାନେ ଉନ୍ମୁଖ। ମୋଟାମୋଟି ଭାବେ ଆମେ ଗାଁବାଲାଏ ଯାହା ଜାଣୁ ଏଠି ଆଉ କେହି ଭାରତୀୟ ହେବାକୁ ଚାହାନ୍ତିନି। ସମସ୍ତେ ଚାହାନ୍ତି ଇଣ୍ଡିଆନ୍ ହେବାକୁ। ଆହୁରି ଅଧିକ ହେବ। କାରଣ ଆମେ ଆମ ମୁତାବକ ଆମ ସମ୍ବିଧାନ ଗଢିନାହୁଁ। ଆମେରିକା ଓ ଇଂଲଣ୍ଡର ପ୍ରତିଛାୟାରେ ଏହା ଗଠିତ। ତଦନୁସାରେ ଆମ ୨୦୧୯ର ସଧାରଣ ନିର୍ବାଚନ,ଗତ ବର୍ଷ ସରିଥିବା ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନକୁ ଲକ୍ଷ୍ୟ କଲେ ଦୁଃଖଲାଗେ। କାରଣ ଏ ନିର୍ବାଚନ ଭାରତୀୟ ଗଣତନ୍ତ୍ରର ୭୫ବର୍ଷର ପରିପକ୍ୱତାକୁ ନୁହେଁ ବରଂ ପଙ୍କିଳତାକୁ ପ୍ରକାଶ କରୁଥିଲା। ନିଜ ସ୍ୱାର୍ଥ ପାଇଁ ଏ ଦଳରୁ ସେ ଦଳକୁ ଡେଇଁବା, ନିଜ ପୁତ୍ର ପୌତ୍ରାଦିଙ୍କୁ ରାଜନୈତିକ ଥଇଥାନ କରିବା ପାଇଁ ଅତି ନିମ୍ନ ସ୍ତରକୁ ଖସିଯିବା, କାଲି ଯାହାକୁ ଶଁବାଲୁଆ କହୁଥିଲେ ତାକୁ ଆଜି ପ୍ରଜାପତି କହି କାନ୍ଧରେ ବସାଇବା ଇତ୍ୟାଦି ଦୃଶ୍ୟ ଦେଖିଲେ ନିଜକୁ ପ୍ରଶ୍ନ କରିବାକୁ ଇଚ୍ଛାହୁଏ–ଆମେ ଭାରତୀୟ ତ ? ଯେଉଁ ଭାରତୀୟ ଦିନେ ସତ୍ୟ ପାଳନ ଲାଗି ରାଜସିଂହାସନ ତ୍ୟାଗ କରି ବନବାସକୁ ଆପଣେଇ ନେଇଥିଲା, ପ୍ରଜାସୁଖ ଯାହାଙ୍କ ସୁଖ ଓ ମୁଖ୍ୟଧର୍ମ ଥିଲା, ଯାହାଙ୍କ ଶାସନ ଧାରା ସ୍ମରଣ କରି ଭାରତୀୟ ମୁକ୍ତି ସଂଗ୍ରାମ ରାମରାଜ୍ୟର ସ୍ୱପ୍ନ ଦେଖିଥିଲା, ଇଏ କ'ଣ ସେଇ ରାମରାଜ୍ୟ –ଯେଉଁଠି ନେତାଙ୍କ ଆଦର୍ଶ ତ୍ୟାଗ ନୁହେଁ ଭୋଗ। ଅବଶ୍ୟ ଯାଗ, ଯୋଗ ଓ ତ୍ୟାଗର ମାଟି ଭାରତରେ ତ ଏବେ ଭୋଗ ଓ ରୋଗର ରାଜୁତି। ଅବଶ୍ୟ ଏଇ ଭୋଗ ପ୍ରବଣତା ରୋଗରେ ଇଣ୍ଡିଆନ୍‌ମାନେ ଯେତେ ଆକ୍ରାନ୍ତ ଭାରତୀୟମାନେ ସେତେ ନୁହନ୍ତି। ନିଜକୁ ମହାନ୍ ଭାରତୀୟ ପରମ୍ପରାର ଉତ୍ତରଦାୟାଦ ଭାବେ ଚିହ୍ନିପାରିଲେ ଓ ଗର୍ବ କରିପାରିଲେ ଅଚିରେ ଇଣ୍ଡିଆନ୍ ଦେଉଥିବା ଯନ୍ତ୍ରଣାରୁ ଉପଶମ ମିଳିପାରନ୍ତା।

**ସରାଟ ଶାସନ, ଚଣାହାଟ, ବାଲିପାଟଣା, ଖୋର୍ଦ୍ଧା**
**ମୋ– ୮୯୧୭୬୨୪୩୮୬**

# ଇନ୍ଦ୍ରଧନୁର ରଙ୍ଗ



ଶୈଳେନ୍ଦ୍ର ଦ୍ୱିବେଦୀ

ରାଜସ୍ଥାନ ପର୍ଯ୍ୟଟନରେ କୋଟା ପ୍ରସିଦ୍ଧ ଶିକ୍ଷା, ପଥର, ମନ୍ଦିର ଓ ସଂଗ୍ରହାଳୟ ପାଇଁ, ଅଥଚ ଏ ସବୁଠୁ କାହିଁ କେତେଗୁଣ ଅଧିକ ପ୍ରସିଦ୍ଧ ଇଞ୍ଜିନିୟରିଂ ଓ ମେଡିକାଲ ପ୍ରବେଶିକା ପରୀକ୍ଷା ନିମନ୍ତେ ଦେଶର ସର୍ବବୃହତ୍ କୋଚିଂ ହବ୍ ଭାବରେ । କୁହାଯାଏ, ଆଗ୍ରହୀ ଛାତ୍ରୀଛାତ୍ରମାନଙ୍କୁ ପ୍ରବେଶିକାରେ ସଫଳ ହେବା ପାଇଁ ଏଠି ଦିଆଯାଉଥିବା ତାଲିମ ରୀତିମତ ଔଦ୍ୟୋଗିକ ସ୍ତରର। ତେବେ ପାଠକେ, ନିକଟରେ ଚର୍ଚ୍ଚାକୁ ଆସିଛି କୋଟା ଆତ୍ମହତ୍ୟା ଘଟଣା ବଢ଼ିବାକୁ ନେଇ। ଏଇଠି କହିରଖେ ଯେ ଛାତ୍ର ଆତ୍ମହତ୍ୟା କୋଟାରେ କିନ୍ତୁ ନୂଆକଥା ନୁହେଁ। ତଥ୍ୟ ଅନୁସାରେ ଗତ ୧୦ ବର୍ଷ ଭିତରେ ଏଠି ଆତ୍ମହତ୍ୟା କରିଛନ୍ତି ୧୦୦ରୁ ଅଧିକ ଛାତ୍ର। ଜଣେ ମନସ୍ତତ୍ତ୍ୱବିତ୍ ଲେଖିଛନ୍ତି, ଭାରତରେ ବର୍ଷକୁ ଯେତିକି ଯୁବତୀ ଯୁବକ ଆତ୍ମହତ୍ୟା କରୁଛନ୍ତି ସେହି ଅନୁପାତରେ କୋଟା ଆତ୍ମହତ୍ୟା ସଂଖ୍ୟା ଦୃଷ୍ଟିରୁ କମ୍ ହୋଇପାରେ, ତେବେ ଆମେ ଭୁଲିଗଲେ ଚଳିବ ନାହିଁ ଯେ କୋଟାକୁ ରାଜସ୍ଥାନ ବାହାରୁ ଆସୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧ଲକ୍ଷରୁ ଖୁବ୍ ଅଧିକ ନୁହେଁ ଏବଂ ସେହି ଦୃଷ୍ଟିରୁ ଆତ୍ମହତ୍ୟାଜନିତ ମୃତ୍ୟୁସଂଖ୍ୟା ଯଥେଷ୍ଟ ଅଧିକ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟ ଅନୁସାରେ ଭାରତରେ ୨୦୨୦ରେ ପ୍ରତି ୪୨ମିନିଟରେ ଜଣେ ଛାତ୍ର ଆତ୍ମହତ୍ୟା କରୁଥିଲେ ଅର୍ଥାତ୍ ଦିନକୁ ହାରାହାରି ୩୪ଛାତ୍ର ଆତ୍ମହତ୍ୟା କରିଥିବା ବେଳେ ସେହି ବର୍ଷ ୧୮ବର୍ଷରୁ କମ୍ ବୟସ୍କଙ୍କ ଆତ୍ମହତ୍ୟା ସଂଖ୍ୟା ଥିଲା ୧୧,୩୯୬। ଜଣାପଡ଼ିଛି, ୧୫ରୁ ୩୦ ବର୍ଷ ବୟସ ବନ୍ଧନୀରେ ପୃଥିବୀରେ ଆତ୍ମହତ୍ୟା ହେଉଛି ମୃତ୍ୟୁର ୧ନମ୍ବର କାରଣ। ମନସ୍ତତ୍ତ୍ୱବିତ୍ ଜଣକ ଏକଥା ବି କହିଛନ୍ତି ଯେ ଭାରତରେ ସେଲିବ୍ରିଟି ଆତ୍ମହତ୍ୟା ଚର୍ଚ୍ଚାକୁ ଆସେ। ଯଥା ଚିତ୍ର ତାରକାଙ୍କ ଅକାଳ ମୃତ୍ୟୁ। କୃଷକ ଆତ୍ମହତ୍ୟା ମଧ୍ୟ ରାଜନୈତିକ ଦୃଷ୍ଟିକୋଣରୁ ଜୋରସୋର ଆଲୋଚନା ହୁଏ, କାରଣ ସେଥିରେ ରାଜନୈତିକ ଉଷ୍ମତା ଥାଏ। ଆଉ ଛାତ୍ର ଆତ୍ମହତ୍ୟା ଉପରୋକ୍ତ ଦୁଇ ଆତ୍ମହତ୍ୟା ପରିପ୍ରେକ୍ଷୀରେ କମ୍ ଗୁରୁତ୍ୱ ପାଇଥାଏ। ଆମେ ଭାବିବାକୁ ରୀତିମତ ଭୁଲିଯାଉ ଯେ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟ କ୍ଷତିଗ୍ରସ୍ତ ହେବାରେ ଲାଗିଛି, ଯେଉଁଥିପାଇଁ ସେମାଙ୍କଠାରୁ କାହିଁ କେତେଗୁଣ ଆମେ, ଅଥଚ ବୟସ୍କମାନେ ଦାୟୀ। ଆଉଜଣେ ମନସ୍ତତ୍ତ୍ୱବିତ୍‌ଙ୍କ ମତ ହେଉଛି, କୋଟାକୁ ଆସିଥିବା ପିଲାମାନଙ୍କ ପାଇଁ ସେମାନଙ୍କ ଅଭିଭାବକମାନେ କେବଳ ପ୍ରଚୁର ଖର୍ଚ୍ଚକରନ୍ତି ନାହିଁ ପିଲାମାନେ ଏକରକମ ସଙ୍କଳ୍ପବଦ୍ଧହୋଇ ଆସିଥାନ୍ତି ଯେ ସଫଳତାର ସ୍ୱାଦ ସେମାନେ ପାଇବେ। ଆଉ ପିଲାମାନଙ୍କୁ ପଢ଼େଇବାକୁ ପଠାଇଥିବା ଅଭିଭାବକମାନେ କ'ଣ ଚାହାନ୍ତି! ଯାହାବି ହୋଇଯାଉ ସେମାନଙ୍କ ପିଲା ସଫଳ ହେବା ଦରକାର। ସମାଜତତ୍ତ୍ୱବିତ୍‌ମାନଙ୍କ ମତ, ଆତ୍ମହତ୍ୟା ପାଇଁ ପ୍ରଭାବ ଯେତିକି ଜୈବିକ ନୁହେଁ ସେତିକି ସାମାଜିକ, ସାଂସ୍କୃତିକ ଏବଂ ଅଧିକ ଭାବନାତ୍ମକ। ଏକଥା ମଧ୍ୟ କୁହାଯାଏ ଯେ ଆମ ସମୟର ସାମାଜିକ ସଂରଚନା ଏମିତି ଯେ ଜଣେ ସମ୍ପୂର୍ଣ୍ଣ ସୁସ୍ଥ ବୟସ୍କ ମାନସିକ ରୋଗଗ୍ରସ୍ତ ହେବା ପାଇଁ ଖୁବ୍ ଅଧିକ ସମୟ ନେବ ନାହିଁ।

ଅଧ୍ୟୟନରୁ ଜଣାପଡ଼ିଛି, କୋଟାରେ ଆତ୍ମହତ୍ୟା କରିଥିବା ଅଧିକାଂଶ ଛାତ୍ର ଆସିଥିଲେ ଉତ୍ତରପ୍ରଦେଶ ଓ ବିହାରରୁ–ନିମ୍ନ ମଧ୍ୟବିତ୍ତ ନଚେତ ମଧ୍ୟବିତ୍ତ ପରିବାରରୁ।



ନିଜ ସ୍କୁଲ/ଶିକ୍ଷାନୁଷ୍ଠାନରେ ଖୁବ୍ ଭଲ ଛାତ୍ର ଥିବା ଗାଁ/ଛୋଟ ସହରର ଏହି ଛାତ୍ରମାନେ କୋଟାରେ ପାଦ ଦେବା ସହିତ ପ୍ରତିଯୋଗିତାର ଏକ ଅଜବ ଦୁନିଆ ଭିତରକୁ ପାଦ ଥାପିଥିଲେ। କୁହାଯାଉଛି କୋଟା କୋଚିଂ ଶିଳ୍ପ ୧୨ ହଜାର କୋଟି ଟଙ୍କାର ଏକ କ୍ରମବର୍ଦ୍ଧିଷ୍ଣୁ ଅନୁଷ୍ଠାନ ଯାହା ସଦା ସର୍ବଦା ନିଜ ଆପଣା ଅଭିବୃଦ୍ଧିକୁ ଜାହିର କଲାବେଳେ ଛାତ୍ରମାନଙ୍କ କଲ୍ୟାଣକୁ ଅଣଦେଖା କରିଥାଏ। ବ୍ୟବସାୟ ବଢ଼େଇବା ପାଇଁ କୋଟା କୋଚିଂ ଶିଳ୍ପ ଅନେକ ଆକର୍ଷଣୀୟ ବ୍ୟବସ୍ଥା ହାତକୁ ନେଇଥାଏ, ଯଥା ଆଡମିଶନ ପୂର୍ବରୁ ପୂର୍ବ ପରୀକ୍ଷାରେ ସଫଳ ହୋଇଥିବା ଛତ୍ରୀଛାତ୍ରଙ୍କ ବାବଦରେ ପୂରା ପୃଷ୍ଠା ବିଜ୍ଞାପନ, ଚଳିତଥର କୋଚିଂ ଇନ୍‌ଷ୍ଟିଚ୍ୟୁଟ୍‌ର ନୂଆ ଯୋଜନା, ସାପ୍ତାହିକ ପରୀକ୍ଷା ଏବଂ ଫଳାଫଳ, ନିୟମିତ ଅନ୍ତରାଳରେ ଅଭିଭାବକମାନଙ୍କୁ ଛାତ୍ରୀଛାତ୍ରମାନଙ୍କ ସଫଳତା ବାବଦରେ ଖବର ପ୍ରଦାନ। ସପ୍ତାହକ ୭ଦିନ ଏବଂ ୨୪ ଘଣ୍ଟାରୁ ୧୨ ଘଣ୍ଟା ଛାତ୍ରୀଛାତ୍ରଙ୍କ ପାଇଁ କୋଚିଂରୁ ନିସ୍ତାର ନ ଥାଏ। ବନ୍ଧୁବାନ୍ଧବ, ସାଙ୍ଗସାଥୀ ଓ ବାପା ମା'ଙ୍କଠାରୁ ଦୂରରେ ଏକ ଯନ୍ତ୍ରର ଜୀବନ। ଏମିତି ସ୍ଥିତିରେ ଯେତେବେଳେ କୌଣସି କାରଣରୁ ଜଣେ ବିଫଳ ହୁଏ ସେତେବେଳେ ସବୁରାସ୍ତା ତା' ପାଇଁ ବନ୍ଦ ହୋଇସାରିଥାଏ।

ମନସ୍ତତ୍ତ୍ୱବିତ୍‌ମାନେ କହନ୍ତି, ମହାମାରୀ (କୋଭିଡ୍ –୧୯) କେବଳ ପୃଥିବୀକୁ କେତେବର୍ଷ ପଛକୁ ନେଇଯାଇନାହିଁ ଆମ ଅଲକ୍ଷ୍ୟରେ ସର୍ବାଧିକ କ୍ଷତି ପହଞ୍ଚାଇଛି ମନସ୍ତାତ୍ତ୍ୱିକ ସ୍ୱାସ୍ଥ୍ୟକୁ। ଭାରତ ପରିପ୍ରେକ୍ଷୀରେ କୁହାଯାଇଛି ଯେ ଜାତୀୟ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ବ୍ୟୟ ବରାଦ ମହାମାରୀ ପୂର୍ବରୁ ୪୦କୋଟି ଟଙ୍କା ଥିବା ବେଳେ ୨୦୨୩–୨୪ରେ ତାହା ବୃଦ୍ଧି ପାଇ ୧୩୪ କୋଟି ଛୁଇଁଛି । ମନସ୍ତତ୍ତ୍ୱବିତ୍‌ମାନେ ସନ୍ତୁଷ୍ଟ ନୁହନ୍ତି କାରଣ ମାନସିକ ସ୍ୱାସ୍ଥ୍ୟ ନେଇ ଯେତିକି କରାଯିବା କଥା ତାହା ହୋଇନାହିଁ। ରାଜସ୍ଥାନ ସରକାର ସମୁଦାୟ ଘଟଣା ଉପରେ ନିରପେକ୍ଷ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅବଶ୍ୟ କହିଛନ୍ତି ତେବେ ତାହା ପର୍ଯ୍ୟାପ୍ତ ନୁହେଁ ଯେପର୍ଯ୍ୟନ୍ତ ସାମାଜିକ ସ୍ତରରେ ଆମ ସମସ୍ତଙ୍କ ତରଫରୁ ଉଦ୍ୟମ ଆରମ୍ଭ ନ ହୋଇଛି। ତଥ୍ୟାନୁସାରେ ୨୦୨୨ରେ କୋଟାରେ ଆତ୍ମହତ୍ୟା କରିଥିଲେ ୧୫ ଛାତ୍ର, ୨୦୨୧ରେ ଜଣେ, ୨୦୨୦ରେ ୪ ଜଣ, ୨୦୧୯ରେ ୮ ଜଣ, ୨୦୧୮ରେ ୧୨ ଜଣ ଏବଂ ୨୦୧୭ରେ ୧୦ ଜଣ। ଅଧିକାଂଶ କ୍ଷେତ୍ରରେ ଅନୁସନ୍ଧାନ ଅସମ୍ପୂର୍ଣ୍ଣ ରହିଛି କିମ୍ବା ଆତ୍ମହତ୍ୟା ପରୀକ୍ଷାରେ ବିଫଳତାଜନିତ ବୋଲି କୁହାଯାଇଛି। ପାଠକେ, ଗତ ଶତାବ୍ଦୀରେ ଶେଷ ଦଶକରେ କୋଟାର ଭାଗ୍ୟ ଫିଟିଥିଲା ଯେତେବେଳେ ଏହାକୁ କୁହାଗଲା ନୂଆ କାଶୀ। କୋଟାର ବର୍ତ୍ତମାନର ଅର୍ଥନୀତି ହେଉଛି କୋଚିଂ ସେଣ୍ଟର ଅର୍ଥନୀତି। ୪୦,୦୦୦ ପେଇଙ୍ଗ ଗେଷ୍ଟ ସୁବିଧା ବାହାରେ ରହିଛି ୪ ହଜାର ହଷ୍ଟେଲ। ସହରର ହଜାର ହଜାର ବୋର୍ଡରେ ଅବଶ୍ୟ କେବଳ ସଫଳତା ବିଜ୍ଞାପନ ରହିଛି କିନ୍ତୁ ତାହାରି ଭିତରେ ଲୁଚି ରହିଛି ଆତ୍ମହତ୍ୟାର ମଞ୍ଜି। ଜଣେ ମନସ୍ତତ୍ତ୍ୱବିତ୍ କହିଛନ୍ତି ବ୍ୟବସାୟ ଜୀବନ ଉପରେ ସବାର ହୋଇସାରିଛି ଏବଂ ଅଣନିଃଶ୍ୱାସୀ କରି ପକେଇଛି ଜୀବନକୁ। ଆପଣ ଚିନ୍ତା କରିପାରନ୍ତି! ଇନ୍ଦ୍ରଧନୁର ରଙ୍ଗ ପାଣିଚିଆ ହୋଇସାରିଛି।

**ମୋ– ୯୪୩୭୧୩୭୦୬୦**

## ଏଇ ଭାରତରେ

ସ୍କୁଲରେ ପିଲାଙ୍କ ସଂଖ୍ୟା ବୃଦ୍ଧି ଲାଗି ନିଜ ଦରମାରୁ ଅର୍ଥ ବ୍ୟୟ କରି ଅଭିନବ ଉପାୟ ଆପଣାଇଛନ୍ତି ତେଲଙ୍ଗାନାର ଶିକ୍ଷୟିତ୍ରୀ ଅର୍ଚ୍ଚନା ନୁଗୌରି। ମଞ୍ଚେରିଆଲର ଜିଲା ରେବିନାପଲ୍ଲୀସ୍ଥିତ ମଣ୍ଡଳ ପରିଷଦ ପ୍ରାଥମିକ ସ୍କୁଲରେ ସେ ପ୍ରଧାନଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ଦୁର୍ଗମ ଅଞ୍ଚଳର ପିଲାମାନଙ୍କୁ ସ୍କୁଲକୁ ଆଣିବା ଲାଗି ପରିବହନ ବ୍ୟବସ୍ଥା ସହ ଏକ୍ସଟ୍ରା କ୍ଲାସ ନେଉଛନ୍ତି। ଏହି ପଦକ୍ଷେପ ଯୋଗୁ ସ୍କୁଲର ପିଲାସଂଖ୍ୟା ଏବେ ୨୭୫ରେ ପହଞ୍ଚିଗଲାଣି। ସେମାନଙ୍କ ମଧ୍ୟରେ ଝିଅସଂଖ୍ୟା ୧୦୩। ଅର୍ଚ୍ଚନାଙ୍କ ବୟସ ୪୨। ଚାକିରି ପ୍ରାରମ୍ଭ କାଳରେ ସେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ପ୍ରତିଦିନ ଯାଉଥିଲେ। ପିଲା ସ୍କୁଲ ଛାଡ଼ିବା ମୂଳରେ ଗମନାଗମନ ତଥା ପରିବହନ ମୁଖ୍ୟ ସମସ୍ୟା ରହିଥିବା ସେ ଅନୁଭବ କରିବା ପରେ ଏଥିପାଇଁ ଗାଡ଼ି ବ୍ୟବସ୍ଥା କରିଛନ୍ତି। ନିଜ ଖର୍ଚ୍ଚରେ ଏକ ଲାଇବ୍ରେରି କରିଛନ୍ତି। ଏଥିରେ ୧୦୦୦ ବହି ଅଛି। ବିଭିନ୍ନ ଉତ୍ସରୁ ପାଣ୍ଠି ଯୋଗାଡ଼ କରି ସେ ସ୍କୁଲର ଫର୍ନିଚର ତିଆରି କରିଛନ୍ତି। ଏହି କାର୍ଯ୍ୟ ଲାଗି ତାଙ୍କୁ ଜାତୀୟ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଛି।

## ଚିରନ୍ତନୀ

ଭୁଲିବାକୁ ମୋତେ କରିଥିଲୁ
ଅଭିଳାଷ
ଲୋଡ଼ିଥିଲୁ କେତେ ଅଖଣ୍ଡ
ଅବକାଶ,
ଛାଡ଼ି ଏ ଧରଣୀ ଆକାଶ ବିହାର
ଲାଗି
ସ୍ୱପନ ମଦିରା ପାନେ ହେଲୁ
ଅନୁରାଗୀ। -(ଜୀବନର ସ୍ୱର୍ଣ୍ଣ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଦୁର୍ନୀତିର ପରିଭାଷା

ମହାଶୟ,

ସାଧାରଣ ଭାବେ ଦୁର୍ନୀତି କହିଲେ ବିତ୍ତୀୟ ଭ୍ରଷ୍ଟାଚାର ବା ଆର୍ଥିକ ଲାଭ ଓ ଅନିୟମିତତାକୁ ବୁଝାଏ। ମାତ୍ର ମାନ୍ୟବର ସୁପ୍ରିମକୋର୍ଟ ଦୁର୍ନୀତିର ପରିଭାଷା ନିରୂପଣ କରିବାକୁ ଯାଇ ନିଜର ସ୍ପଷ୍ଟ ମତ ଦେଇଛନ୍ତି। ଶୀର୍ଷକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଦୁର୍ନୀତି କେବଳ ବିତ୍ତୀୟ ଭ୍ରଷ୍ଟାଚାର ବା ଆର୍ଥିକ ଲାଭରେ ସୀମିତ ନୁହେଁ। ନୈତିକତା ଆଧାରରେ ଯାହା ଭ୍ରାନ୍ତ ଏବଂ ନିକୃଷ୍ଟ ତାହାହିଁ ଦୁର୍ନୀତି। ସୁତରାଂ ମନ୍ତ୍ରୀ, ସାଂସଦ, ବିଧାୟକ ଓ ବୁରୋକ୍ରାଟମାନେ ଠିକ୍ ସମୟରେ ସମ୍ପତ୍ତି ତାଲିକା ନ ଦେବା, ଲାଞ୍ଚ କାରବାର କରି ଓ କମିଶନ ଆଦାୟ କରି ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା, ମନ୍ତ୍ରୀ ଓ ଜନପ୍ରତିନିଧିମାନେ କ୍ଷମତାର ଅପବ୍ୟବହାର କରି ଅହେତୁକ ସମ୍ପତ୍ତି ଅର୍ଜନ କରିବା, ନିର୍ବାଚନ ପୂର୍ବରୁ ଲୋଭନୀୟ ପ୍ରତିଶ୍ରୁତି ଦେଇ କ୍ଷମତା ହାସଲ କରିବା ପରେ ପ୍ରତିଶ୍ରୁତି ପୂରଣ ନ କରିବା, ନିର୍ବାଚନରେ କମିଶନଙ୍କ ଧାର୍ଯ୍ୟ ଠାରୁ ଅଧିକ ଅର୍ଥ ବ୍ୟୟ କରିବା, ଭୋଟରମାନଙ୍କୁ ଟଙ୍କା ଓ ମୂଲ୍ୟବୋଧ ସାମଗ୍ରୀ ଦେଇ ଭୋଟ ହାସଲ କରିବା, ଧନୀଙ୍କ ଉପରୁ ଟିକସ ହ୍ରାସ କରି ସାଧାରଣ ଲୋକଙ୍କ ଉପରେ ଟିକସ ଭାର ବଢ଼ାଇବା, ନିର୍ବାଚନୀ ହିଂସା ସୃଷ୍ଟି କରି ବିରୋଧୀଙ୍କୁ କ୍ଷତି ପହଞ୍ଚାଇବା, ଧର୍ମ, ଜାତି ଭିତ୍ତିରେ ରାଜନୀତି କରିବା ଏବଂ ଅପରାଧୀ ଦାଗୀ ଓ ଦୁର୍ନୀତିଗ୍ରସ୍ତଙ୍କୁ ସୁରକ୍ଷା ଦେବା ମଧ୍ୟ ଦୁର୍ନୀତି ପରିସରଭୁକ୍ତ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଜେସିବି, କାର କାଚ ଭାଙ୍ଗିଲେ ଦୁର୍ବୃତ୍ତ**

ଗଞ୍ଜାମ,(ବିଦ୍ୟାଧର ସାହୁ):ଗଞ୍ଜାମ ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ବିଳମ୍ବିତ ରାତ୍ରରେ ଋଷିକୁଲ୍ୟା ନଦୀର ପଥର ବନ୍ଧ ନିର୍ମାଣ ପାଇଁ ରହିଥିବା ଜେସିବି ଓ ଏକ କାରର କାଚ ଦୁର୍ବୃତ୍ତମାନେ ଭାଙ୍ଗିଦେଇଥିବା ଅଭିଯୋଗ ହୋଇଛି। ଋଷିକୁଲ୍ୟା ନଦୀ ପାର୍ଶ୍ୱରେ ରଖାଯାଇଥିବା ଜେସିବି ଓ ଗ୍ରାମ ମଧ୍ୟରେ ରହିଥିବା ସେନା କର୍ମଚାରୀ ଦୀପକ କୁମାର ବେହେରାଙ୍କ କାର କାଚ ଭାଙ୍ଗି ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଅଭିଯୋଗ ପାଇ କେତେଜଣ ଯୁବକଙ୍କୁ ସ୍ଥାନୀୟ ପୋଲିସରେ ଅଟକ ରଖି ତଦନ୍ତ କରୁଛି। ସ୍ଥାନୀୟ ଅଞ୍ଚଳରେ ବିଳମ୍ବିତ ରାତ୍ରରେ ବିଭିନ୍ନ ସମୟରେ ଚୋରି ହେଉଥିବାରୁ ରାତ୍ରି କାଳୀନ ପାଟ୍ରୋଲିଂକୁ କଡାକଡି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ସଂକ୍ଷେପରେ

### ଜେସିସି ସପ୍ତାହ ଉଦ୍‌ଯାପିତ

ଆସିକା,୧୭।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ସୁଗାର ଟାଉନ ଜେସିସି ପକ୍ଷରୁ ଚାଲିଥିବା ଜେସିସି ସପ୍ତାହ ଶୁକ୍ରବାର ଉଦଯାପିତ ହୋଇଛି। ସପ୍ତାହେ ବ୍ୟାପି ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ବର୍ଷାଜଳ ସଂରକ୍ଷଣ, ପରିବେଶ ସୁରକ୍ଷା, ସର୍ବସାଧାରଣ ସ୍ଥାନରେ ଚାରାରୋପଣ, ବିଦ୍ୟୁତଯାନ ବ୍ୟବହାର ପୂର୍ବକ ପରିବେଶ ସୁରକ୍ଷା, ଅନକ୍ଲିଷ୍ଟଙ୍କୁ ଖାଦ୍ୟ ବଣ୍ଟନ, ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ପି. ଗୌରବ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପାତ୍ର, କିରଣ କୁମାର ପାଢୀ, ପ୍ରଦୀପ କୁମାର ସାହୁ, ଦେବାଶିଷ ପଣ୍ଡା, ପ୍ରତୀକ ଆଚାରୀ, ଶୁଭମ ପାତ୍ର, ଶାନ୍ତନୁ ରଣା, ବସନ୍ତ ଭଞ୍ଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସେରଙ୍ଗ, ଅଜୟଗଡ଼ରେ ଲୁପ୍ତ ପ୍ରାୟ କମଳା ଚାଷ

ଗୁମ୍ମା,୧୭।୯(ପ୍ରବୀଣ କୁମାର ଲିମା)



ଗଜପତି ଜିଲା ଆଦିବାସୀବହୁଳ ବଣ ପାହାଡ଼ ଘେରା ଗୁମ୍ମା ବ୍ଲକର ପାରମ୍ପରିକ ଚାଷ ଦିନକୁ ଦିନ ଲୁପ୍ତ ହେବାରେ ଲାଗିଛି। ବିଶେଷ କରି କମଳା ଚାଷ ପାଇଁ ଉପଯୁକ୍ତ ପାଣିପାଗ ଓ ବାତାବରଣ ଥିବା ଅଜୟଗଡ଼ ଏବଂ ସେରଙ୍ଗ ପଞ୍ଚାୟତରେ ମଧ୍ୟ ଆଉ କମଳା ଚାଷ ଦେଖିବାକୁ ମିଳୁନି। ବିଗତ ଦିନଗୁଡ଼ିକରେ ପ୍ରଚୁର ପରିମାଣର କମଳା ଉତ୍ପାଦନ ହେଉଥିବା ବେଳେ ଦିନକୁ ଦିନ ଏହି ଚାଷ ଉପରୁ ଚାଷୀ ମୁହଁ ଫେରାଉଥିବା ଦେଖିବାକୁ ମିଳିଛି। ପୋଡୁ ଚାଷ ଏବଂ କାଜୁବଣ ବୃଦ୍ଧି ଯୋଗୁ ପରିବେଶ ଉପରେ ତଥା ଜଳବାୟୁ ପ୍ରଦୂଷଣରେ କୁପ୍ରଭାବ ପଡୁଥିବା ପରିବେଷଣ ବିଶେଷଜ୍ଞମାନଙ୍କ ଦ୍ୱାରା ମତ ପ୍ରକାଶ ପାଇଛି। ଏଣୁ ଚାଷୀମାନଙ୍କୁ ସଚେତନତା କରାଯାଇ କମଳା ଚାରାକୁ ବହୁ ପରିମାଣରେ ଯୋଗାଇ ଦେଲେ ପରିବେଶରେ ସନ୍ତୁଳନ ଆସିବା ସହିତ କମଳା ଚାଷର ଚାହିଦା ବୃଦ୍ଧି ପାଇବ। ସେରଙ୍ଗ ଓ ଅଜୟଗଡ଼ ଅଞ୍ଚଳରେ କମ ଉତ୍ପାଦନ ହେଉଥିବା କାଜୁ ଚାଷ ଉପରେ ନିର୍ଭର ନ କରି କମଳା ଚାଷକୁ ଗୁରୁତ୍ୱ ଦେବାକୁ ଅଜୟଗଡ଼ ଓ ସେରଙ୍ଗ ଅଞ୍ଚଳର ଚାଷୀମାନଙ୍କୁ ସଚେତନ କରାଗଲେ ଚାଷୀଙ୍କ ଆୟ ବୃଦ୍ଧି ହେବା ସହିତ ପାରମ୍ପରିକ କମଳା ଚାଷର ସଂରକ୍ଷଣ କରାଯାଇପାରିବ ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି। କମଳା ଭଳି ଏକ ମୂଲ୍ୟବାନ ଫଳ ଉତ୍ପାଦନ ହେଲେ ଅନେକ ଲୋକ ସ୍ଥାନୀୟ ବଜାରରେ ଏହାକୁ ପାଇବା ସହ ଚାଷୀଙ୍କ ଆୟ ବୃଦ୍ଧି ପାଇବ ବୋଲି ସୁରେଶ ବଡ଼ ଦଳାଇ, ମାଲୀୟ ପାଇକ, ଦେବେନ୍ଦ୍ର ପ୍ରଧାନ, ରୂପ ଶବର, ନୋହର ଗମାଙ୍ଗ, ଏଲିଅ ଶବର ଓ କାର୍ତ୍ତିକ ଗମାଙ୍ଗ କହିଛନ୍ତି। ସରକାରୀ ସ୍ତରରେ କମଳା ଚାଷ ପ୍ରତି ପ୍ରୋତ୍ସାହନ ଦେଲେ କମଳା ଫଳର ଫାଇଦା ଚାଷୀ ଓ ଅଞ୍ଚଳବାସୀ ପାଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏନେଇ ଅଜୟଗଡ଼ ଅଞ୍ଚଳର ଅଡେଇ, ବାଲମୁଣ୍ଡା, ଗିରା,ଡିବିସିଂ ଓ ଲୁହାରା ଗ୍ରାମରେ ୨୦୨୦ଠାରୁ ୨୦୨୪ ବର୍ଷ ମଧ୍ୟରେ ହାରାହାରି ୭୦ହେକ୍ଟର ଜମିରେ କମଳା ଚାରାରୋପଣ କରିବା ସହ କମଳା ଚାଷ ପାଇଁ ଉଦ୍ୟମ କରାଯିବ ବୋଲି ବ୍ଲକ ଉଦ୍ୟାନ ଅଧିକାରୀ ଦିଲୀପ ଡିଙ୍ଗାଲ କହିଛନ୍ତି।

# ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କ ମୃତ୍ୟୁ

ଫିରିଙ୍ଗିଆ,୧୭।୯(ବିକ୍ରମ ଦିଗାଲ)

- କମ୍ପାନୀ କର୍ତ୍ତୃପକ୍ଷଙ୍କ ଅବହେଳା
- ଠିକ୍ ଚିକିତ୍ସା ମିଳିନଥିବା ଅଭିଯୋଗ କଲେ ପରିବାର

କାମ ଧନ୍ଦା ଅଭାବରୁ ଭିଟାମାଟି ଛାଡି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବାଲକି ଡାଡି ଗାଁର ଟଳି ଦିଗାଲ। ଚିକିତ୍ସା ଅବହେଳା ଯୋଗୁ ଟଳି ଦିଗାଲଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଥିବା ବେଳେ ବାଙ୍ଗାଲୋରରେ ଥିବା କାଠ କମ୍ପାନୀ କର୍ତ୍ତୃପକ୍ଷରଙ୍କୁ କ୍ଷତିପୂରଣ ପାଇଁ ଦାବି କରିଛନ୍ତି। ପ୍ରକାଶ ଯେ, ଗତ କିଛିଦିନ ତଳେ ଟଳି ଦିଗାଲ ବାଙ୍ଗାଲୋରରେ ଥିବା ଏକ କାଠ କମ୍ପାନୀକୁ କାମ କରିବାକୁ ଯାଇଥିଲେ। ତେବେ ଗତ ୩୧ ତାରିଖରେ କାମ କରୁଥିବା ସମୟରେ ହଠାତ ଏକ ବଡ଼ କାଠ ଗଣ୍ଡି ତାଙ୍କ ଗୋଡ଼ ଉପରେ ପଡ଼ିଯାଇଥିଲା। ଫଳରେ ଗୋଡ଼ ଚାପି ହୋଇଯିବାରୁ ସେ ଗୁରୁତର ହୋଇଥିଲେ। ତାଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ବାଙ୍ଗଲୋରର ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାରେ ତାଙ୍କର ଦୁଇଟି ଗୋଡ଼ ନଷ୍ଟ ହୋଇଥିବା ବେଳେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ବାଙ୍ଗଲୋରରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ବିମାନ ଯୋଗେ ଭୁବନେଶ୍ୱର ଆଣିବା ପରେ ଏକ ଆମ୍ବୁଲାନ୍ସରେ ବାଲକି ଡାଡି ଗାଁକୁ ପହଞ୍ଚିଥିଲା।

# ଡ. ନୃସିଂହାନନ୍ଦଙ୍କୁ ରବୀନ୍ଦ୍ର ନାଥ ଠାକୁର ସମ୍ମାନ




ଅତିଥିଙ୍କ ଗହଣରେ ନୃସିଂହାନନ୍ଦ।

ଫୁଲବାଣୀ, ୧୭।୯(ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର ସାହିତ୍ୟିକ ତଥା କବି ଡ. ନୃସିଂହାନନ୍ଦ ମହାପାତ୍ରଙ୍କୁ ମହାରାଷ୍ଟ୍ରର ସମତା ସାହିତ୍ୟ ଏକାଡେମୀ ତରଫରୁ ମର୍ଯ୍ୟାଦାଜନକ ଅନ୍ତର୍ଜାତୀୟ ରବୀନ୍ଦ୍ରନାଥ ଠାକୁର ସମ୍ମାନ ପ୍ରଦାନ କରାଯାଇଛି। ମହାରାଷ୍ଟ୍ରର ନାଗପୁର ସହର ସାଇନାଥ ଏନ୍‌କ୍ଲେଭସ୍ଥିତ ହୋଟେଲ ଦ୍ୱାରକାରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାରାଷ୍ଟ୍ର ସରକାରଙ୍କ ପ୍ରମୁଖ ସଚିବ ନନ୍ଦ କୁମାର ରାଉତ ଯୋଗଦେଇ ଡ. ମହାପାତ୍ରଙ୍କୁ ଫଳକ, ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ଉଦ୍‌ଘାଟକ ଭାବେ ରାମଦାସଜିତ ଦାସ, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ କବିତା କମ୍ବକେ, ଉତ୍ତରପ୍ରଦେଶ ଆଦିବାସୀ ଓ ହରିଜନ ମନ୍ତ୍ରୀ ବିଜୟ ଶ୍ରୀବାସ୍ତବ, ସମତା ସାହିତ୍ୟ ଏକାଡେମୀ ସଭାପତି ଡି. ଏସ. ଟେଣ୍ଡେକର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଡ. ମହାପାତ୍ର ବହୁ ଆଧାତ୍ମିକ ପୁସ୍ତକ, କବିତା, ସାହିତ୍ୟ ଆଦି ଲେଖି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି।

### ଶ୍ରମିକ ଶିକ୍ଷା ଦିବସ

ବ୍ରହ୍ମପୁର,୧୭।୯(ସ୍ମୃତି ରଞ୍ଜନ ମହାଳିକ)

ଜାତୀୟ ଶ୍ରମିକ ଶିକ୍ଷା ଓ ବିକାଶ ବୋର୍ଡ ପକ୍ଷରୁ ବ୍ରହ୍ମପୁର କ୍ଷେତ୍ରୀୟ ନିର୍ଦ୍ଦେଶାଳୟଠାରେ ଶ୍ରମିକ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ହୃଷିକେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଶ୍ରମିକଙ୍କ ଅଧିକାର ଓ ସମାଜ ପ୍ରତି ରହିଥିବା ଦାୟିତ୍ୱ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ରୂପେ ସୂଚନା ଓ ଲୋକ ସଂପର୍କ ମନ୍ତ୍ରଣାଳୟର କ୍ଷେତ୍ରୀୟ ଅଧିକାରୀ ମନମୋହନ ପାଢୀ, ଭାରତୀୟ ମଜଦୁର ସଂଘର ସଂପାଦକ ରାଜେନ୍ଦ୍ର ଦାସ, ସଂଯୋଜକ ଲିଙ୍ଗରାଜ ସାହୁ ଯୋଗ ଦେଇଥିଲେ। ଶ୍ରମିକଙ୍କ ଭୂମିକା ସହ ଦେଶର ବିକାଶରେ ଶ୍ରମିକଙ୍କ ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଶିକ୍ଷା ବିକାଶ ବୋର୍ଡର ଭାରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ ଏମ ଏସ ଅଖତର ଶିକ୍ଷା ଦିବସର ତାତ୍ପର୍ଯ୍ୟ ସଂପର୍କରେ କହିଥିଲେ। ଜାତୀୟ ଶ୍ରମିକ ବୋର୍ଡର ଶିକ୍ଷାଧିକାରୀ ଦିଲୀପ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କୂର୍ମୀ କ୍ଷତ୍ରିୟ ସମାଜର ପ୍ରତିଭା ସମ୍ମାନ ଉତ୍ସବ

ଜଗନ୍ନାଥପ୍ରସାଦ,୧୭।୯
(ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥପ୍ରସାଦ ବ୍ଲକ ଛାମୁଣ୍ଡା ଠାରେ ନିଖିଳ ଉତ୍କଳ କୂର୍ମି କ୍ଷତ୍ରିୟ ସଂସ୍ଥା, ଛାମୁଣ୍ଡା ଅଞ୍ଚଳ ତରଫରୁ ପୂର୍ଣ୍ଣାଙ୍ଗ ବୈଠକ ଏବଂ ପ୍ରତିଭା ସମ୍ମାନ ଉତ୍ସବ ସଭାପତି ଉପେନ୍ଦ୍ର ଭଞ୍ଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କୁଳର ଜାତୀୟ ପତାକାକୁ ସଭାପତି ଉତ୍ତୋଳନ କରିଥିଲେ। ଯୁବ ସଭାପତି ରବିନ୍ଦ୍ରନାଥ ପ୍ରଧାନ କୁଳ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଳାଧିକାରି ଅନ୍ତର୍ଯ୍ୟାମୀ ପ୍ରଧାନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭ୍ୟା ସୁମିତ୍ରା ପ୍ରଧାନ ଓ ମୁଖ୍ୟ ବକ୍ତା ଭାବେ ବିରୁପାକ୍ଷ ନାୟକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାର୍ଷିକ ବିବରଣୀ ପଠନ କରିଥିଲେ ଅଞ୍ଚଳ ସମ୍ପାଦକ ବଂଶୀଧର ନାୟକ। ଏହି କାର୍ଯ୍ୟକ୍ରମରେ ପ୍ରଦେଶ ସଭ୍ଯ ବିକ୍ରମାଦିତ୍ୟ ଆରୁଖ, ବିପ୍ର ଚରଣ ନାୟକ, ସୂର୍ଯ୍ୟନାରାୟଣ ପ୍ରଧାନ, ପ୍ରଦେଶ ସମ୍ପାଦକ ବିନାୟକ ପ୍ରଧାନ, ଗଙ୍ଗାଧର ନାୟକ ସହ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ, ବିଜୟ ନାୟକ, ବସନ୍ତ ପ୍ରଧାନ ଓ ୭୧ ଗ୍ରାମର କୂର୍ମୀ କ୍ଷତ୍ରିୟ ଗ୍ରାମ୍ଯ ସଭାପତି ଓ ସମ୍ପାଦକ ମାନେ ଯୋଗ ଦେଇଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ଦଶମ ଶ୍ରେଣୀ, ଦ୍ୱାଦଶ ଶ୍ରେଣୀର ୩୧ ଜଣ ମେଧାବୀ ଛାତ୍ରୀଛାତ୍ର ମାନଙ୍କୁ ପ୍ରଶଂସା ପତ୍ର, ଟ୍ରଫି ଓ ଶିକ୍ଷା ବୃତ୍ତି ପ୍ରଦାନ କରାଯାଇଥିଲା।

### ଅଭିଭାବକ ସହଭାଗିତା ସମ୍ମିଳନୀ

ରମ୍ଭା,୧୭।୯(ବନବାସୀ ସେଠୀ)

ସ୍ଥାନୀୟ ଲକ୍ଷ୍ମୀପୁର ସେବାଶ୍ରମ ସ୍କୁଲ ପରିସରରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନ ଶିକ୍ଷକ ବିଦ୍ୟାଧର ଜାଲିଙ୍କ ତତ୍ତ୍ୱାବଧାନରେ ଅଭିଭାବକ ସହଭାଗିତା ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ବ୍ଲକର ଡବ୍ଲୁଇଓ ଗୌତମ ପଟ୍ଟନାୟକ ମୁଖ୍ୟ ଅତିଥି, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, କୋଦଳାର ସହକାରୀ ଶିକ୍ଷକ ଶରତ ଚନ୍ଦ୍ର ଜାଲି ମୁଖ୍ୟ ବକ୍ତା ,ଅଭିଭାବକ ସହାଭାଗିତାର ମାଷ୍ଟର ଟ୍ରେନର ଶିବରାମ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଏବଂ ଉକ୍ତ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଜୟନ୍ତି ବେହେରା ତଥା ରମ୍ଭା ବିଜ୍ଞାପିତ ଅଞ୍ଚଳ ଦୁଇ ନମ୍ବର ୱାଡର କାଉନସିଲର ଡଲି ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରିଯିବା ସହିତ ପ୍ରୀତିଭୋଜନର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଭିଭାବକ ଅଭିଭାବିକା, ସ୍କୁଲ ପରିଚାଳନା କମିଟିର ସଦସ୍ୟ ଏବଂ ଲକ୍ଷ୍ମୀପୁର ସାହିର ବାସିନ୍ଦା ଉପସ୍ଥିତ ରହିଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ



ସତ୍‌ସଙ୍ଗ କାର୍ଯ୍ୟକ୍ରମ।

କବିସୂର୍ଯ୍ୟନଗର,୧୭।୯(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଦେଶିବେହେରାସ୍ଥିତ ସତ୍‌ସଙ୍ଗ କେନ୍ଦ୍ରଠାରେ ଠାକୁର ଅନୁଗାମୀ ଆନୁକୂଲ୍ୟରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଓ ଠାକୁରଙ୍କ ଜନ୍ମୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ପୁରୁଷୋତ୍ତମ ଅନୁକୂଳଚନ୍ଦ୍ରଙ୍କ ଜନ୍ମମାସ ଭାଦ୍ରବ, ସବୁଠାରୁ ଠାକୁରଙ୍କ ଆରାଧନା ଶ୍ରେଷ୍ଠ ମାସର ଅନ୍ତିମ ଦିନରେ ଠାକୁରଙ୍କ ଜନ୍ମୋତ୍ସବ ପାଳିତ ହୋଇଛି। ଏହି ମାସରେ ଭକ୍ତଙ୍କ ଘରେ ଘରେ ସତ୍‌ସଙ୍ଗ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଋତ୍ୱିକ୍ ନିରଞ୍ଜନ ବାରିକ, ସହକର୍ମୀ ସନ୍ନ୍ୟାସୀ ନାୟକ, ସହରକ୍ଷକ ହରିହର ସାହୁ, ନିମାଇଁ ପ୍ରଧାନ, ସୁକାନ୍ତ ପରିଡା, ରାଜୁଭାଇ, ନିର୍ମାଳଭାଇ, କାହ୍ନୁଭାଇ ଓ ଇଂ. ଦିଲୀପ ଖଣ୍ଡୁଆଳ ପ୍ରମୁଖ ଶତାଧିକ ଭକ୍ତ ସାମିଲ ହୋଇଥିଲେ।

### ନୂତନ ପ୍ରକଳ୍ପ ପ୍ରଶାସକଙ୍କ ଯୋଗଦାନ

ବାଲିଗୁଡା,୧୭।୯(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ସ୍ଥିତ ସମନ୍ୱିତ ଅଦିବାସୀ ଉନ୍ନୟନ ସଂସ୍ଥାର (ଆଇଟିଡିଏ) ନୂତନ ପ୍ରକଳ୍ପ ପ୍ରଶାସକ ଭାବେ କୃପାସିନ୍ଧୁ ବେହେରା ଯୋଗଦାନ କରିଛନ୍ତି। ସେ ବ୍ରହ୍ମପୁର ସ୍ଥିତ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟରେ ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ଗତ ଅଗଷ୍ଟ ୨୨ ତାରିଖରେ ବିଭାଗ ପକ୍ଷରୁ ପ୍ରକାଶିତ ହୋଇଥିବା ପତ୍ର ସଂଖ୍ୟା୧୭୪୬୯ ପ୍ରକାରେ ଏଠାକୁ ବଦଳି ହୋଇଛନ୍ତି।

### ବନ୍ଧରେ ବୁଡ଼ି ନାବାଳିକା ମୃତ

ପୋଲସରା,୧୭।୯(ସୁବ୍ରତ ବେହେରା)

ପୋଲସରା ବ୍ଲକ ଘୋଡ଼ାପଲାଣ ପଞ୍ଚାୟତ କରଞ୍ଜରା ଗ୍ରାମର ଜଣେ ନାବାଳିକା ରବିବାର ଗାଧୋଇବାକୁ ଯାଇ ବନ୍ଧରେ ବୁଡ଼ି ଯାଇଛନ୍ତି। ସେ ହେଲେ କରୁଣାକର ପ୍ରଧାନଙ୍କ ଝିଅ ପ୍ରିୟା(୧୪)। ବୁଡ଼ି ଯାଇଥିବା ପ୍ରିୟାଙ୍କୁ ଗ୍ରାମବାସୀ ପାଣିରୁ ଉଦ୍ଧାର କରି ପୋଲସରା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। କବିସୂର୍ଯ୍ୟନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଥିଲା।

# ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ସଚେତନତା

ବୁଗୁଡ଼ା,୧୭।୯(କାଳି ଚରଣ ଦାଶ)

ବୁଗୁଡ଼ା ଏନ୍‌ଏସି ପକ୍ଷରୁ ରବିବାର ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଏଥିରେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ, ପ୍ରାକ୍ତନ କାଉନସିଲର ସୁଧାଂଶୁ ଶେଖର ପାଢ଼ୀଙ୍କ ସମେତ କର୍ମଚାରୀମାନେ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡଠାରେ ପହଞ୍ଚିଥିଲେ। ସେଠାରେ ସାମୁହିକ ସଫେଇ ସହ ସଚେତନତାମୂଳକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବେଙ୍ଗେଇ ବନ୍ଧ ହୁଡାରେ ସ୍ୱଚ୍ଛତା ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ପ୍ରୋଗ୍ରାମ କ୍ୟାପଟେନ୍ ସର୍ବେଶ୍ୱର ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କୁମ୍ଭକାର ସମାଜ ଦାବି ପୂରଣ ନ ହେଲେ ଆନ୍ଦୋଳନ

ଫୁଲବାଣୀ,୧୭।୯(ରାକେଶ କୁମାର ରାଉତ)

କୌଳିକ ବୃତ୍ତି ବୁଡି ସାରିଥିବାରୁ କୁମ୍ଭକାରମାନେ ଦୟନୀୟ ଜୀବନ ବିତାଉଛନ୍ତି। ଆଜିର ଦିନରେ ସେମାନଙ୍କ ବୃତ୍ତିକୁ ଆଗେଇ ନେବାକୁ ହେଲେ ଅତ୍ୟାଧୁନିକ ତାଲିମ ମିଳିବାର ଆବଶ୍ୟକତା ରହିଛି। ସରକାରଙ୍କୁ କୁମ୍ଭକାରମାନେ ଏ ନେଇ ବାରମ୍ବାର ଦାବି ଜଣାଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। କୁମ୍ଭକାର ସମାଜର ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟସ୍ତରରେ ଆନ୍ଦୋଳନ କରାଯିବ ବୋଲି ଜିଲା କୁମ୍ଭକାର ସମାଜ ପକ୍ଷରୁ ଫୁଲବାଣୀ ପ୍ରେସ୍ କ୍ଲବରେ ରବିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦିଆଯାଇଛି। ଏହି ସମାଜ ପକ୍ଷରୁ ଦାବି ସମ୍ବଳିତ ପତ୍ର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

ଜିଲା କୁମ୍ଭକାର ସମାଜ ୧୯୯୩ରେ ସରକାରୀ ସ୍ତରରେ ପଞ୍ଜୀକରଣ ହୋଇଛି। ଜିଲାରେ ପ୍ରାୟ ୧୮୦୦ ପରିବାର ବସବାସ କରନ୍ତି। ଏହି ଜାତି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବସବାସ କରି ସବୁ ବର୍ଗର ବ୍ୟକ୍ତିଙ୍କ ପାଇଁ ମାଟି ଉପକରଣ ଯୋଗାଇ ସେମାନଙ୍କ ପାରମ୍ପରିକ ପର୍ବପର୍ବାଣିରେ ସାମିଲ ହୋଇ ଚଳି ଆସୁଛନ୍ତି। କୌଳିକ ବୃତ୍ତିକୁ ଆଧାର କରି ପରିବାର ଗୁଜରାଣ ମେଣ୍ଟାଇ ଚଳୁଥିବା ଜାତି ଭାଇମାନଙ୍କର ଜୀବନ ଜୀବିକା ସମ୍ପୂର୍ଣ୍ଣ ଦୁର୍ବିଷହ ହୋଇପଡ଼ିଛି। କୁମ୍ଭାର ଜାତିକୁ ଅନୁସୂଚିତ ଜନଜାତିର ମାନ୍ୟତା ପ୍ରଦାନ, କୁମ୍ଭାର କାରିଗରମାନଙ୍କୁ କାରିଗରି ଭତ୍ତା ପ୍ରଦାନ ସଙ୍ଗେ ଶାଳଗୃହ ଯୋଗାଇ ଦେବା, କୌଳିକ ବୃତ୍ତିର ପୁନରୁଦ୍ଧାର ପାଇଁ ଉନ୍ନତମାନର ଟେରାକୋଟା ତାଲିମ ପ୍ରଦାନ, ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବା, ଆବାସିକ ବିଦ୍ୟାଳୟରେ ସେମାନଙ୍କ ପିଲାମାନଙ୍କୁ ରହି ପଢ଼ିବାର ସୁଯୋଗ ଦେବା ଆଦି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲା କୁମ୍ଭକାର ସମାଜ ସଭାପତି ଲଳିତ ମୋହନ ରଣା, ସମ୍ପାଦକ ସୁବଳ ରଣା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ବେହେରାଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

କୋଦଳା,୧୭।୯(ଅମିତ କୁମାର ପଟ୍ଟନାୟକ)



ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୪ତମ ଜନ୍ମଦିନ ଅବସରରେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନମଣ୍ଡଳୀର ବରିଷ୍ଠ ଭାଜପା ନେତା ପ୍ରତାପ ଚନ୍ଦ୍ର ନାୟକ ନେତୃତ୍ୱରେ ରବିବାର ଦଳୀୟ କାର୍ଯ୍ୟାଳୟ ପରିସରରେ କର୍ମୀଙ୍କ ଗହଣରେ କେକ୍ କଟା ଯିବା ସହ ମିଠା ବଣ୍ଟନ କରାଯାଇଥିଲା। ଏହା ସହ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାରେ ଦକ୍ଷତା ଥିବା ବିଶ୍ୱକର୍ମାମାନେ ଯେପରି ଉପକୃତ ହେବେ ଆଲୋଚନା କରିଥିଲେ। ଏଥିସହ ମୋଦିଙ୍କ ଜନ୍ମଦିନ ଅବସରରେ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଚାରାରୋପଣ କରି ଜନସଚେତନତା କରିଥିଲେ।

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ବିଜ୍ଞପ୍ତି ନଂ.2001/ (SIOS) ତା15.09.23ରିଖ

STATE OPEN SCHOOL CERTIFICATE (SOSC)-2024 (1ST)

**ପରୀକ୍ଷା ନିମନ୍ତେ ଫର୍ମ ପୂରଣ ସମ୍ପର୍କିତ ସୂଚନା**

No.n-183:- ଏତଦ୍ୱାରା ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ, ଓଡ଼ିଶାର ପରୀକ୍ଷାର୍ଥୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, Odisha State Open School Certificate Examination, 2024 (1ST) ନିମନ୍ତେ ଫର୍ମ ପୂରଣର କାର୍ଯ୍ୟସୂଚୀ ନିମ୍ନରେ ପ୍ରଦାନ କରାଗଲା। ଏହି ଫର୍ମ ପୂରଣର ପ୍ରକ୍ରିୟା **ONLINE** ମାଧ୍ୟମରେ ହେଉଥିବାରୁ ସମସ୍ତ ମୁକ୍ତ ବିଦ୍ୟାଳୟ ଯଥା Block ଏବଂ District Study Centreର ମୁଖ୍ୟ ଏହି ଫର୍ମ ପୂରଣ କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟରେ ଶେଷ କରାଇବେ।

୧. ଫର୍ମ ପୂରଣ କରିବାର ତାରିଖ ଓ ସମୟ- ଫର୍ମ ପୂରଣ ଏବଂ Final Submission ତା20.09.2023ରିଖଠାରୁ ତା30.09.2023ରିଖ 11.45 P.M. ମଧ୍ୟରେ କରିବାକୁ ହେବ।
୨. ଫର୍ମ ପୂରଣ କରିସାରିବା ପରେ Descriptive Roll Sheetକୁ download କରି ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟିତ୍ରୀମାନେ ନିଜ ତତ୍ତ୍ୱାବଧାନରେ ରଖିବେ ଏବଂ ଏହାର ଏକକିତା ନକଲକୁ ବୋର୍ଡର ସମ୍ପୃକ୍ତ ଆଞ୍ଚଳିକ କାର୍ଯ୍ୟାଳୟରେ ତା05.10.2023ରିଖ ସୁଦ୍ଧା ଦାଖଲ କରିବେ।
୩. ଫର୍ମ ପୂରଣ ସମ୍ପର୍କିତ General ଓ Step by Step Instructions ପରିଷଦର ନିଜସ୍ୱ website i.e."**www.bseodisha.ac.in**"ରେ ଉପଲବ୍ଧ ହେଉଅଛି। ଏହି ନିର୍ଦ୍ଦେଶାବଳୀକୁ ଭଲ ଭାବେ ପଢ଼ିସାରି ଫର୍ମ ପୂରଣ କାର୍ଯ୍ୟ ଆରମ୍ଭ କରିବେ। Back ପରୀକ୍ଷାର୍ଥୀମାନଙ୍କର Form ପୂରଣ କରିବାରେ ଅସୁବିଧା ହେଲେ, Boardର ମୁଖ୍ୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବେ।
୪. ଫର୍ମ ପୂରଣ କରିବା ପାଇଁ Link "**www.bseodisha.ac.in**"ରେ ଉପଲବ୍ଧ ହେବ।

ସ୍ୱା./-
ସମ୍ପାଦକ

OIPR-27004/11/0037/2324

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION, ROURKELA**
**E.Mail- rw_rourkela@yahoo.co.in**
No.: O-1061
**TENDER CALL NOTICE**
**BID IDENTIFICATION NO. ONLINE - SERKL-10 OF 2023-24**

1. Name of the work: Building works. 2. Total No. of works: 06 (Six) Nos. 3. Estimated cost: Rs.25.07 to 27.10 lakhs. 4. Class of contractor: 'C' & 'B' class. 5. Period of completion: 04 (Four) months. 6. Type of tender: Single cover. 7. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Rourkela | Online- SERKL-10 of 2023-24 | 25.09.2023 from 10.00 A.M. | 03.10.2023 upto 05.00 P.M. | 02.10.2023 upto 1.00 P.M. | 04.10.2023 at 11.00 A.M. |

Further details can be seen from the website www.tendersorissa.gov.in & for more information please visit the office.

Sd./- Superintending Engineer, R.W. Division, Rourkela
OIPR-25067/11/0009/2324

NEW INDIA@75
आज़ादी का अमृत महोत्सव
**ଆଇଆରଇଏଲ୍ (ଇଣ୍ଡିଆ) ଲିମିଟେଡ୍/IREL (India) Limited**
ପୂର୍ବରୁ ଇଣ୍ଡିଆନ୍ ରେଆର୍ ଆର୍ଥସ୍ ଲିମିଟେଡ୍
(ଭାରତ ସରକାରଙ୍କ ଉପକ୍ରମ)
**(A Government of India Undertaking)**
Unleashing Values
ସିଆଇଏନ୍: ୟୁ୧୫୧୦୦ଏମ୍ଏଚ୍୧୯୫୦ଜିଓଆଇ୦୦୮୧୮୭ ୱେବ୍‌ସାଇଟ୍: www.irel.co.in
ଆଇଏସ୍‌ଓ ୯୦୦୧:୨୦୧୫, ଆଇଏସ୍‌ଓ ୧୪୦୦୧ : ୨୦୧୫ ଏବଂ ଆଇଏସ୍‌ଓ ୪୫୦୦୧ : ୨୦୧୮ କମ୍ପାନୀ
आज़ादी का अमृत महोत्सव

ସନ୍ଦର୍ଭ: ଏଡିଭିଟି ନଂ. ୨୩-୨୪/୦୫ **ଟେଣ୍ଡର ବିଜ୍ଞପ୍ତି** ତାରିଖ: ୧୮।୦୯।୨୦୨୩

ଆଇଆରଇଏଲ୍, ଓଏସ୍‌ସିଓଏମ୍ ନିମ୍ନଲିଖିତ ସାମଗ୍ରୀ/କାର୍ଯ୍ୟ ବର୍ଣ୍ଣନା ପାଇଁ ପ୍ରସ୍ତାବର ଅନୁରୋଧ ଆହ୍ୱାନ କରୁଛି।

| ବିଡ୍ ନଂ. | କାର୍ଯ୍ୟ / ସାମଗ୍ରୀର ବର୍ଣ୍ଣନା |
|---|---|
| ଜିଇଏମ୍/୨୦୨୩/ବି/୩୯୨୯୮୧ | ୧୩୨୦ ଏମ୍‌ଟି କଷ୍ଟିକ୍ ସୋଡା ଲାଏ ଯୋଗାଣ |
| ଜିଇଏମ୍/୨୦୨୩/ବି/୩୯୩୩୦୬୭ | ଆର୍‌ଇଇପିଠାରେ ଉତ୍ପାଦନ ଗତିବିଧିରେ ସହାୟତା ପାଇଁ ଲୋକବଳଙ୍କ ନିୟୋଜନ |
| ଜିଇଏମ୍/୨୦୨୩/ବି/୩୯୦୫୬୧୫ | ଫିଲ୍‌ଟର୍ ପ୍ରେସ୍ ଅନ୍‌ଲୋଡିଂ ଏବଂ କ୍ଷତିଗ୍ରସ୍ତ ଫିଲ୍‌ଟର୍ କପଡ଼ା ବଦଳାଇବା |
| ୨୦୨୩_ଆଇଆର୍‌ଇଏଲ୍_୧୬୬୯୯୬_୧ | ଆର୍‌ଇଇପିର କୋଲ୍ ଶେଡ୍ ଏରିଆ ଏବଂ କଷ୍ଟିକ୍ ଲାଏ ଇଭାପୋରେଟର୍ ଶେଡ୍‌ରେ ଷ୍ଟ୍ରକ୍ଚରାଲ୍ ଓ ସିଭିଲ କାର୍ଯ୍ୟ |
| ୨୦୨୩_ଆଇଆର୍‌ଇଏଲ୍_୧୬୭୧୯୫_୧ | ପ୍ରକ୍ରିୟାକୃତ ମିନେରାଲ୍ସର ବ୍ୟାଗିଂ ଓ ପରିବହନ ପରେ ଭାଇଜାଗ୍ ବନ୍ଦର ମାଧ୍ୟମରେ କଣ୍ଟେନର ଶିପ୍‌ମେଣ୍ଟ/ବ୍ରେକ୍ ବଲ୍କ ଶିପ୍‌ମେଣ୍ଟ ସହିତ ସମସ୍ତ କଷ୍ଟମ୍ସ କାଗଜପତ୍ର କାର୍ଯ୍ୟ ପାଇଁ ମୂଲ୍ୟ ଠିକା। |

ବିଡର http://irel.co.in, http://gem.gov.in କିମ୍ବା https://eprocure.gov.in/eprocure/appରୁ ଟେଣ୍ଡର କାଗଜପତ୍ର ଡାଉନଲୋଡ୍ କରିପାରିବେ। ଉପରୋକ୍ତ ଟେଣ୍ଡରଗୁଡ଼ିକ ସମ୍ବନ୍ଧୀୟ ଯେକୌଣସି ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରୋକ୍ତ ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ।

CBC 48129/12/0025/2324 ସ୍ୱା./- ଜିଏମ୍ ଏବଂ ମୁଖ୍ୟ, ଏମ୍‌ଏମ୍‌ଡି, ଓଏସ୍‌ସିଓଏମ୍

**TPCODL**
**ଟିପି ସେଣ୍ଟ୍ରାଲ ଓଡ଼ିଶା**
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କର ଏକ ମିଳିତ ଉଦ୍ୟମ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

**ବିଜ୍ଞପ୍ତି**

**(୦୧.୦୬.୨୦୨୦ ପୂର୍ବରୁ ସେସୁକୁ ଯୋଗାଣ ହୋଇଥିବା ସବୁ ସାମଗ୍ରୀ ଓ ସେବାର ବକେୟା ବିଲ୍ ଦାଖଲ ପାଇଁ ସମସ୍ତ ଭେଣ୍ଡରଙ୍କ ଧ୍ୟାନ ଆକର୍ଷଣ କରାଯାଉଛି।)**

ନିର୍ଦ୍ଧାରିତ ଓ ଅନ୍ୟ ଆବଶ୍ୟକୀୟ ନିର୍ଦ୍ଦେଶ ଅନୁସାରେ, ପ୍ରାକ୍ ନିର୍ଦ୍ଧାରିତ ସମୟ ଅର୍ଥାତ୍ ୦୧.୦୬.୨୦୨୦ ପୂର୍ବରୁ ତତ୍କାଳୀନ ସେସୁ (ବର୍ତ୍ତମାନର ଟିପିସିଓଡିଏଲ୍)କୁ ଦିଆଯାଇଥିବା ସବୁ ସାମଗ୍ରୀ ଓ ସେବାର ବକେୟା ବିଲ୍ ଓ ତତ୍‌ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ୩୦.୦୯.୨୦୨୩ ସୁଦ୍ଧା ଦାଖଲ କରିବାକୁ ମାନ୍ୟବର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ନିର୍ଦ୍ଦେଶ ଦେଇଛନ୍ତି।

ଏଣୁ ମାନ୍ୟବର ଓଇଆରସିଙ୍କ ନିର୍ଦ୍ଦେଶରେ ଅନୁପାଳନ ପୂର୍ବକ ଭେଣ୍ଡରମାନଙ୍କୁ ଏହି ନୋଟିସ୍ ଦିଆଯାଉଛି କି ସେମାନେ ନିଜର ବକେୟା ବିଲ୍, ଦାବି ଓ ତତ୍‌ସମ୍ପର୍କିତ ଆବଶ୍ୟକୀୟ କାଗଜପତ୍ର ୩୦.୦୯.୨୦୨୩ ସୁଦ୍ଧା ସମ୍ପୃକ୍ତ ଡିଭିଜନ ଅଫିସରେ ଦାଖଲ କରିବେ।

-ସ୍ୱା- ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍

**GOVERNMENT OF ODISHA**
**OFFICE OF THE DISTRICT EDUCATION OFFICER & DPC, BALANGIR**
**Procurement Notice** No.n-184
**Email ID: dpcbolangirssa.opepa@nic.in**
**No.VIII/CW/18/2023 2409 dated 15.09.2023**

1. The District Education Officer & DPC, Samagra Shikshya, Balangir on behalf of Government of Odisha invites unit Rate bid in double cover in offline mode for Incinerator & vending machines for schools of Balangir District. As detail on technical bid for eligibility of original manufacturer / authorized suppliers.
2. Nos. of Incinerator for Pad disposal & Pad Vending Machine: 1138 Nos.
3. Tender paper cost: Rs.10,000/- (Rupees ten thousand) only.
4. EMD: 341500/- (Rupees three lakh forty one thousand five hundred) only.
5. Date and time available in web portal: 10 hrs. of 18th Sept. 2023 to 17 hrs. of dt.17th Oct. 2023.
6. Date of opening of technical bid of the tender: 18th Oct. 2023 at 11.00 hrs. Venue: DPC, Conference Hall, Balangir.
7. The bidders have to participate in offline bidding only. Further detail can be seen from the Web Portal (http//www.balangir.nic.in).
8. Any corrigendum / addendum will be displayed in the above web portal.

Sd./- District Education Officer & DPC
Samagra Shiksha, Balangir
OIPR-27071/11/0002/2324

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସମ୍ପର୍କିତ ବୈଠକ

**ରାଇକିଆ, ୧୭।୯ (ପ୍ରଦୀପ ବେହେରା)**

ରାଇକିଆଠାରେ ଭାଜପା କନ୍ଧମାଳ ଓବିସି ମୋର୍ଚ୍ଚା ତରଫରୁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟକ୍ରମର ଲୋକାର୍ପଣ କାର୍ଯ୍ୟକ୍ରମର ସିଧା ପ୍ରସାରଣର ବ୍ୟବସ୍ଥା କରାଯିବା ସହ ଏହି ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ଏହା ଦ୍ୱାରା କିପରି ବିଭିନ୍ନ କାରିଗର ଶ୍ରେଣୀ ଉପକୃତ ହୋଇପାରିବେ ସେ ନେଇ ସୂଚନା ଦିଆଯାଇଥିଲା। ଜିଲା ଓବିସି ମୋର୍ଚ୍ଚା ସଭାପତି ହରେନ କୁମାର ସାହୁ, ସମ୍ପାଦକ ସନ୍ତୋଷ ଲେଙ୍କାଙ୍କ ନେତୃତ୍ୱରେ ରାଇକିଆଠାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସହ ବିଭିନ୍ନ କାରୀଗର ବର୍ଗରୁ ଆସିଥିବା ବ୍ୟକ୍ତି ସାମିଲ ହୋଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଉପଲକ୍ଷେ ଜଗନ୍ନାଥ ମନ୍ଦିର ଠାରେ ପ୍ରଦିପ ପ୍ରଜ୍ୱଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସଭାପତି ଶ୍ରୀ ଜଗନ୍ନାଥ ସାହୁ, ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ରାଜ୍ୟ ଅନୁସୂଚିତ ଜାତି ଉପସଭାପତି ରାମବିଶି ଦିଗାଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ପ୍ରିୟଦର୍ଶନ ସାହୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅବନେଶ୍ୱର ପ୍ରଧାନ, ଝୁଲିମା ଦଳବେହେରା, ରାଇକିଆ ମଣ୍ଡଳ ସଭାପତି ନାରାୟଣ ପାତ୍ର, ଟିକାବାଲି ମଣ୍ଡଳ ସଭାପତି ଜିତେନ୍ଦ୍ର ଡାକୁଆ, ଉଦୟଗିରି ମଣ୍ଡଳ ସଭାପତି ମୟାବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ୁଛି

## ନିର୍ଦ୍ଦେଶ ମାନୁନି ଏନ୍‌ଏଚଏଆଇ, ସୁପ୍ରିମକୋର୍ଟ କମିଟିଙ୍କ ଅସନ୍ତୋଷ

**ଛତ୍ରପୁର, ୧୭।୯ (ସନ୍ତୋଷ ପାଢୀ)**

ଗଞ୍ଜାମ ଜିଲାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦୁର୍ଘଟଣା ରୋକିବାକୁ ସଚେତନତାଠାରୁ ଆରମ୍ଭ କରି ଏନଫୋର୍ସମେଣ୍ଟ, ସଡକ ସୁରକ୍ଷା କମିଟି ବୈଠକ ନିୟମିତ ହେଉଥିଲେ ମଧ୍ୟ ସୁଧାର ଆସୁନି। ଏ ନେଇ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ମଧ୍ୟ ଚିନ୍ତା ପ୍ରକଟ କରିଛି। ଏପରିକି ନୂଆଦିଲ୍ଲୀ ସ୍ଥିତ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟିର ସେକ୍ରେଟାରୀ ଗଞ୍ଜାମ ଜିଲାରେ ଚଳିତ ମାସ ପ୍ରଥମ ସପ୍ତାହରେ ସମୀକ୍ଷା ବୈଠକ କରି ଜିଲାରେ ସଡକ ଦୁର୍ଘଟଣା ସହ ଏଥିଜନିତ ମୃତ୍ୟୁସଂଖ୍ୟା ଯେଭଳି କମିବ ସେ ନେଇ କେତେକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ ଜିଲାରେ ଗତବର୍ଷ ତୁଳନାରେ ଚଳିତବର୍ଷ ଜୁନ୍ ମଧ୍ୟରେ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାରେ ୧.୩୧ ପ୍ରତିଶତ ବୃଦ୍ଧି ହୋଇଛି। ଅନ୍ୟପକ୍ଷରେ ଗତବର୍ଷ ତୁଳନାରେ ଚଳିତବର୍ଷ ଜୁନ୍ ମଧ୍ୟରେ ସଡ଼କ ଦୁର୍ଘଟଣା ୧୨.୨୭ ପ୍ରତିଶତ କମିଥିବା କୁହାଯାଇଛି। ଦୁର୍ଘଟଣା କମୁଥିଲେ ମଧ୍ୟ ଏଥିଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଚିନ୍ତା ବଢାଇଛି। ଜିଲା ସଡ଼କ ସୁରକ୍ଷା କମିଟିରେ ହୋଇଥିବା ନିଷ୍ପତ୍ତି ଓ ନିର୍ଦ୍ଦେଶକୁ ଏନଏଚ୍‌ଏଆଇ କର୍ତ୍ତୃପକ୍ଷ ମାନୁନି ଏବଂ ଏଗୁଡିକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ କରୁଛି। ଗଞ୍ଜାମ ଦେଇ ଯାଇଥିବା ୧୬ ନଂ. ଜାତୀୟ ରାଜପଥ ଖଲ୍ଲିକୋଟ ଘାଟିରେ ଏନ୍‌ଏଚଏଆଇ କର୍ତ୍ତୃପକ୍ଷ ଆବଶ୍ୟକ ସାଇନେଜ୍ ଲଗାଇବାକୁ ଗତ ଫେବୃୟାରୀ ୨୭ ତାରିଖରେ ଜିଲା ସଡକ ସୁରକ୍ଷା କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ଏହା କାର୍ଯ୍ୟକାରୀ ହୋଇ ନ ଥିବାରୁ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ଅସନ୍ତୋଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟ ସରିବ ବୋଲି ଉକ୍ତ ବୈଠକରେ ଏନଏଚଏଆଇ କର୍ତ୍ତୃପକ୍ଷ କହିଥିବା ଜଣାପଡିଛି। ଆସନ୍ତା ୩ ମାସ ମଧ୍ୟରେ ତୃତୀୟ ପକ୍ଷ ଦ୍ୱାରା ଜାତୀୟ ରାଜପଥ-୧୬ର ଅଡିଟ୍ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେଉଁଠି ଇଞ୍ଜିନିୟରିଂ ତ୍ରୁଟି ଅଛି କି ନାହିଁ, ସାଇନେଜ୍ ଲାଗିବା ଆଦି ସମ୍ପର୍କରେ ଅଡିଟ୍‌ରେ ସ୍ଥାନ ପାଇବ। ବିଶେଷକରି ଖଲ୍ଲିକୋଟ ଘାଟିର ଅଡିଟ୍ ସୁନିଶ୍ଚିତ କରିବାକୁ ପଡିବ। ଏଥିସହ ତୁରନ୍ତ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଆବଶ୍ୟକୀୟ ସାଇନେଜ୍ ଲଗାଇବାକୁ ନିର୍ଦ୍ଦେଶ ଦିଆଯିବା ସହ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନକୁ ବ୍ଲାକ୍ ସ୍ପଟ ଭାବେ ଚିହ୍ନଟ କରି ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି। ଜାତୀୟ ରାଜପଥ-୧୬ ର ପାର୍ଶ୍ୱରେ ଚାରାରୋପଣ କାର୍ଯ୍ୟ ବହୁତ ଖରାପ ଥିବା ଉକ୍ତ ସମୀକ୍ଷାରୁ ଜଣାଯାଇଥିଲା। ଜନବହୁଳ ଓ ଘାଟିରେ ଆବଶ୍ୟକ ଲାଇଟ୍ ଲଗାଇବାକୁ ଏନଏଚଏଆଇ ଓ ପିଡବ୍ଲ୍ୟୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଘଟଣା ଓ ଏଜନିତ ମୃତ୍ୟୁ ସଂଖ୍ୟା କମାଇବା ଲାଗି ଏସଓପି ପ୍ରସ୍ତୁତ କରାଯିବ ଏବଂ ଏହାକୁ ଆଧାର କରି ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଦୁଇ ଚକିଆ ଯାନ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହା ଉପରେ ଏନଫୋର୍ସମେଣ୍ଟ ଆହୁରି ଅଧିକ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିସହ ଏନଏଚ୍ ଓ ଅନ୍ୟ ରାସ୍ତାରେ ଟ୍ରାଫିକ୍ ବ୍ୟବସ୍ଥା ସୁଦୃଢ କରିବାକୁ କୁହାଯାଇଛି।

# ସ୍ୱଚ୍ଛତା ପକ୍ଷ ପାଳିତ




କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା।

**ସୋରଡ଼ା, ୧୭।୯ (ଲମ୍ବୋଦର ପାଣିଗ୍ରାହୀ)**

ସୋରଡ଼ା ଏନ୍‌ଏସି ତରଫରୁ ପିକ୍‌ନିକ ସ୍ଥଳୀଠାରେ ରବିବାର ଭାରତୀୟ ସ୍ୱଚ୍ଛତା ପକ୍ଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଅଧକ୍ଷ ଶିବଶଙ୍କର ପଣ୍ଡା, ଉପାଧ୍ୟକ୍ଷା ଓ କାଉନସିଲର ସମେତ ମହିଳା ଗୋଷ୍ଠୀ, ଯୁବ ଗୋଷ୍ଠୀ, ସଫେଇ କର୍ମଚାରୀମାନେ ଯୋଗଦେଇଥିଲେ। ପିକ୍‌ନିକ ଅଞ୍ଚଳର ସମସ୍ତ ସ୍ଥାନକୁ ସାମୂହିକ ଭାବେ ସଫେଇ କରାଯାଇଥିଲା। ସ୍ୱଚ୍ଛତା ଜୀବନ, ସମାଜ, ଅଞ୍ଚଳ ଓ ପରିବାର ପାଇଁ ନିହାତି ଆବଶ୍ୟକ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ର କହିଥିଲେ। ସାମୂହିକ ଭାବେ ସମସ୍ତେ ଏଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା।

# ପାରଳା ମୋଟର ଚାଳକ ସଂଘର ଚାଳକ ଦିବସ




ମୋଟ ଚାଳକ ସଂଘର ସେଚେତନତା ଶୋଭାଯାତ୍ରା।

**ପାରଳାଖେମୁଣ୍ଡି, ୧୭।୯ (ଗିରିଧାରୀ ପରିଛା)**

ପାରଳାଖେମୁଣ୍ଡିଠାରେ ଚାଳକ ଦିବସ ଅବସରରେ ଓଡିଶା ମୋଟର ଚାଳକ ସଂଘ ଗଜପତି ଜିଲା ପାରଳାଖେମୁଣ୍ଡି ଶାଖା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ସ୍ଥାନୀୟ କଲେଜ ଛକ ନିକଟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ମୁଖ୍ୟତଃ ସୁରକ୍ଷିତ ଯାତ୍ରା ପାଇଁ ସମସ୍ତେ ଟ୍ରାଫିକ ନିୟମ ମାନିବାକୁ ସଚେତନ କରାଯାଇଥିଲା। ଯଥା ହେଲମେଟ ପରିଧାନ କରିବା, ଦୁଇ ଚକିଆ ଯାନରେ ତିନି ଜଣ ଯାତ୍ରା ନ କରିବା, ନିଶାସକ୍ତ ଅବସ୍ଥାରେ ଗାଡି ନ ଚଲାଇବା, ଗାଡି ଚଲାଇବା ସମୟରେ ମୋବାଇଲ ବ୍ୟବହାର ନକରିବା, ସିଟ ବେଲ୍ଟ ପିନ୍ଧିବା ଆଦି ବିଷୟରେ ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ଓ ପୋଷ୍ଟର ମାଧ୍ୟମରେ ସଚେତନତା କରାଯାଇଛି। ପରେ ସଂଘ ପକ୍ଷରୁ ସ୍ଥାନୀୟ କୋଷ୍ଠରୋଗୀ ଆଶ୍ରମରେ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ସଭାପତି ଏନ୍ ଶ୍ରୀନିବାସ ରାଓ, ଉପସଭାପତି ଗୋପାଳ କୃଷ୍ଣ ମହାନ୍ତି, ସମ୍ପାଦକ କେ ଭାସ୍କର ରାଓ, ଗଣେଷ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମୋଦିଙ୍କ ଜନ୍ମଦିନରେ ଚାରାରୋପଣ

**କବିସୂର୍ଯ୍ୟନଗର, ୧୭।୯ (କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟନଗର ଭାଜପା ପକ୍ଷରୁ ରାଜ୍ୟ ମୋର୍ଚ୍ଚା ଭାଜପା ଓଡ଼ିଶା ପ୍ରଦେଶ ସଂଯୋଜକ ପ୍ରତାପ ନାୟକଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୌଡ଼ଗୁପ ଅଞ୍ଚଳରେ ବହୁ କିସମର ଚାରାରୋପଣ କରାଯାଇଥିଲା। ଚାରାରୋପଣ କାର୍ଯ୍ୟକ୍ରମ ଅବସରରେ ପ୍ରତାପ ନାୟକ ମୋଦିଙ୍କ ବିଶ୍ୱକର୍ମା ଯୋଜନାରେ ସମସ୍ତ କାରିଗର ଶ୍ରେଣୀ ସାମିଲ ହୋଇ କୌଳିକ ବୃତ୍ତିର ବିକାଶ ଓ ନିଜେ ସ୍ୱାବଲମ୍ବୀ ହେବାପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପାଣ୍ଡିଆ ମଣ୍ଡଳ ସଭାପତି ଶ୍ରୀକାନ୍ତ ପଣ୍ଡା, କବିସୂର୍ଯ୍ୟନଗର ଭାଜପା ଯୁବନେତା ଶ୍ରୀକାନ୍ତ ମହାପାତ୍ର, ମନୋଜ ପୋଲାଇ, ନାରାୟଣ ଡାକୁଆ, ଜଗନ୍ନାଥ ପଟ୍ଟନାୟକ, ନାରାୟଣ ବିଶ୍ୱାଳଙ୍କ ସହ ବହୁ ଭାଜପା କର୍ମୀ ଯୋଗଦେଇ ମୋଦିଙ୍କ ୭୪ତମ ଜନ୍ମଦିବସ ପାଳନ କରିଥିଲେ।

# ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ଗୋପାଳପୁର, ୧୭।୯ (ନବୀନ ରାଜ ଆଚାରୀ)**

ଉଠାଦୋକାନୀ ବ୍ୟବସାୟୀ ସଂଘ ପକ୍ଷରୁ ସେମାନଙ୍କୁ ଥଇଥାନ କରିବା ପାଇଁ ଶନିବାର ରଙ୍ଗେଇଲୁଣ୍ଡା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କନିଷି ହାଟ ପଞ୍ଚାୟତ ବଜାର ଗୃହ ସମ୍ମୁଖରେ ଗତ କିଛି ବର୍ଷ ହେଲା ଉଠା ଦୋକାନୀମାନେ ପଞ୍ଚାୟତକୁ ଟିକସ ଦେଇ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ ଶୁକ୍ରବାର ପଞ୍ଚାୟତ ପକ୍ଷରୁ ଉଠା ଦୋକାନୀ ବ୍ୟବସାୟୀମାନଙ୍କୁ ଅନ୍ୟ ଜାଗାକୁ ସ୍ଥାନାନ୍ତର କରିବା ପାଇଁ କୁହାଯାଇଥିଲା। ହେଲେ ସେଠାରେ ଆଲୋକୀକରଣ, ପରିସ୍ରାଗାର, ଜାଗା ସମତଳ ଓ ଅନ୍ୟ ମୌଳିକ ସମସ୍ୟା ରହିଛି। ଯାହାଦ୍ୱାରା ବର୍ତ୍ତମାନ ପରିସ୍ଥିତିରେ ବ୍ୟବସାୟୀ କରିବା ସମ୍ଭବ ନୁହେଁ। ଏ ନେଇ କନିଷି ହାଟ ଅଞ୍ଚଳ ଯୁବ ସାମାଜିକ କର୍ମୀ ଶୁବାଶିଷ ସାହୁଙ୍କୁ ସଂଘର ୫୦ ରୁ ଉର୍ଦ୍ଧ୍ୱ ବ୍ୟବସାୟୀ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ପରେ ସାହୁ ରଙ୍ଗେଇଲୁଣ୍ଡା ବିଡିଓ ବିଶ୍ୱଜିତ ରାୟଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ଜାଗାରେ ଯେଉଁ ସମସ୍ୟା ଗୁଡିକ ରହିଛି ଦୁଇ ମାସ ମଧ୍ୟରେ ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ସଂଘ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାୟଙ୍କୁ ଭେଟି ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କୈଳାଶ ସାହୁ, ନାରାୟଣ ସାହୁ, ସୁଶୀଳା ଦାସ, ସନିଆ ଦାସ, ଟୁନା ସାହୁ, ମନୁ ଦାସ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜୋନସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ପାତ୍ରପୁର, ୧୭।୯ (ଉମା ଚରଣ ନେପାକ)**

ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ପରାଙ୍କୁଶ ବିଦ୍ୟାଳୟଠାରେ ଚିକିଟି ଓ ପାତ୍ରପୁର ଉଭୟ ବ୍ଲକର ପ୍ରତିଯୋଗିଙ୍କୁ ନେଇ ଜୋନ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଉଭୟ ବ୍ଲକରୁ ମନୋନିତ ହୋଇଥିବା ପ୍ରାୟ ୩୫୦ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଭିନ୍ନ ବିଦ୍ୟାଳୟର କନିଷ୍ଠ ଓ ବରିଷ୍ଠଙ୍କ ସହ ୧୪ ଓ ୧୭ ବର୍ଷରୁ କମ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଜିଲା ସ୍ତରକୁ ଉନ୍ନିତ ହୋଇଛନ୍ତି। ଉକ୍ତ ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିବାକର ପୋଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱରୂପ ରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଚିକିଟି ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସିମାଞ୍ଚଳ ପଣ୍ଡା, ଚିକିଟି ବ୍ଲକ କ୍ରୀଡ଼ା ସମ୍ପାଦକ ଆପନ୍ନା ସେଠୀ, ପାତ୍ରପୁର ବ୍ଲକ କ୍ରୀଡ଼ା ସମ୍ପାଦକ ଅରୁଣ ମହାନ୍ତି ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ କ୍ରୀଡ଼ା ଶିକ୍ଷକ ଜଗନ୍ନାଥ ପ୍ରସାଦ, କେଦାରନାଥ ଅଧିକାରୀ, ବସନ୍ତ କୁମାର ପାତ୍ର, ସାଇ କୋରା, ମନ୍ମଥ ରାଓ, ଭୀମଶେନ ବେହେରା, ପି. ଗଣେଶ, ଗୋପାଳ କୃଷ୍ଣ ରେଡ୍ଡୀ, ଦୁର୍ଯ୍ୟାଧନ ରେଡ୍ଡୀ, ହୃଷିକେଶ ପଣ୍ଡା, ଶ୍ରୀକର ମାଝି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନୂଆଖାଇ ପର୍ବ ପାଳନ ପ୍ରସ୍ତୁତି ବୈଠକ



ମା' ବରାଳ ଦେବୀ ପୀଠ।

**ଖଜୁରିପଡ଼ା, ୧୭।୯ (ବିଦୁର ବେହେରା)**

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ସ୍ଥିତ ମା' ବରାଳ ଦେବୀ ପୀଠରେ ନୂଆଖାଇ ପର୍ବ ପାଳନ ପାଇଁ ପ୍ରସ୍ତୁତି ବୈଠକ ସଭାପତି ଚିତ୍ତରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ ତାରିଖରେ ମନ୍ଦିରରେ ନୂଆଖାଇ ପର୍ବ ପାଳନ ହେବ। ତେଣୁ ଅର୍ଥବ୍ୟୟ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିବାରୁ ନୂତନ କମିଟି ଗଠନ ପାଇଁ ସଭ୍ୟ ଚୟନ ନିମନ୍ତେ ଆଲୋଚନା କରାଯାଇଥିଲା। ବୈଠକରେ ପରିଚାଳନା କମିଟି ସମ୍ପାଦକ ସଞ୍ଜୟ କୁମାର କହଁର, ଖଜୁରିପଡ଼ା ତହସିଲଦାର ବିଜୟ କୁମାର ପ୍ରଧାନ, ରାଜସ୍ୱ ନିରୀକ୍ଷକ ମାନସ ରଞ୍ଜନ ସାହୁ, ରମାକାନ୍ତ ମଳିକ, ଖଜୁରିପଡ଼ା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିରେନ୍ଦ୍ର କୁମାର କହଁର, ଲଳିତ କୁମାର ମଳିକ, ସମିର କୁମାର ଝାଙ୍କର ସମେତ ସମସ୍ତ ସଭ୍ୟ ସଭ୍ୟା ଏବଂ ମନ୍ଦିର ପୂଜକ ସେବାୟତ ଉପସ୍ଥିତ ଥିଲେ।

## ଭାଜପା ପକ୍ଷରୁ ବିଶ୍ୱକର୍ମା ଯୋଜନା ସଚେତନତା

**ପୋଲସରା, ୧୭।୯ (ସୁବ୍ରତ ବେହେରା)**

ପୋଲସରା ଦାଶରଥି ନଗରସ୍ଥିତ ଘୁମୁସର ଜିଲା ଭାଜପା କାର୍ଯ୍ୟାଳୟଠାରେ ଯୁବମୋର୍ଚ୍ଚା ସଭାପତି ଦୀପକ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ବିଶ୍ୱକର୍ମା ଯୋଜନା ସମ୍ପର୍କରେ ସଚେତନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଘୁମୁସର ସାଂଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱକର୍ମା ପୂଜା ଅବସରରେ ବିଶ୍ୱକର୍ମାମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନାର ଶୁଭାରମ୍ଭ କରିଥିବା କହିବା ଏହା ଦ୍ୱାରା କୌଳିକ ବୃତ୍ତିଧାରୀ ଲୋକମାନେ କିଭଳି ଲାଭବାନ ହୋଇପାରିବେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ସାଂଗଠନିକ ଜିଲା ଉପ ସଭାପତି ପ୍ରଭାକର ପଣ୍ଡା ଉପସ୍ଥିତ ରହି ମୋଦୀଙ୍କ ଜନ କଲ୍ୟାଣ ଜନ ହିତକାରୀ ଯୋଜନା ଉପରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ପୋଲସରା ନିର୍ବାଚନ ମଣ୍ଡଳୀର ସମସ୍ତ ମଣ୍ଡଳ ସଭାପତି ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# କେ. ବରିଡ଼ାରେ ମହିଳା ବିଜେଡିର ବୈଠକ



ପଦଯାତ୍ରାରେ ସାମିଲ ହୋଇଥିବା ମହିଳାମାନେ ।

**କୋଦଳା (ଅମିତ କୁମାର ପଟ୍ଟନାୟକ)/ ବେଗୁନିଆପଡ଼ା (ସୁଶାନ୍ତ କୁମାର ପଟ୍ଟନାୟକ) ୧୭।୯**

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ କେ. ବରିଡ଼ା ଅମରେଶ୍ୱର ମନ୍ଦିରଠାରେ ରବିବାର ମହିଳା ବିଜେଡ଼ିର ସାଙ୍ଗଠନିକ ବୈଠକ ପୂର୍ବତନ କୋଦଳା ନଗରପାଳିକା ସୁନୀତା ପ୍ରଭା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେ. ବରିଡ଼ା ସମେତ ବିଭିନ୍ନ ପଞ୍ଚାୟତରୁ ଶତାଧିକ ମହିଳା ଉପସ୍ଥିତ ଥିଲେ। ଏହି ଅବସରରେ ଏକ ବିଶାଳ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପୂଜା ପ୍ରଧାନ, ସମିତି ସଭ୍ୟା ପୁଷ୍ପାଞ୍ଜଳି ଗୌଡ଼ ପ୍ରମୁଖ ବହୁ ମହିଳା ସାମିଲ ହୋଇଥିଲେ। ରାଜ୍ୟର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ହେଉଥିବା ବିଭିନ୍ନ ଜନାଭିମୁଖୀ କାର୍ଯ୍ୟ ଓ ଯୋଜନା ସମ୍ପର୍କରେ କହିଥିଲେ ସୁନୀତା କହିଥିଲେ। ଦଳର ସ୍ଥାନୀୟ ମହିଳା ପ୍ରତିନିଧିମାନେ ସଂଗଠନକୁ ଆହୁରି ସୁଦୃଢ଼ କରିବାକୁ ସେ ପରାମର୍ଶ ଦେଇଥିଲେ।



ଛାତ୍ରୀଛାତ୍ରମାନେ ଡଷ୍ଟବିନ ଧରି ସଚେତନ କରୁଛନ୍ତି।

# ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

**ଆସିକା, ୧୭।୯ (ସୁରେନ୍ଦ୍ର ନାଥ ସାହୁ)**

ଆସିକା ଏନ୍‌ଏସ ପକ୍ଷରୁ ରବିବାର ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟଅତିଥି, ଏମ୍‌ପି ପ୍ରତିନିଧି ସତ୍ୟ ନାରାୟଣ ସ୍ୱାଇଁ, ଏନ୍‌ଏସି ବ୍ରାଣ୍ଡ ଆମ୍ବାସଡର ଅରୁଣ କୁମାର ପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏନ୍‌ଏସିର ପରିମଳ ବିଶେଷଜ୍ଞା ଦିପ୍ତୀମୟୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ମସ୍‌ଜିଦ ନିକଟସ୍ଥ ମହାତ୍ମା ଗାନ୍ଧୀ ରୋଡର ପ୍ରବେଶ ପଥରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ବିଧାୟିକାଙ୍କ ଦ୍ୱାରା ଅନାବରଣ କରାଯାଇଥିଲା। ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ସ୍ଥାନୀୟ କରୋନେଶନ ପାର୍କ ଓ ହରିହର ହାଇସ୍କୁଲ ପରିସରକୁ ସଫାସୁତୁରା କରାଯାଇଥିଲା। ହାଇସ୍କୁଲ ଛାତ୍ରୀଛାତ୍ର, ସ୍କାଉଟ, ଗାଇଡ ଓ ଏନସିସି କ୍ୟାଡେଟଙ୍କ ଦ୍ୱାରା ଏନଏସିର ଖମ୍ବେଶ୍ୱରୀପଟଣା ସାହିରେ ଡଷ୍ଟବିନ ଧରି ଏହାର ବ୍ୟବହାର ଉପରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏକ ମାନବ ଶୃଙ୍ଖଳ କରାଯାଇଥିଲା। ହରିହର ହାଇସ୍କୁଲ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ହାଇସ୍କୁଲ କାନ୍ଥରେ ସ୍ୱଚ୍ଛତା ଉପରେ ଆଧାରିତ ଚିତ୍ରକଳା ଅଙ୍କନ ଓ 'ଅମାନିଆଙ୍କୁ ଯମଦଣ୍ଡ' ଶୀର୍ଷକ ନାଟକ ପ୍ରଦର୍ଶନ ପୂର୍ବକ ସଚେତନତା ସୃଷ୍ଟି କରାଯାଇଥିଲା।

# ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ଶ୍ରୀଅରବିନ୍ଦ ଶକ୍ତିପୀଠ

**ଭଞ୍ଜନଗର, ୧୭।୯ (ବାବୁଲା ପ୍ରଧାନ)**

- ଶ୍ରୀଅରବିନ୍ଦ ଧ୍ୟାନ ମନ୍ଦିର ପ୍ରତିଷ୍ଠା ଉତ୍ସବ
- ହଜାର ହଜାର ଭକ୍ତ ପ୍ରଭୁଙ୍କୁ ଦର୍ଶନ କରିଥିଲେ

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରେ ରବିବାର ଶ୍ରୀଅରବିନ୍ଦ ଧ୍ୟାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଭକ୍ତ ଯୋଗ ଦେଇ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ବିଶିଷ୍ଟ ସ୍ଥପତି ପ୍ରଫେସର ଡ. ପ୍ରବୀର କୁମାର ଦାସ ଧ୍ୟାନ ମନ୍ଦିରର ଡିଜାଇନ ପ୍ରସ୍ତୁତ କରିଥିଲେ। ଏହିଭଳି ମନ୍ଦିର ରାଜ୍ୟରେ ବିରଳ। ଆଗାମୀ ଦିନରେ ଏହା ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ କହିଥିଲେ। ଧ୍ୟାନ ମନ୍ଦିରଟି ପ୍ରାକୃତିକ ପରିବେଶ ମଧ୍ୟରେ ସ୍ଥାପିତ ହୋଇଛି। ଶ୍ରୀଅରବିନ୍ଦ ପାଠଚକ୍ର ରାଜ୍ୟ ସଂଯୋଜକ ଅନାଦି ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଧ୍ୟାନ ମନ୍ଦିର ପ୍ରତିଷ୍ଠା କରିଥିଲେ । ମାତୃପ୍ରେମୀ ଭଞ୍ଜନଗର ବିଡିଓ ଶଶିଭୂଷଣ ମହାପାତ୍ର, ହିଞ୍ଜିଳିକାଟୁ ବିଡିଓ ସୁବ୍ରତ ଜେନା, ଗଞ୍ଜାମ ଗଜପତି ଜିଲା ପାଠଚକ୍ର ସଂଯୋଜକ ଲଲାଟେନ୍ଦୁ ସାମନ୍ତ, ଜିଲା ମହିଳା ପାଠଚକ୍ର ସଭାନେତ୍ରୀ କମଳା କୁମାରୀ ଦେବୀ, ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିମୟୀ ଟ୍ରଷ୍ଟର ଟ୍ରଷ୍ଟି ରଘୁନାଥ ପଣ୍ଡା, ବାବୁଲା ପ୍ରଧାନ, ରମେଶ ବେହେରା, ମଧୁସ୍ମିତା ସାହୁ, ଗଞ୍ଜାମ ଜିଲା ସାଙ୍ଗଠନିକ କର୍ମକର୍ତ୍ତା ଶଶଧର ବେହେରା, ଶିବରାମ ପଣ୍ଡା, ଭାଗୀରଥି ମହାପାତ୍ର, ସୁରେନ୍ଦ୍ର ମହାନ୍ତି, ଶିକ୍ଷାକେନ୍ଦ୍ରର ସଭାପତି କୃତ୍ତିବାସ ବିଶ୍ୱାଳ, ଶିବ ଭାଇ, ଲକ୍ଷ୍ମୀନାରାୟଣ ଦାସ, ରତ୍ନ ମଞ୍ଜରୀ ପଣ୍ଡା, କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସଭାପତି ରାଜେନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ ପଣ୍ଡା ଉପସ୍ଥିତ ଥିଲେ। ସକାଳେ ମାତୃ ପତାକା ଉତ୍ତୋଳନ ପରେ ସର୍ବସାଧାରଣ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଦର୍ଶନ ମଣ୍ଡପରୁ ଧ୍ୟାନ ମନ୍ଦିର ପର୍ଯ୍ୟନ୍ତ ନୀରବ ଶୋଭାଯାତ୍ରା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ମାତୃପ୍ରେମୀ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହାପରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ହୋଇଥିଲା।




ଶ୍ରୀଅରବିନ୍ଦ ଧ୍ୟାନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା।

## ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ


ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲି ନିକଟ ଭିଆଇପି କଲୋନୀରେ ରବିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୃହକର୍ତ୍ତା ବିନୋଦ କୁମାର ପାଣିଗ୍ରାହୀ ସପରିବାର ବିଶ୍ୱକର୍ମା ପୂଜା ସ୍ଥଳକୁ ଯାଇଥିବା ବେଳେ ଘରେ ନିଆଁ ଲାଗିଯାଇଥିବା ଖବର ପାଇଥିଲେ। ଶର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି। ସେହିପରି ଏହି ଅଗ୍ନିକାଣ୍ଡରେ ଘର ଭିତରେ ଥିବା ଏସି, ଫ୍ୟାନ ଓ ସିଲେଇ ମେସିନ ସହ ଅନ୍ୟାନ୍ୟ କେତେକ ସାମଗ୍ରୀ ମଧ୍ୟ ପୋଡ଼ି ନଷ୍ଟ ହୋଇଯାଇଛି।



## ବିଭିନ୍ନ ସ୍ଥାନରେ ଦେବଶିଳ୍ପୀଙ୍କ ଆବାହନ


ହିଞ୍ଜିଳିକାଟୁ


ବ୍ରହ୍ମପୁର


ଶେରଗଡ଼


ଜି.ଉଦୟଗିରି


ଗଞ୍ଜାମ


ପୁରୁଷୋତ୍ତମପୁର


ପାରଳାଖେମୁଣ୍ଡି


ବୁଗୁଡ଼ା


ବାଲିଗୁଡ଼ା

## ରେଶମ ସହରରେ ବିଶ୍ୱକର୍ମା ପୂଜା

ବ୍ରହ୍ମପୁର,୧୭।୯(ତନୁଶ୍ରୀ ନାହାକ)
ରେଶମ ସହରର ବିଭିନ୍ନ କାର୍ଯ୍ୟାଳୟ, ଶିଳ୍ପକେନ୍ଦ୍ର ଓ ଅନୁଷ୍ଠାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ସମ୍ପନ୍ନ ହୋଇଯାଇଛି। ସହରର ଶିଳ୍ପାଞ୍ଚଳଠାରେ ଜନସ୍ୱାସ୍ଥ୍ୟ ବିଭାଗ ପରିସରରେ ଦେବଶିଳ୍ପୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବିଭିନ୍ନ ଶିଳ୍ପାନୁଷ୍ଠାନ, ଉତ୍କଳ ଆଶ୍ରମ ରୋଡ଼ରେ ଥିବା ଜନସ୍ୱାସ୍ଥ୍ୟ ବିଭାଗ, ୱାଟକୋ ଉପବିଭାଗ, ଖୋଡ଼ାସିଙ୍ଗ , ହିଲପାଟଣା ସ୍ଥିତ ଏସଏମଆଇଟି, ଆଇଟିଆଇ, ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟ ସମେତ ବିଭିନ୍ନ ବୈଷୟିକ ଅନୁଷ୍ଠାନରେ ବହୁ ଆଡ଼ମ୍ବର ସହକାରେ ଦେବଶିଳ୍ପୀଙ୍କ ଆବାହନ କରାଯାଇଛି। ରଙ୍ଗୀନ ଆଲୋକମାଳାରେ ପୂଜାମଣ୍ଡପ ସଜ୍ଜିତ ହୋଇଛି। ସନ୍ଧ୍ୟାରେ ସହର ବାସୀ ବିଭିନ୍ନ ମଣ୍ଡପ ବୁଲି ଦେବଶିଳ୍ପୀଙ୍କ ଦର୍ଶନ କରିଛନ୍ତି।

# ୧୩ ବର୍ଷ ପରେ ବି ସରୁନି ବିଚାର, ଜବାବସୁଆଲ ଆଜି

### ଶେରଗଡ଼ ଭାରପ୍ରାପ୍ତ ଥାନାଧିକାରୀ ହତ୍ୟା ମାମଲା

ବ୍ରହ୍ମପୁର,୧୭।୯(ସୁବାସ ଚନ୍ଦ୍ର ପାଢ଼ୀ)
୨୦୧୦ରେ ଗଞ୍ଜାମ ଜିଲା ଶେରଗଡ଼ ଥାନାର ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ମନୋରଞ୍ଜନ ମିଶ୍ରଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାର ପରିଚାଳନା ପାଇଁ ସରକାରଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଜିଲା ଓ ଦୌରାଜଜ୍ କୋର୍ଟର ସରକାରୀ ପିପି ଭାବେ କାର୍ଯ୍ୟରତ ଥିବା ତ୍ରିଲୋଚନ ପରିଡାଙ୍କୁ ସ୍ୱତନ୍ତ୍ର ଭାବେ ନିୟୋଜିତ କରିଛନ୍ତି। ଅନ୍ୟପଟେ ୧୩ ବର୍ଷ ପରେ ବି ଉକ୍ତ ମାମଲାର ବିଚାର ସରୁନି। ରାୟ ପ୍ରକାଶରେ ବିଳମ୍ବ ଘଟୁଛି। ତେଣୁ ମନୋରଞ୍ଜନଙ୍କ ପରିବାର ଲୋକେ ନ୍ୟାୟ ପାଇ ପାରୁନାହାଁନ୍ତି। ସୋମବାର ଆସିକା ଅତିରିକ୍ତ ଜିଲା ଦୌରାଜଜ କୋର୍ଟରେ ଏହି ମାମଲାର ଅଭିଯୁକ୍ତଙ୍କ ତରଫରୁ ତାଙ୍କ ଓକିଲ ଜବାବସୁଆଲ କରିବା ପାଇଁ ଦିନ ଧାର୍ଯ୍ୟ କରାଯାଇଛି।

୨୦୧୦ ନଭେମ୍ବର ୨୬ ତାରିଖ ରାତି ପ୍ରାୟ ୧୧ଟାରେ ଶେରଗଡ଼ର ତତ୍କାଳୀନ ଭାରପ୍ରାପ୍ତ ଥାନାଅଧିକାରୀ ମନୋରଞ୍ଜନ ପାଟ୍ରୋଲିଂ ସାରି ବାଇକ୍‌ରେ ହିଞ୍ଜିଳିକାଟୁସ୍ଥିତ ଘରକୁ ଫେରୁଥିଲେ। ଥାନାଠାରୁ କିଛି ଦୂରରେ କେତେଜଣ ଯୁବକ ତାଙ୍କୁ ଅଟକାଇଥିଲେ। କୌଣସି କଥାକୁ ନେଇ ସେମାନଙ୍କ ସହ ସୌମ୍ୟରଞ୍ଜନଙ୍କ ବଚସା ହୋଇଥିଲା। ପରେ ଯୁବକମାନେ ଅତି ନିକଟରୁ ଥାନାଧିକାରୀଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହି ମାମଲାରେ ସୁନିଲ ବେହେରା, ସମୀର ପଣ୍ଡା, ସୁଶାନ୍ତ ବେହେରା ଗିରଫ ହୋଇଥିଲେ। ସମୀର ଓ ସୁଶାନ୍ତ ଜାମିନରେ ଆସିଥିଲେ। ସୁଶାନ୍ତ ଏକ ଡକାୟତି ମାମଲାରେ ସଂପୃକ୍ତ ରହି ଦୋଷୀ ସାବ୍ୟସ୍ତ ହୋଇଥିଲେ। ହେଲେ କୋର୍ଟଙ୍କ ନିର୍ଦ୍ଦେଶ ମାନି ହାଜିରା ଦେବାକୁ ସେ ଆସି ନ ଥିଲେ। ତେଣୁ ତାଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି ହୋଇଥିଲା। ନିକଟରେ ଟାଉନ୍ ଥାନା ପୋଲିସ ତାଙ୍କୁ ଏନବିଡବ୍ଲ୍ୟୁ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହାସତ୍ତ୍ୱେ ମଧ୍ୟ ମନୋରଞ୍ଜନ ହତ୍ୟା ମାମଲାର ରାୟ ପ୍ରକାଶ ପାଇ ପାରୁନାହିଁ। ସୋମବାର ଆସିକା ଅତିରିକ୍ତ ଜିଲା ଦୌରାଜଜ କୋର୍ଟରେ ଅଭିଯୁକ୍ତ ସମୀର ହାଜର ହେବେ। ସେଠାରେ ତାଙ୍କ ପାଇଁ ମକଦ୍ଦମା ଲଢେଇ କରୁଥିବା ଓକିଲ ଜବାବସୁଆଲ କରିବେ ବୋଲି ପିପି ପରିଡ଼ା ରବିବାର ସୂଚନା ଦେଇଛନ୍ତି। ପୂର୍ବରୁ ଆସିକା ଅତିରିକ୍ତ ଜିଲା ଓ ଦୌରାଜଜ (ଏଡିଜେ) କୋର୍ଟରେ ୨୨ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇସାରିଛି। ପୂର୍ବରୁ ଶେରଗଡ଼ ଥାନାର ତତ୍କାଳୀନ ଇନ୍ସପେକ୍ଟର ଜେ.କେ. ପଟ୍ଟନାୟକ ଓ ମୃତ ମନୋରଞ୍ଜନଙ୍କ ସ୍ତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି। ରାୟ ପ୍ରକାଶରେ ବିଳମ୍ବ ହେବା ବୁଦ୍ଧିଜୀବୀଙ୍କୁ ବ୍ୟଥିତ କରିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ଅଞ୍ଜଳି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ୫୦୦ ଟଙ୍କା ପାଇଁ ଉଠୁନି ଗାଈ ମୃତଦେହ

### ଦୁଇ ବିଭାଗ ମୁହାଁମୁହିଁ



ଛତ୍ରପୁର,୧୭।୯(ସନ୍ତୋଷ ପାଢ଼ୀ)
୫୦୦ ଟଙ୍କା ପାଇଁ ପ୍ରାଣୀ ଚିକିତ୍ସାଳୟ ପରିସରରୁ ୪ ଦିନ ହେଲା ଏକ ଗାଈ ମୃତଦେହ ଉଠୁନି। ଏଥିରୁ ଗଞ୍ଜାମ ଜିଲା ଛତ୍ରପୁର ଏନ୍ଏସି ଏବଂ ପ୍ରାଣୀ ଚିକିତ୍ସା ବିଭାଗର ଝଗଡ଼ା ପଦାରେ ପଡିଛି। ଗତ ୧୩ ତାରିଖରେ ରାସ୍ତାରେ ଗୋଟିଏ ଗାଈ ଦୁର୍ଘଟଣାର ଶିକାର ହୋଇଥିଲା। ବଜରଙ୍ଗ ଦଳ କର୍ମୀମାନେ ତାହାକୁ ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୧୪ତାରିଖ ଅପରାହ୍ନରେ ଗାଈଟି ମରିଯାଇଥିଲା। ଗାଈ ମୃତଦେହ ସ୍ଥାନାନ୍ତର କରିବା ପାଇଁ ଛତ୍ରପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସା ଉପନିର୍ଦ୍ଦେଶକ ଡା. ପତିତପାବନ ରଥ ଶନିବାର ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ୫୦୦ ଟଙ୍କା ଜମା କଲେ ମଲା ଗାଈ ଉଠାଯିବ ବୋଲି ନିର୍ବାହୀ ଅଧିକାରୀ ସସ୍ମିତ ସଂଗ୍ରାମଜିତ ସାହୁ ଉପନିର୍ଦ୍ଦେଶକଙ୍କୁ ଚିଠି ମାଧ୍ୟମରେ ଉତ୍ତର ଦେଲେ। ଏହା ପୂର୍ବରୁ ଉପନିର୍ଦ୍ଦେଶକ ନିର୍ବାହୀ ଅଧିକାରୀଙ୍କୁ ମୌଖିକ ଭାବେ ଜଣାଇବା ସହ ଟୁଇଟ୍ ମଧ୍ୟ କରିଥିଲେ। ନିର୍ବାହୀ ଅଧିକାରୀ ମଧ୍ୟ ଟୁଇଟ୍ ଯୋଗେ ଉତ୍ତର ରଖିଥିଲେ। ଏଭଳି ସ୍ଥିତିରେ ମଲା ଗାଈଟି ପ୍ରାଣୀ ଚିକିତ୍ସାଳୟ ପରିସରରେ ପଡ଼ିରହିଛି। ଡା. ରଥଙ୍କ କହିଛନ୍ତି, ଆଗରୁ ପ୍ରାଣୀ ଚିକିତ୍ସାଳୟରେ ଗାଈ ମରୁଥିଲେ ଏନ୍ଏସି ଉଠାଉଥିଲା। ବର୍ତ୍ତମାନ ଟଙ୍କା ମଗାଯାଉଛି। ଏ ନେଇ ବିଭାଗର ବ୍ୟୟବରାଦ ନାହିଁ, କିପରି ଟଙ୍କା ଜମା କରିବୁ ବୋଲି ଡା. ରଥ କହିଛନ୍ତି।

## ସାମନ୍ତରାୟ ଏକାଡେମୀ ଛାତ୍ରୀଛାତ୍ରଙ୍କ ସଫଳତା


ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀଛାତ୍ର।

### ନୌସେନା ଓ ଅର୍ଦ୍ଧସାମରିକ ବାହିନୀରେ ନିଯୁକ୍ତି ପାଇଁ ୪୯ ମନୋନୀତ

ବ୍ରହ୍ମପୁର,୧୭।୯(ସ୍ମୃତି ରଞ୍ଜନ ମହାଳିକ୍)
ନୌସେନା ଓ ଅର୍ଦ୍ଧସାମରିକ ବାହିନୀରେ ନିଯୁକ୍ତି ନିମନ୍ତେ ବ୍ରହ୍ମପୁର ସାମନ୍ତରାୟ ଏକାଡେମୀର ୪୯ ଜଣ ଛାତ୍ରୀଛାତ୍ର ମନୋନୀତ ହୋଇଛନ୍ତି। ନିଯୁକ୍ତି ନିମନ୍ତେ ନିକଟରେ ପ୍ରକାଶ ପାଇଥିବା ତାଲିକାରେ ନୌସେନାରେ ୨୩ ଜଣ ଓ ଅର୍ଦ୍ଧ ସାମରିକ ବାହିନୀରେ ୨୬ ଜଣ ଛାତ୍ରୀଛାତ୍ର ରହିଥିବା ସାମନ୍ତରାୟ ଏକାଡେମୀ ପକ୍ଷରୁ କୁହାଯାଇଛି। ଏହି ଛାତ୍ରୀଛାତ୍ରମାନେ ଉଭୟ ଲିଖିତ, ଶାରୀରିକ ଓ ମେଡିକାଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଏକାଡେମୀ ପକ୍ଷରୁ ରବିବାର ସେମାନଙ୍କୁ ଏକ ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ଏକାଡେମୀର ପ୍ରତିଷ୍ଠାତା ଡ. ଲଳିତ ମୋହନ ସାମନ୍ତରାୟ ଛାତ୍ରୀଛାତ୍ରଙ୍କୁ କର୍ତ୍ତବ୍ୟ ପରାୟଣ ହେବା ପାଇଁ ପରାମର୍ଶ ଦେଇଥିଲେ। ଏକାଡେମୀର ନିର୍ଦ୍ଦେଶକ ଦେବେଶ ସାମନ୍ତରାୟ ଏହି ସଫଳତା ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଥିବା ଅନେକ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ ବୋଲି କହିଥିଲେ। ଏକାଡେମୀର ସମସ୍ତ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ପୁରାତନ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲା ଶିକ୍ଷା ବିଭାଗରେ ଦୁର୍ନୀତିର ତଦନ୍ତ ଦାବି

ବ୍ରହ୍ମପୁର,୧୭।୯(ସ୍ମୃତି ରଞ୍ଜନ ମହାଳିକ)
ଗଞ୍ଜାମ ଜିଲା ଶିକ୍ଷା ବିଭାଗରେ ଚାଲିଥିବା ଦୁର୍ନୀତି ଓ ବିଭିନ୍ନ ସମସ୍ୟା ଉପରେ ରାଜ୍ୟ ସରକାର ଦୃଷ୍ଟି ଦେବା ପାଇଁ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଗଞ୍ଜାମ ଜିଲା କମିଟି ପକ୍ଷରୁ ରବିବାର ଉତ୍କଳ ଆଶ୍ରମଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ଏଥିସହ ଜିଲାର ଛତ୍ରପୁର, ଗଞ୍ଜାମ, ଭଞ୍ଜନଗର, ଦିଗପହଣ୍ଡି ଓ ବେଲଗୁଣ୍ଠା ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ ମନମୁଖୀ କାରବାର ଓ ନକଲି ଶିକ୍ଷକଙ୍କୁ ସୁଯୋଗ ଦେଉଥିବାରୁ ସେମାନଙ୍କ ବିରୋଧରେ ତଦନ୍ତ ଓ ବଦଳି ପାଇଁ ଦାବି କରାଯାଇଛି। ଏଥିସହିତ ଛତ୍ରପୁର ବ୍ଲକରେ ଗତ ଜୁନରେ ହୋଇଥିବା ପାଚିକା ସହାୟିକାଙ୍କ ତାଲିମ ପାଇଁ ଖର୍ଚ୍ଚ ହୋଇଥିବା ବିଲ, ଭାଉଚରର ଯାଞ୍ଚ କରିବା, ଗଞ୍ଜାମ ଜିଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା, ଆସିକା ଚିନି ଶିଳ୍ପର ଆଧୁନିକୀକରଣ, ପ୍ରତ୍ୟେକ ବ୍ଲକରେ ଶୀତଳଭଣ୍ଡାର, ଧାନ ମଣ୍ଡିରେ ଅନିୟମିତତା ଘଟଣାର ତଦନ୍ତ, ଚାଷ ଜମିକୁ ଜଳସେଚନ, ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ନିୟନ୍ତ୍ରଣ, ବିଜୁଳି ବିଲରେ ୨ଶହ ୟୁନିଟ ବିଜୁଳି ଦର ରିହାତି ପାଇଁ ଦାବି ହୋଇଛି। ଖବରଦାତା ସମ୍ମିଳନୀରେ ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ି, ଜିଲା ସଭାପତି ବିଭୁଧେନ୍ଦ୍ର ପାଢ଼ି, ସଂପାଦକ ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଓ ସଂପାଦକ ମିଥୁନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳିଲା ବ୍ରହ୍ମପୁର ଭାଜପା

ବ୍ରହ୍ମପୁର,୧୭।୯(ନରସିଂହ ସାହୁ)
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୩ତମ ଜନ୍ମଦିନ ରବିବାର ବ୍ରହ୍ମପୁରରେ ଭାଜପା ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଦେଶରେ ଆରମ୍ଭ ହୋଇଥିବା ପିଏମ ବିଶ୍ୱକର୍ମା ଯୋଜନା କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ପୂର୍ବତନ ଜିଲା ସଭାପତି କାହ୍ନୁ ଚରଣ ପତି ଅଧ୍ୟକ୍ଷତା କରିଥିଲେ। ନୂଆ ଯୋଜନା ଦ୍ୱାରା ମୁଖ୍ୟତଃ ବିଶ୍ୱକର୍ମା ସମାଜ, କାରିଗର ଓ ଶିଳ୍ପୀମାନଙ୍କ ବହୁମୁଖୀ ବିକାଶ ହେବ ବୋଲି ସେ ଦର୍ଶାଇଥିଲେ। ଗିରିରୋଡରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲାର ବରିଷ୍ଠ କାର୍ଯ୍ୟକର୍ତ୍ତା ରାମ କୁମାର ପାତ୍ର, ଡ଼ା. ସୁବାସ ସାହୁ, ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ପ୍ରଦୀପ ଶତପଥୀ, ମଦନ ମୋହନ ପାତ୍ର, ଯୁବମୋର୍ଚ୍ଚା ଜିଲା ସଭାପତି ଶିବ ଶଙ୍କର ନାୟକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ରତ୍ନଗର୍ଭା ସରସ୍ୱତୀ, ପ୍ରେମଶୀଳା ନନ୍ଦ, ବରିଷ୍ଠ ନେତା ଗୋପିନାଥ ପଣ୍ଡା, ମଣ୍ଡଳ ସଭାପତି ଭାବଗ୍ରାହି ପାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ପ୍ରଧାନମନ୍ତ୍ରୀଙ୍କ ଜୟନ୍ତୀ ସମାରୋହରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

## ପାର୍ବଣ ପାଇଁ ଟିପିଏସ୍‌ଓଡିଏଲ୍‌ର ମାର୍ଗଦର୍ଶିକା ଜାରି

ବ୍ରହ୍ମପୁର,୧୭।୯(ସ୍ମୃତି ରଞ୍ଜନ ମହାଳିକ)
ପାର୍ବଣ ସମୟରେ ନିରବଚ୍ଛିନ୍ନ ତଥା ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଣ ନିମନ୍ତେ ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏସ୍‌ଓଡିଏଲ) ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। କମ୍ପାନୀ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ପାର୍ବଣ ଋତୁର ଆବଶ୍ୟକତାକୁ ଦୃଷ୍ଟିରେ ରଖି ନିର୍ମାଣ ହେବାକୁ ଯାଉଥିବା ଅସ୍ଥାୟୀ ପୂଜା ମଣ୍ଡପ ପାଇଁ କମ୍ପାନୀ ସ୍ୱତନ୍ତ୍ର ମାର୍ଗ ଦର୍ଶିକା ଜାରିକରିଛି। ପାର୍ବଣ ଋତୁରେ ଅସ୍ଥାୟୀ ମଣ୍ଡପ ଓ ଦୋକାନ ବସାଇବାକୁ ଯାଉଥିବା ବ୍ୟକ୍ତି ବିଶେଷମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଯୋଗଯୋଗ କରି ବିଦ୍ୟୁତ ସଂଯୋଗ ନେବା ପାଇଁ ପରାମର୍ଶ ଦିଆଯାଇଛି। ଆନନ୍ଦ ଓ ଉଲାସ ଭରା ଉତ୍ସବରେ ପୂଜା ମଣ୍ଡପ ଗୁଡିକରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଟିପିଏସଓଡିଏଲ ପକ୍ଷରୁ ଫ୍ୟୁଜ କଲ ସେଣ୍ଟର (ଏଫସିସି)ରେ ଏକ ଉତ୍ସର୍ଗୀକୃତ ଟିମ ନିୟୋଜିତ କରାଯାଇଛି। ଏହି ଟିମ ଅନଧିକୃତ ହୁକିଂ ଓ ବିଦ୍ୟୁତ ଚୋରିକୁ ରୋକିବା ଦିଗରେ ସଜାଗ ରହିବ। ଏଥିସହ ଖୋଲା ଆଉଟଲେଟ ଗୁଡିକର ମରାମତି, ଫାଟି ଯାଇଥିବା କେବୁଲ ଗୁଡିକ ବଦଳାଇବା, ବିଦ୍ୟୁତ ଲାଇନଠାରୁ ସୁରକ୍ଷିତ ଦୂରତା ଓ ସମସ୍ତ ବୈଦ୍ୟୁତିକ ଉପକରଣ ପାଇଁ ଉପଯୁକ୍ତ ଆର୍ଥିଂ ବ୍ୟବସ୍ଥା ସୁନିଶ୍ଚିତ କରିବା ଭଳି କଂପାନୀ ପକ୍ଷରୁ ଜରୁରୀ ମାର୍ଗ ଦର୍ଶିକା ଜାରି କରାଯାଇଛି। ଟିପିଏସଓଡିଏଲର ୨୪ ଘଣ୍ଟିଆ କଲ ସେଣ୍ଟର, ସାମାଜିକ ଗଣମାଧ୍ୟମ ମନିଟରିଂ ୟୁନିଟ ସହ ମିଶି ଅଭିଯୋଗର ତୁରନ୍ତ ସମାଧାନ କରିବ। ଜରୁରୀକାଳୀନ ପରିସ୍ଥିତିରେ ଉପଭୋକ୍ତାମାନେ ଟୋଲ ଫ୍ରି ହେଲ୍ପ ଲାଇନ ନଂ ୧୯୧୨ ଓ ୧୮୦୦୩୪୫୬୭୯୭ ସହ ଯୋଗାଯୋଗ କରି ନିକଟସ୍ଥ ଫ୍ୟୁଜ କଲ କାର୍ଯ୍ୟାଳୟକୁ ଯାଇ ବିଦ୍ୟୁତ ଜନିତ ସମସ୍ୟାର ସମାଧାନ କରିପାରିବେ। ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ ଗର୍ଗ କହିଛନ୍ତି ଯେ, ଆଗାମୀ ପାର୍ବଣ ସମୟରେ ସମସ୍ତ ପୂଜା ମଣ୍ଡପକୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ ପ୍ରସ୍ତୁତ ଅଛୁ। ଜନସାଧାରଣ ଉପଯୁକ୍ତ ବିଦ୍ୟୁତ ସଂଯୋଗ ନେଇ ବିଦ୍ୟୁତ ସୁରକ୍ଷା ନିୟମାବଳୀ ପ୍ରଦାନ କରିବା ପାଇଁ ସେ କହିଛନ୍ତି।



ରାଜସ୍ଥାନର କୋଟାଠାରେ ୧୨୦ କୋଟି ଟଙ୍କା ଏବଂ ପ୍ରାୟ ୩୦ ଏକର ପରିବ୍ୟାପ୍ତ ଜମିରେ ନିର୍ମିତ 'ଦି ଅକ୍ସିଜେନ ସିଟ୍ ପାର୍କ'(ଦି ଗାର୍ଡେନ ଅଫ୍ ଜୟ)କୁ ନିକଟରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଆନୁଷ୍ଠାନିକ ଭାବେ ଲୋକାର୍ପଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଧାନସଭା ଅଧକ୍ଷ ଡ. ସି.ପି. ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ରାଜସ୍ଥାନ ସରକାରଙ୍କ ସ୍ୱାୟତ୍ତ ଶାସନ ମନ୍ତ୍ରୀ, ଶିକ୍ଷା ମନ୍ତ୍ରୀ, କୃଷି ମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀଙ୍କ ସମେତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଅନର୍୯୦ ୫ଜି ଉନ୍ମୋଚିତ

**ଭୁବନେଶ୍ୱର,୧୭।୯**

ଏର୍‌ଟେକ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅନର୍୯୦ ୫ଜି'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ସେହିଭଳି ଶିଳ୍ପ ଅଗ୍ରଣୀ କ୍ୱାଡ୍-କର୍ଭଡ ଫ୍ଲୋଟିଙ୍ଗ୍ ଡିସ୍‌ପ୍ଲେ ସହ ସୁସଜ୍ଜିତ ଅନର୍୯୦ ୫ଜିରେ ୩ଟି କ୍ୟାମେରା ଯଥା ୨୦୦ ଏମ୍‌ପି ମେନ୍ କ୍ୟାମେରା, ୧୨ଏମ୍‌ପି ଅଲ୍‌ଟ୍ରାୱାଇଡ୍ କ୍ୟାମେରା ଓ ୫୦ଏମ୍‌ପି ସେଲ୍‌ଫି କ୍ୟାମେରାରୁ ୩୦ଏଫ୍‌ପିଏସ୍‌ରେ ୪କେ ଭିଡିଓ ରେକର୍ଡିଙ୍ଗ୍ ପ୍ରଦାନ କରିବା ପାଇଁ ପ୍ରୋସେସର ଶକ୍ତିକୁ ବ୍ୟବହାର କରିଥାଏ। ଏ ସମ୍ପର୍କରେ ଏର୍‌ଟେକ୍‌ର ସିଇଓ ମାଧବ ସେଠ୍ କହିଛନ୍ତି, ଅନର୍୯୦ ୫ଜି'ର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ଅନର୍‌ର ମଜଭୁତ ନେଟ୍‌ୱର୍କ ଓ ମୂଲ୍ୟ ଶୃଙ୍ଖଳାର ବ୍ୟବହାର କରି ଆମେ ଭାରତ ବଜାରରେ ପ୍ରଥମ ସ୍ମାର୍ଟଫୋନ୍‌ର ଶୁଭାରମ୍ଭ କରିଛୁ।

# ବିଓଏମ୍‌ର ୮୯ତମ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର,୧୭।୯**

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ୮୯ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ ପ୍ରମୁଖ ବିଭାଗ ଓ ହିତାଧିକାରୀଙ୍କ ସହ ଏକ ରଣନୀତିକ ବୈଠକର ଅନୁଷ୍ଠିତ ହୋଇଯାଇଛି। ସେହିଭଳି ଫେଡେରେଶନ ଅଫ୍ ଇଣ୍ଡିଆନ୍ ଏକ୍ସପୋର୍ଟ ଅର୍ଗାନାଇଜେଶନ (ଫିଓ)ର ସକ୍ରିୟ ସହଯୋଗରେ ଏକ୍ସପୋର୍ଟର୍ସମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହୋଇଥିଲା। ଅପରପକ୍ଷରେ 'ଏକ୍ସପୋର୍ଟ ଓରିଏଣ୍ଟେଡ୍ ଦକ୍ଷତା ବିକାଶ' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବିଓଏମ୍ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ର ରପ୍ତାନିକାରୀଙ୍କୁ ସମ୍ବୋଧିତ କରିବା ସହ ବ୍ୟାଙ୍କର ସଫଳ ପ୍ରଦର୍ଶନ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ରାଜ୍ୟରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ସମୁଦାୟ ୪୯ଟି ଶାଖା ରହିଛି ଏବଂ ବ୍ୟାଙ୍କ ଅକ୍ଟୋବର ୨୦୨୩ ସୁଦ୍ଧା ୩ଟି ଶାଖା ଏବଂ ଆର୍ଥିକ ବର୍ଷ ୨୦୨୩-୨୪ ସୁଦ୍ଧା ୯ ଶାଖା ଖୋଲିବାକୁ ଯୋଜନା ରଖିଛି। ବ୍ୟାଙ୍କ ସହ ସକ୍ରିୟ ଭାବେ ଜଡିତ ରହି ରାଜ୍ୟବାସୀଙ୍କୁ ସେବା ପ୍ରଦାନ କରିବାର ସୁଯୋଗ ପ୍ରଦାନ କରୁଥିବାରୁ ନୀତି ନିର୍ଦ୍ଧାରକମାନଙ୍କୁ ବ୍ୟାଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଉଛି। ବ୍ୟାଙ୍କ ଏହାର ପ୍ରୟାସରେ ସରକାରଙ୍କୁ ସେବା ଯୋଗାଇବା ପାଇଁ ବିଭିନ୍ନ ଡିଜିଟାଇଜେଶନ ପଦକ୍ଷେପ ଗ୍ରହଣ କରୁଛି। ରୂପେଶ ବିଶ୍ୱାସ, ସହାୟକ ମହାପ୍ରବନ୍ଧକ, ଫରେକ୍ସ ମାର୍କେଟିଂ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ରପ୍ତାନିକାରୀଙ୍କ ପାଇଁ ବ୍ୟାଙ୍କର ସୁପରିକଳ୍ପିତ ଯୋଜନା ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସୁବିଧା ବିଷୟରେ ଅବଗତ କରାଇଥିଲେ।

# ଟିପିସିଓଡିଏଲ୍‌ର 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'

**ଭୁବନେଶ୍ୱର,୧୭।୯**

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ଅଭିନବ ଯୋଜନା 'ବିଲ୍ ପେ ଆଣ୍ଡ ୱିନ୍ ସ୍କିମ୍'ର ଶୁଭାରମ୍ଭ କରାଯାଇଛି। ବିଶେଷ କରି ଟିପିସିଓଡିଏଲ୍‌ର ଗ୍ରାହକମାନେ ଏହି ଯୋଜନା ଜରିଆରେ ଆକର୍ଷଣୀୟ ପୁରସ୍କାର ଜିତିବାର ସୁଯୋଗ ପାଇପାରିବେ। ଏପରିକି ଯେଉଁ ଗ୍ରାହକମାନେ ଧାର୍ଯ୍ୟ ତାରିଖ ମଧ୍ୟରେ ୧୨ ମାସର ବିଦ୍ୟୁତ୍ ବିଲ୍ ପୈଠ କରିଥିବେ ସେମାନେ ଏକ ମାସର ବିଲ୍ ରିହାତି ଆକାରରେ ପାଇବେ, ଯାହା ୧୧ ମାସର ବିଲ୍ ସହିତ ସମାନ ବୋଲି କୁହାଯାଇଛି। ସେହିଭଳି ଲକି ଡ୍ର ଜରିଆରେ ପ୍ରଥମ ୨୦୦ ଗ୍ରାହକ ସ୍ମାର୍ଟ ମୋବାଇଲ୍ ଫୋନ୍ ମଧ୍ୟରୁ ଗୋଟିଏ ଜିତିବାର ସୁଯୋଗ ପାଇବେ । ଏହି ସ୍କିମ୍‌ର ଲାଭ ପାଇବା ପାଇଁ ଗ୍ରାହକଙ୍କୁ ପ୍ରତି ମାସ ଶେଷରେ ଶୂନ୍ୟ-ବକେୟା ସ୍ଥିତି ବଜାୟ ରଖିବାକୁ ପଡ଼ିବ। ଏହା ବ୍ୟତୀତ ଟିପିସିଓଡିଏଲ୍ ଠିକ୍ ସମୟରେ ବିଲ୍ ପୈଠ କରୁଥିବା ଗ୍ରାହକଙ୍କ ପାଇଁ ୪% ଡିଜିଟାଲ ରିହାତି ଏବଂ ୟୁନିଟ୍ ପିଛା ୧୦ ପଇସା ପ୍ରମ୍ପ୍ଟ ପେମେଣ୍ଟ ରିହାତି ପ୍ରଦାନ କରିଥାଏ। ସେହିପରି ଗ୍ରାମୀଣ ଗ୍ରାହକଙ୍କ ପାଇଁ ୟୁନିଟ୍ ପିଛା ଅତିରିକ୍ତ ୧୦ପଇସା ରିହାତି ପ୍ରଦାନ କରିଥାଏ ଓ ଯେଉଁ ଗ୍ରାହକମାନେ ୧୨ମାସର ବିଲ୍ ଠିକ୍ ସମୟରେ ପୈଠ କରିବେ ସେମାନଙ୍କୁ ମାର୍ଚ୍ଚ ମାସରେ ଦିଆଯାଉଥିବା ରିହାତି ପରିମାଣର ସମାନ ଆଉ ଏକ ରିହାତି ପାଇ ପାରିବେ। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂ କହିଛନ୍ତି, ଆମେ ଗ୍ରାହକଙ୍କୁ ନିରବଚ୍ଛିନ୍ନ ବିଜୁଳି ଏବଂ ଅଭିନବ ଅନୁଭୂତି ପ୍ରଦାନ କରିବାକୁ ପ୍ରତିଶ୍ରୁତିବଦ୍ଧ। 'ବିଲ୍ ପେ ଆଣ୍ଡ ୱିନ୍' ସ୍କିମ୍ ଗ୍ରାହକଙ୍କ ସନ୍ତୋଷ ଏବଂ ଡିଜିଟାଲ୍ ଦେୟ ପ୍ରତି ଆମର ସମର୍ପଣକୁ ପ୍ରତିଫଳିତ କରୁଛି। ଆମେ ଆମର ସମସ୍ତ ଗ୍ରାହକଙ୍କୁ ଏଥିରେ ଅଂଶଗ୍ରହଣ କରିବାକୁ ଏବଂ ଏହାର ଲାଭ ହାସଲ କରିବାକୁ ଉତ୍ସାହିତ କରୁଛୁ।

# ନିର୍ମାଣ କ୍ଷେତ୍ରରେ ନୂଆ ଟେକ୍ନୋଲୋଜିର ବ୍ୟବହାର

**ଭୁବନେଶ୍ୱର,୧୭।୯ (ଅଭୟ ଦାଶ)**




ଦେଶର ପ୍ରମୁଖ ଗୃହ ନିର୍ମାଣକାରୀ ସଂଗଠନ କ୍ରେଡାଇର ଓଡ଼ିଶା ୟୁନିଟ୍(କ୍ରେଡାଇ ଭୁବନେଶ୍ୱର)ର ବାର୍ଷିକ ସାଧାରଣ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏପରିକି କ୍ରେଡାଇ ଭୁବନେଶ୍ୱର ସିଟି ଚାପ୍ଟରର ସଭାପତି ସୋଫିଆ ଫିରଦୋଷଙ୍କ ଅଧ୍ୟକ୍ଷତାରେ ସଭା ପରିଚାଳିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ୟୁସିସିଆଇର ସଭାପତି ଡ. ବ୍ରହ୍ମା ମିଶ୍ର ବିଶେଷ ଅତିଥି ଭାବେ ଯୋଗ ଦେଇଥିବାବେଳେ କ୍ରେଡାଇ ଭୁବନେଶ୍ୱରର ସମ୍ପାଦକ ଜଗତ କର ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ସଭାର ଆଭିମୁଖ୍ୟ ଓ ନୂଆକରି ଗଠିତ ହୋଇଥିବା ମ୍ୟାନେଜମେଣ୍ଟ ବଡିର ପ୍ରଥମ ବୈଠକ ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ଆଗାମୀ ଦିନରେ ଭିତ୍ତିଭୂମି ଓ ବାସଗୃହ ନିର୍ମାଣ କ୍ଷେତ୍ରରେ ନୂଆ ଟେକ୍ନୋଲୋଜିର ବ୍ୟବହାର ଉପରେ ବିଶେଷ ଧ୍ୟାନ ଦିଆଯିବ ବୋଲି କର ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ କ୍ରେଡାଇ ଭୁବନେଶ୍ୱର ଶାଖାକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମିଶ୍ର ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ନିକଟରେ ଚାପ୍ଟର ସହ ୫ ନୂଆ ସଦସ୍ୟ ଯୋଡି ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅନେକ ସଦସ୍ୟ ( ବିଲ୍ଡର ଏବଂ ଡେଭଲପର) ଚାପ୍ଟର ସହ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଫିରଦୋଷ ମତପ୍ରକାଶ କରିଛନ୍ତି। ଉକ୍ତ ବୈଠକରେ କ୍ରେଡାଇ ଭୁବନେଶ୍ୱରର ପ୍ରତିଷ୍ଠାତା ସଦସ୍ୟ ଦେଓ୍ୱା ଶଙ୍କର ତ୍ରିପାଠୀ ଏବଂ ବିନୟ କ୍ରିଷ୍ଣା ଦାସଙ୍କ ସମେତ ଚେୟାରମ୍ୟାନ ସଂଗ୍ରାମ କେଶରୀ ସାହୁ, ଉପସଭାପତି ସୌମ୍ୟଜିତ ମହାନ୍ତି ଏବଂ ବବଲି ସତ୍ୟନାରାୟଣ, ଯୁଗ୍ମ ସମ୍ପାଦକ ମନମୋହନ ଅଗ୍ରୱାଲ ଏବଂ ଜ୍ୟୋତିରଞ୍ଜନ ବେହୁରିଆ, କୋଷାଧ୍ୟକ୍ଷ ଅଶୋକ ପାତ୍ର ଏବଂ ରୋନାକ ଡଗର, କମଳ ଲୋଚନ ପାତ୍ର, ସେକ୍ ମୈରାଜିଉଲ ହକ୍‌ଙ୍କ ଭଳି କାର୍ଯ୍ୟନିର୍ବାହୀ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ। ପରିଶେଷରେ ବିନୟ କ୍ରିଷ୍ଣା ଦାସ ଧନ୍ୟବାଦ ଦେଇଥିଲେ।

# ବିଓଆଇର ହିନ୍ଦୀ ମାସ ସମାରୋହ

**ଭୁବନେଶ୍ୱର,୧୭।୯**

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ହିନ୍ଦୀ ମାସ ସମାରୋହ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କ ପକ୍ଷରୁ ସମାଚାର ପାଠ, ଇ-ମେଲ୍ ପ୍ରତିଯୋଗିତା, ହିନ୍ଦୀରେ ସର୍ବାଧିକ କାମକାର୍ଯ୍ୟ, ପ୍ରବନ୍ଧ, ଓଡ଼ିଆ-ହିନ୍ଦୀ ସଙ୍ଗୀତ ପ୍ରତିଯୋଗିତା ଏବଂ ସ୍ଲୋଗାନ୍ ପ୍ରତିଯୋଗିତା ଆଦିର ଆୟୋଜନ କରାଯାଇଥିଲା। ଏପରିକି ହିନ୍ଦୀ ଭାଷାରେ କାର୍ଯ୍ୟ କରିବା ନିମନ୍ତେ ଏକ ଶପଥ ଗ୍ରହଣ ସମାରୋହର ମଧ୍ୟ ଆୟୋଜନ କରାଯାଇଥିଲା। ଏଥିସହିତ ହିନ୍ଦୀ ଦିବସ ବାର୍ତ୍ତା ପଠନ କରାଯାଇଥିଲା। ଏହି ଅବସରରେ ମାସ ସାରା ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ସେହିଭଳି ବିଓଆଇ ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା, ସତର୍କତା ବିଭାଗର ସହାୟକ ମହାପ୍ରବନ୍ଧକ ନୀରଜ କୁମାର ଏବଂ ସୁରକ୍ଷା ବିଭାଗର ମୁଖ୍ୟ ପ୍ରବନ୍ଧକ ବେଦ ପ୍ରକାଶ ଓଝାଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ହିନ୍ଦୀ ଆମର ରାଷ୍ଟ୍ର ଭାଷା ଏବଂ ଆମକୁ ଅଧିକରୁ ଅଧିକ କାର୍ଯ୍ୟ ହିନ୍ଦୀରେ କରିବା ଉଚିତ ବୋଲି ଉପ-ଆଞ୍ଚଳିକ ପ୍ରବନ୍ଧକ ଜେନା ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ କାର୍ଯ୍ୟାଳୟ, ଆର୍‌ବିସି, ଏସ୍‌ଏମ୍‌ଇ ଏବଂ ସ୍ଥାନୀୟ ଶାଖାର କର୍ମଚାରୀମାନେ ଉପସ୍ଥିତ ଥିଲେ। ପରିଶେଷରେ ରାଜଭାଷାର ବରିଷ୍ଠ ପ୍ରବନ୍ଧକ ସୋନିଆ ସାଓ୍ୱନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ଫୁର୍‌ସତ୍**

# ମଣିଷ ସଭ୍ୟତା ସହ ବାଉଁଶର ଯାତ୍ରା

## ବିଶ୍ୱ ବାଉଁଶ ଦିବସ



ମଣିଷ ସଭ୍ୟତା ଆରମ୍ଭରୁ ବାଉଁଶର ଯାତ୍ରା ଆରମ୍ଭ ହୋଇଛି। ଯେବେଠୁଁ ମଣିଷ ସ୍ଥାୟୀ ଭାବେ ଘର କରି ରହିବା ଆରମ୍ଭ କଲା, ସେବେଠାରୁ ବାଉଁଶ ଆବଶ୍ୟକ ସାମଗ୍ରୀ ମଧ୍ୟରେ ସାମିଲ ହୋଇ ଯାଇଥିଲା। ଶିକାର କରିବାରେ ବାଉଁଶ ଧନୁତୀର ସହିତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ହୋଇଥିଲା, ଯାହାକି ମନୁଷ୍ୟର ଖାଦ୍ୟ ଆବଶ୍ୟକତା ମେଣ୍ଟାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭେଳା ତିଆରି କରି ନଦୀ ପାର କରିବାରେ ବାଉଁଶର ବ୍ୟବହାର ମଧ୍ୟ କରାଯାଉଥିଲା। ସେହିପରି ବାସସ୍ଥାନ ନିର୍ମାଣର ବହୁ କ୍ଷେତ୍ରରେ ବାଉଁଶକୁ ବ୍ୟବହାର କରିବା ଆରମ୍ଭ ହୋଇଥିଲା। ଏବେ ବି ଗାଁ ଗଣ୍ଡାରେ ନଡ଼ାଛପର ଘରେ ବାଉଁଶର ଉପଯୋଗ କରାଯାଉଛି। ବାଉଁଶ ବିନା ନଡ଼ାଛପର ଘର ତିଆରି କରିବା ସମ୍ଭବ ନୁହେଁ। ସେହିପରି ବନ୍ୟାରେ ନଦୀବନ୍ଧରେ ଅତଡ଼ା ଖସିଲେ ବାଉଁଶ ବାଡ଼ରେ ବାଲିବସ୍ତା ପକାଇ ଏହାକୁ ରୋକାଯାଏ। ବାଉଁଶ ଖାଦ୍ୟ, ବାସଗୃହ, ସୁରକ୍ଷା ପ୍ରଦାନ କରିବା ସହିତ ଏକ ଅର୍ଥକରୀ ଗଛର ଭୂମିକା ଗ୍ରହଣରେ ଅତୁଳନୀୟ ସାବ୍ୟସ୍ତ ହୋଇପାରିଛି। ପ୍ରାଚୀନ କାଳରୁ ଆରମ୍ଭ କରି ଏପର୍ଯ୍ୟନ୍ତ ବାଉଁଶ ମଣିଷର ଅତି ଆପଣାର ହୋଇ ରହିଛି। ତେଣୁ ବାଉଁଶ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୱାଲର୍ଡ ବାମ୍ବୋ ଅର୍ଗାନାଇଜେଶନ ଗଠନ କରାଯାଇଥିଲା। ଏହାର ସଂରକ୍ଷଣ ଲାଗି ୨୦୦୯ ବ୍ୟାଙ୍କକର ୮ମ ୱାଲର୍ଡ ବାମ୍ବୋ ସମ୍ମିଳନୀରେ ସେପ୍ଟେମ୍ବର ୧୮କୁ 'ବିଶ୍ୱ ବାଉଁଶ ଦିବସ' ଭାବେ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ପରିବେଶ ବିଜ୍ଞାନୀଙ୍କ ମତାନୁସାରେ, ବାଉଁଶରୁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରାଗଲେ ପ୍ରଦୂଷଣ ମାତ୍ରା ହ୍ରାସ ପାଇପାରିବ। ଏହା ସହିତ ବାଉଁଶ ଦ୍ୱାରା ଭାରତ ଭଳି ଦେଶର ଆର୍ଥିକ ବିକାଶ ମଧ୍ୟ ସମ୍ଭବ ହୋଇପାରିବ।

ଏହି ଦିବସ ପାଳନ ଅବସରରେ ବାଉଁଶ ଚାଷକୁ ପ୍ରୋତ୍ସାହିତ କରାଯିବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ବାଉଁଶର ଆସବାବପତ୍ର, ଖାଦ୍ୟ, ଜୈବ ଇନ୍ଧନ, କପଡା ଆଦି ଅନେକ ବ୍ୟବହାର ରହିଛି। ତେଣୁ, ଆବଶ୍ୟକତା ବଜାୟ ରଖିବା ପାଇଁ ଏହାର ଚାଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତିବର୍ଷ ବିଶ୍ୱ ବାଉଁଶ ଦିବସ ଏକ ନିର୍ଦ୍ଦିଷ୍ଟ ବାର୍ତ୍ତା ବହନ କରିଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ହେଉଛି 'ପରିବେଶ ସଂରକ୍ଷଣ ପାଇଁ ଏକ ଆହ୍ୱାନ ମୂଳକ ପଦକ୍ଷେପ(ଏ କଲ ଟୁ ଆକ୍ସନ ଫର ଏନଭାର୍ନମେଣ୍ଟାଲ ପ୍ରିଜରଭେଶନ) ।

# ଦୀପିକାଙ୍କୁ ମା' ଚରିତ୍ର ପାଇଁ ରାଜି କରାଇଥିଲେ ଶାହରୁଖ

**ମୁମ୍ବାଇ**



ନିକଟରେ ଶାହରୁଖ୍‌ଙ୍କ ଫିଲ୍ମ 'ଜୱାନ' ରିଲିଜ୍ ହୋଇଥିବାବେଳେ ଦର୍ଶକ ଏହାକୁ ବହୁତ ଭଲପାଇବା ଦେଉଛନ୍ତି। ଶାହରୁଖ୍‌ଙ୍କ ଫିଲ୍ମରେ ଅଭିନେତ୍ରୀ ଦୀପିକା ମା' ଭୂମିକାରେ କିଛି ସମୟ ପାଇଁ ନଜରକୁ ଆସିଥିଲେ, ହେଲେ ସେ ତାଙ୍କ ଅଭିନୟରେ ଦର୍ଶକଙ୍କ ହୃଦୟ ଜିତିପାରିଛନ୍ତି। ଏହା ଦୀପିକାଙ୍କ ମା' ଭୂମିକାର ପ୍ରଥମ ସିନେମା। ଦୀପିକାଙ୍କୁ ମା' ଭୂମିକା ପାଇଁ ଶାହରୁଖ ରାଜି କରାଇଥିଲେ। ତେବେ ଦୀପିକାଙ୍କୁ ଶାହରୁଖ କିପରି ମନାଇଥିଲେ ତାହା ବେଶ୍ ମଜାଳିଆ ଥିଲା। ଶାହରୁଖ କହିଛନ୍ତି, ଦୀପିକା ତାଙ୍କ ହୃଦୟର ଅତି ନିକଟତର। ନିର୍ଦ୍ଦେଶକ ଅଟଲି କୁମାର ତାଙ୍କୁ ଯେତେବେଳେ କହିଥିଲେ ଦୀପିକାଙ୍କୁ କ୍ୟାମିଓ ପାଇଁ କାଷ୍ଟ କରିବାକୁ ଚାହୁଁଛନ୍ତି ଏବଂ ଏଥିପାଇଁ ସେ ଦୀପିକାଙ୍କୁ ମନାନ୍ତୁ। ଶାହରୁଖ ଏହା ଶୁଣି ଦ୍ୱନ୍ଦ୍ୱରେ ପଡ଼ିଥିଲେ। ସେ ସେଟ୍‌ରେ ତାଙ୍କ ମ୍ୟାନେଜରଙ୍କ ଜରିଆରେ ଦୀପିକାଙ୍କୁ ତାଙ୍କ ପରବର୍ତ୍ତୀ ଫିଲ୍ମ ମା' ହେବାକୁ ଚାହୁଁଛନ୍ତି କି ? ଏହା ଶୁଣି ଦୀପିକା କହିଥିଲେ, 'ଯେତେବେଳେ ଶାହରୁଖ କହିଛନ୍ତି ମୁଁ ମା' ରୋଲରେ ପର୍ଫେକ୍ଟ, ତାହାହେଲେ ମୁଁ ପ୍ରସ୍ତୁତ'। ଶାହାରୁଖ ତାଙ୍କ ମ୍ୟାନେଜରଙ୍କଠାରୁ ଏହା ଶୁଣି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏଥିସହ ନିର୍ଦ୍ଦେଶକ ଅଟଲିଙ୍କୁ ଦୀପିକା କହିଛନ୍ତି, ସେ ଫିଲ୍ମରେ କେତେ ସମୟ ରହୁଛନ୍ତି, ତାହା ଜରୁରୀ ନୁହେଁ ବରଂ ବଡ଼ କଥା ହେଉଛି ତାଙ୍କ ଅଭିନୟ। ଏହା ପୂର୍ବରୁ ଦୀପିକାଙ୍କୁ ଶାହରୁଖ୍‌ଙ୍କ ସହିତ ଫିଲ୍ମ 'ପଠାନ'ରେ ଦେଖିବାକୁ ମିଳିଥିଲା।

# ଲମ୍ବା ଚୁଟି ରଖିଥିବା ଟିନ୍ ଏଜର





**ଲକ୍ଷ୍ନୌ**

ନିକଟରେ ଜଣେ ୧୫ ବର୍ଷୀୟ ଏପରି କିଛି କରିଛନ୍ତି, ଯାହା ଅନ୍ୟ କେହି ଏହି ବୟସରେ କରିପାରିବେନି। ଉତ୍ତର ପ୍ରଦେଶର ସିକନ୍ଦର ସିଂ ଚହଲ ଗିନିଜ୍ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାମ ଲେଖାଇଛନ୍ତି। ସେ କନିଷ୍ଠ ବର୍ଗରେ ସବୁଠୁ ଲମ୍ବା ଚୁଟି ରଖିଥିବା ନେଇ ରେକର୍ଡ କରିଛନ୍ତି। ସେ କେବେ ନିଜ ଚୁଟି କାଟିନାହାନ୍ତି। ଏବେ ତାଙ୍କର ଉଚ୍ଚତା ୪ ଫୁଟ ଥିବାବେଳେ ତାଙ୍କ ଚୁଟିର ଲମ୍ବ ୯.୫ ଫୁଟ। ସେ ତାଙ୍କ ଚୁଟିକୁ ସପ୍ତାହରେ ୨ ଥର ଧୁଅନ୍ତି। ଏଥିସହ ଚୁଟି ଶୁଖାଇବା ଓ କୁଣ୍ଡାଇବାରେ ତାଙ୍କର ବହୁତ ସମୟ ମଧ୍ୟ ଯାଏ। ସିକନ୍ଦରଙ୍କ କହିବା ମୁତାବକ, ଏଥିରେ ତାଙ୍କ ମା' ଯଦି ସାହାଯ୍ୟ ନ କରନ୍ତି, ତେବେ ଏହି ଚୁଟି ପଛରେ ତାଙ୍କର ପୁରା ଦିନ ପଳାଏ। ଗିନିଜ୍ ୱାର୍ଲ୍ଡ ରେକର୍ଡ ମୁତାବକ, ସିକନ୍ଦର ଶିଖ୍ ପରିବାରରୁ ଆସିଥିବାବେଳେ ସେ ସବୁ ସମୟରେ ତାଙ୍କ ଚୁଟି ବାନ୍ଧିକରି ଏହା ଉପରେ ପଗଡ଼ି ବାନ୍ଧନ୍ତି। ସିକନ୍ଦର ଯେତେବେଳେ ତାଙ୍କର ସମ୍ପର୍କୀୟଙ୍କୁ ଏହି କଥା କହିଥିଲେ, ସେମାନେ ଏଥିରେ ବିଶ୍ୱାସ କରି ନ ଥିଲେ। ସେଥିପାଇଁ ସେମାନଙ୍କୁ ପ୍ରମାଣ ସ୍ୱରୂପ ତାଙ୍କର ଚୁଟି ଖୋଲି ଦେଖାଇବାକୁ ପଡ଼ିଥିଲା। ଛୋଟବେଳେ ସେ ଚୁଟି ଶୁଖାଇବା ବେଳେ ତାଙ୍କ ସାଙ୍ଗମାନେ ତାଙ୍କୁ ପରିହାସ କରୁଥିଲେ। ସେତେବେଳେ ସେ ତାଙ୍କର ଏହି ଚୁଟିକୁ ବଡ଼ ହେଲେ କାଟିବେ ବୋଲି ଭାବିଥିଲେ। ହେଲେ ଏବେ ସେ ତାଙ୍କର ଚୁଟିକୁ ତାଙ୍କ ପରିଚୟ ଭାବେ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

# ପାକ୍‌ରୁ ପ୍ରଥମ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗୀ



**ଇସଲାମାବାଦ୍**

ଦେଶର ଇତିହାସରେ ପ୍ରଥମ ଥର କରି ପାକିସ୍ତାନକୁ ମିସ୍ ୟୁନିଭର୍ସ ପ୍ରତିଯୋଗୀ ମିଳିଛି। ଏଥିପାଇଁ ପାକିସ୍ତାନ ପକ୍ଷରୁ ଗୁରୁବାର ମାଲଦ୍ୱୀପରେ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗୀ ବାଛିବାକୁ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ସେଥିରେ କରାଚିର ମଡେଲ ୨୪ ବର୍ଷୀୟା ଏରିକା ରବିନ୍‌ଙ୍କୁ ପାକିସ୍ତାନର ପ୍ରଥମ ମିସ୍ ୟୁନିଭର୍ସ ପ୍ରତିଯୋଗୀ ଭାବେ ମୁକୁଟ ପିନ୍ଧାଯାଇଛି। ମିସ୍ ୟୁନିଭର୍ସ ପିଜାଣ୍ଟ ପାଇଁ ୨୪ ବର୍ଷୀୟା ହୀରା ଇନାମ, ୨୮ ବର୍ଷୀୟା ଜେସିକା ବିଲସନ୍, ୧୯ ବର୍ଷୀୟା ମଲିକା ଅଲ୍ଭୀ ଏବଂ ୨୬ ବର୍ଷୀୟା ସବରିନା ୱାସିମ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଚଳିତବର୍ଷ ନଭେମ୍ବରରେ ଅଲ୍ ସାଲ୍‌ଭାଡୋରରେ ହେବାକୁ ଥିବା ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ପାକିସ୍ତାନ ପକ୍ଷରୁ ସେ ପ୍ରତିଦ୍ୱନ୍ଦ୍ୱିତା କରିବେ। ତେବେ ଏଥିରେ ଖୁସି ନ ହୋଇ ପାକିସ୍ତାନ ସରକାରଙ୍କଠାରୁ ଆରମ୍ଭ କରି ସେଠାକାର ଇଣ୍ଟେଲିଜେନ୍ସ ଏଜେନ୍ସି ଏହା ଯାଞ୍ଚରେ ଲାଗିଛନ୍ତି ଯେ ଏହା କିପରି ସମ୍ଭବ ହେଲା। ରିପୋର୍ଟ ମୁତାବକ, ଗୁରୁବାର ହୋଇଥିବା ଏହି ପ୍ରତିଯୋଗିତା ପାଇଁ ସରକାରଙ୍କ ପରାମର୍ଶ ନିଆଯାଇ ନ ଥିଲା। ସେଠାକାର କାମଚଳା ପ୍ରଧାନମନ୍ତ୍ରୀ ଅନୱାର ଉଲ୍ ହକ୍ କାକଡ ପାକିସ୍ତାନର ବିଦେଶ ବିଭାଗକୁ ଏହାର ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପାକିସ୍ତାନ ସରକାରଙ୍କ ବିନା ଅନୁମତିରେ ସଂଯୁକ୍ତ ଆରବ ଏମିରେଟ୍ସ ଏହାକୁ କିପରି ଆୟୋଜନ କରିଥିଲା, ତାହା ଉପରେ ଆଲୋଚନା ପାଇଁ କହିଛି। ଯାଞ୍ଚ ନିର୍ଦ୍ଦେଶ ପରେ ପାକିସ୍ତାନର କିଛି ଏମ୍‌ପି, ଧାର୍ମିକ ନେତା ଏହାକୁ ନିନ୍ଦା କରିଛନ୍ତି। ଇଣ୍ଟେଲିଜେନ୍ସ ବ୍ୟୁରୋ ପ୍ରଧାନମନ୍ତ୍ରୀ କାକଡଙ୍କୁ ଏହାର ପ୍ରତ୍ୟୁତ୍ତରରେ କହିଛି, ପାକିସ୍ତାନକୁ ପ୍ରଦର୍ଶନୀ କରିବା ପାଇଁ ଲାଇସେନ୍ସ ଦୁବାଇର ଏକ କମ୍ପାନୀ ହାସଲ କରିଛି। ମିସ୍ ୟୁନିଭର୍ସ ୱେବ୍‌ସାଇଟ୍ ମୁତାବକ, କୌଣସି ବେସରକାରୀ କମ୍ପାନୀ ମିସ୍ ୟୁନିଭର୍ସ ପାଇଁ ପ୍ରତିଯୋଗୀଙ୍କ ନାମ ପଠାଇ ପାରିବ। ଏଥିପାଇଁ କୌଣସି ଦେଶର ସରକାରଙ୍କ ଅନୁମତି ଆବଶ୍ୟକ ନ ଥାଏ। ଏଥିରେ ଅନ୍ୟ ଜଣେ ମନ୍ତ୍ରୀ ମୁର୍ତଜା ଅଲି ସୋଲାଙ୍ଗୀ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ଲେଖିଛନ୍ତି, ପାକିସ୍ତାନ ଏବଂ ଏଠାକାର ସରକାରକୁ କେବଳ ଏଠାକାର ସରକାରୀ ସଂସ୍ଥା ହିଁ ପ୍ରତିନିଧିତ୍ୱ କରିପାରିବ। ତାଙ୍କ ପକ୍ଷରୁ ଅନ୍ୟ କେହି ବେସରକାରୀ ସଂସ୍ଥା ନିଷ୍ପତ୍ତି ନେଇପାରିବେନି। ତେବେ ୧୯୯୯ ସେପ୍ଟେମ୍ବର ୧୪ରେ ଏରିକା ଏକ ଖ୍ରୀଷ୍ଟିଆନ ପରିବାରରେ ଜନ୍ମ ହୋଇଥିଲେ। ସେ ୨୦୨୦ରେ ତାଙ୍କର ପ୍ରଫେଶନାଲ ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ତାଙ୍କୁ ସେହିବର୍ଷ ଜୁଲାଇରେ ପାକିସ୍ତାନର ଡିଭା ମାଗାଜିନ୍‌ରେ ଦେଖିବାକୁ ମିଳିଥିଲା। ସେ ପାକିସ୍ତାନର ଅନେକ ବ୍ୟୁଟି ବ୍ରାଣ୍ଡର ଅଂଶ ରହିଆସିଛନ୍ତି।

# ସିଡବ୍ଲ୍ୟୁସି ବୈଠକରେ ଯୋଗଦେଲେ ଓଡ଼ିଶାର ୨ ନେତା

ଭୁବନେଶ୍ୱର, ୧୭।୯ (ସୁଜିତ୍ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ହାଇଦ୍ରାବାଦଠାରେ ସିଡବ୍ଲ୍ୟୁସି (କଂଗ୍ରେସ ୱର୍କିଂ କମିଟି) ବୈଠକ ଚାଲିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଧ୍ୟକ୍ଷତାରେ ଚାଲିଥିବା ଏହି ବୈଠକରେ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ବାବଦରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ। ଦଳ ଆସନ୍ତା ନିର୍ବାଚନ କିପରି ଏବଂ କେଉଁ ଆଧାରରେ ମଇଦାନକୁ ଓହ୍ଲାଇବ ସେନେଇ ଏହି ବୈଠକରେ ଶୀର୍ଷ ନେତାଙ୍କ ପକ୍ଷରୁ ଅବଗତ କରାଯାଇଥାଏ ବୋଲି କେତେକ ବରିଷ୍ଠ ନେତାଙ୍କଠାରୁ ଜାଣିବାକୁ ମିଳିଛି। ଏହାସହ ଦଳର ରଣନୀତି, ଆସନ୍ତା ଲୋକ ସଭା ନିର୍ବାଚନ କିଭଳି ଲଢ଼ିବା ଦରକାର ଏହିଭଳି ଅନେକ କଥା ଉପରେ ମଧ୍ୟ ଆଲୋଚନା ହୋଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୩ ବରିଷ୍ଠ ନେତା ଭକ୍ତ ଚରଣ ଦାସ, ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ବିଧାୟକ ଦଳ ନେତା ନରସିଂହ ମିଶ୍ର ଯୋଗଦେବା କଥା। ହେଲେ ମିଳିଥିବା ସୂଚନା ମୁତାବକ, ଭକ୍ତ ଦାସ ଏବଂ ଶରତ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଭକ୍ତ ଦାସ ସିଡବ୍ଲ୍ୟୁସିର ଏକ ଅଫିସୋ ହୋଇଥିବା ବେଳେ ସବୁ ରାଜ୍ୟର ପିସିସି ସଭାପତି ଏବଂ ବିଧାୟକ ଦଳ ନେତାମାନଙ୍କୁ ବୈଠକରେ ଯୋଗଦେବା ଲାଗି ଡକାଯାଇଥିଲା। ଭକ୍ତ ଦାସ ହେଉଛନ୍ତି ସିଡବ୍ଲ୍ୟୁସିର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ। ତେବେ ଗତ ଶନିବାର ସିଡବ୍ଲ୍ୟୁସି ବୈଠକ ହୋଇଥିବା ବେଳେ ରବିବାର ଏକ୍ସଟେଣ୍ଡେଡ ସିଡବ୍ଲ୍ୟୁସି ବୈଠକ ହୋଇଛି।




ହାଇଦ୍ରାବାଦଠାରେ ଅନୁଷ୍ଠିତ କଂଗ୍ରେସ ୱାର୍କିଂ କମିଟି ବୈଠକର ରବିବାର ଦ୍ୱିତୀୟ ଦିନରେ କଂଗ୍ରେସ ସଭାପତି ମଲିକାର୍ଜୁନ ଖାର୍ଗେଙ୍କ ସହ ମଞ୍ଚରେ ଉପସ୍ଥିତ ଦଳର ବରିଷ୍ଠ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ଅନ୍ୟ ନେତୃବୃନ୍ଦ।

# ୩ ଦଳର ଭୋଟରମୁହାଁ କାର୍ଯ୍ୟକ୍ରମ

- ଭାଜପାର ସେବାପକ୍ଷ ଆରମ୍ଭ
- ୨୫ରୁ 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ'
- ଟ୍ରେନିଂ ସହ ନିର୍ବାଚନମଣ୍ଡଳୀସ୍ତରରେ ବିଜେଡି କରିବ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୭।୯ (ସୁଜିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଭୋଟରଙ୍କୁ ନିଜ ସପକ୍ଷରେ ନେବା ଲାଗି ଚଳିତ ମାସରୁ ବିଭିନ୍ନ କାର୍ଯ୍ୟକ୍ରମ ଏକପ୍ରକାର ଆରମ୍ଭ କରିଦେଇଛନ୍ତି। ଭାଜପା ସୋମବାରଠାରୁ ସେବାପକ୍ଷ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଉଥିବାବେଳେ ଆସନ୍ତା ୨୫ରେ ଏହା ଶେଷ ହେବ। ଏହାପରେ ଅନ୍ୟ କାର୍ଯ୍ୟକ୍ରମ କରିବା ନେଇ ଦଳ ପକ୍ଷରୁ ସୂଚନା କରାଯାଇଛି। ସେହିପରି ଆସନ୍ତା ୨୫ରୁ କଂଗ୍ରେସ ନିର୍ବାଚନମଣ୍ଡଳୀ ସ୍ତରରେ କାର୍ଯ୍ୟକ୍ରମ କରି ପୁଣିଥରେ ପୂର୍ବ ସ୍ଥିତିକୁ ଫେରିବାକୁ ପ୍ରୟାସ ଚଳାଇଛି। ଉଭୟ କଂଗ୍ରେସ ଏବଂ ଭାଜପା ଶାସକ ଦଳ ବିରୋଧରେ ଲୋକଙ୍କ ପାଖକୁ ଯିବାକୁ ଯୋଜନା କରିଛନ୍ତି। ଅନୁରୂପ ଭାବେ ବିଜେଡି ମଧ୍ୟ ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରେ କାର୍ଯ୍ୟକ୍ରମ କରିବାକୁ ଯୋଜନା କରୁଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୩ତମ ଜନ୍ମଦିନ ଅବସରରେ ସେ ନୂଆଦିଲ୍ଲୀ ସ୍ଥିତ ଦ୍ୱାରକା ସେକ୍ଟର-୨୧ଠାରେ ଥିବା ନବନିର୍ମିତ 'ଯଶୋଭୂମି'ରୁ 'ବିଶ୍ୱକର୍ମା ଯୋଜନା'ର ଶୁଭାରମ୍ଭ କରିଛନ୍ତି। ପାରମ୍ପରିକ ବୃତ୍ତିକୁ ଆପଣାଇ ଯେଉଁମାନେ ଜୀବିକା ନିର୍ବାହ କରୁଛନ୍ତି ସେମାନଙ୍କ କୌଶଳ ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ 'ବିଶ୍ୱକର୍ମା ଯୋଜନା'ରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହିକ୍ରମରେ ଓଡ଼ିଶାର ୩ଟି ସ୍ଥାନରେ ୩ ଜଣ କେନ୍ଦ୍ରମନ୍ତ୍ରୀ ଯୋଗଦେଇ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରଠାରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ପୁରୀରେ କେନ୍ଦ୍ରମନ୍ତ୍ରୀ ମୁଞ୍ଜାପରା ମହେନ୍ଦ୍ର ଭାଇ, ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଜନ୍ ବାର୍ଲା ପ୍ରମୁଖ ଯୋଗ ଦେଇଛନ୍ତି। ତେବେ ଭାଜପାର ଅନ୍ୟ ନେତାମାନେ ମଧ୍ୟ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଥିବା ଶୁଭାରମ୍ଭ ସ୍ଥାନରେ ସାମିଲ ହୋଇଥିଲେ। ତେବେ ଭାଜପାର ୧୭ରୁ ଆରମ୍ଭ ହୋଇ ଅକ୍ଟୋବର ୨ ପର୍ଯ୍ୟନ୍ତ ସେବାପକ୍ଷ କାର୍ଯ୍ୟକ୍ରମ ଚାଲିବ। ୧୮ରୁ ୨୫ ପର୍ଯ୍ୟନ୍ତ ରକ୍ତଦାନ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ୨୫ରୁ ବୁଥ୍ ସଶକ୍ତୀକରଣ କାର୍ଯ୍ୟକ୍ରମ ଚାଲିବ। ୨୬ ଓ ୨୭ ତାରିଖରେ ଦଳର ଏସ୍‌ସି, ଏସ୍‌ଟି ମୋର୍ଚ୍ଚା ପକ୍ଷରୁ ବସ୍ତି ସମ୍ପର୍କ କାର୍ଯ୍ୟକ୍ରମ, ସେହିପରି ଅକ୍ଟୋବର ୨ରେ ରାଜ୍ୟବ୍ୟାପୀ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିବାକୁ ଯୋଜନା କରିଛି। ଦଳର ଜଣେ ବରିଷ୍ଠ ନେତ୍ରୀ କହିଛନ୍ତି ଯେ, ୨ ତାରିଖ ପରଠାରୁ କ'ଣ କାର୍ଯ୍ୟକ୍ରମ ହେବ ସେନେଇ ଆସନ୍ତା ୨୫ରେ ଦଳ ପକ୍ଷରୁ ସୂଚନା ଦିଆଯିବ। ତେବେ ଭାଜପା ପକ୍ଷରୁ ଏହିପରି ଲୋକଙ୍କ ନିକଟତର ହେବା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି।

କଂଗ୍ରେସ ନିଜ ସଙ୍ଗଠନର ପୂର୍ବ ସ୍ଥିତି ଫେରାଇ ଆଣିବା ଲାଗି ଉଦ୍ୟମ ଚଳାଇଛି। ଦଳ ପକ୍ଷରୁ ଆସନ୍ତା ୨୫ ତାରିଖରୁ ସବୁ ନିର୍ବାଚନମଣ୍ଡଳୀ ସ୍ତରରେ 'ଘରେ ଘରେ କଂଗ୍ରେସ, ଘରେ ଘରେ ହାତ' କାର୍ଯ୍ୟକ୍ରମ କରାଯିବ। ଏହି କାର୍ଯ୍ୟକ୍ରମ ଜରିଆରେ ଦଳ ପଞ୍ଚାୟତସ୍ତରରେ ମଧ୍ୟ ପଦଯାତ୍ରା କରିବାକୁ ଲକ୍ଷ୍ୟ ରଖିଛି। ଏହି ଅବସରରେ କଂଗ୍ରେସ ନେତାମାନେ ଶାସକ ବିଜେଡି ସରକାରର ବିଭିନ୍ନ ବିଫଳତା ସମ୍ପର୍କରେ ଲିଫଲେଟ୍ ପ୍ରସ୍ତୁତ କରି ବାଣ୍ଟିବାକୁ ଯୋଜନା କରିଛି। ଏନେଇ ଶନିବାର ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ସବୁ ଜିଲା ସଭାପତି ଏବଂ ପିସିସି କର୍ମକର୍ତ୍ତାଙ୍କୁ ଚିଠି କରାଯାଇଛି। ଆସନ୍ତା ୨୫ରୁ ଏହି କାର୍ଯ୍ୟକ୍ରମ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଦଳ ପକ୍ଷରୁ ସବୁ ଜିଲା ସଭାପତିଙ୍କୁ ପ୍ରସ୍ତୁତି ବୈଠକ କରି କେଉଁଠାରେ ପଦଯାତ୍ରା କରିବେ ସେନେଇ ଅବଗତ କରିବାକୁ କୁହାଯାଇଛି। ଏହାସହ ଲିଫଲେଟ୍ ପ୍ରସ୍ତୁତ କରିବା ସହିତ ସେଥିରେ ବିଜେଡି ସରକାରର ବିଭିନ୍ନ ଦୁର୍ନୀତି କଥା ଉଲ୍ଲେଖ କରି ବାଣ୍ଟିବାକୁ କୁହାଯାଇଛି। ସେଥିରେ କେଉଁସବୁ ପ୍ରସଙ୍ଗ ରହିବ ସେନେଇ ମଧ୍ୟ ବିସ୍ତୃତ ଭାବେ ଅବଗତ କରାଯାଇଛି।

ବିଜେଡି ମଧ୍ୟ ଏଥର ରାଜ୍ୟରେ ଷଷ୍ଠ ଥର ଲାଗି ଶାସନ କ୍ଷମତାକୁ ଆସିବା ପାଇଁ ସବୁ ପ୍ରକାର ଉଦ୍ୟମ ଜାରି ରଖିଛି। ଦଳ ତା'ର ଆଭ୍ୟନ୍ତରୀଣ ସର୍ଭେ କରିବାଠାରୁ ଆରମ୍ଭକରି ଗତ ସପ୍ତାହରୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରୁ କର୍ମକର୍ତ୍ତାମାନଙ୍କୁ ଶଙ୍ଖ ଭବନରେ ଟ୍ରେନିଂ କାର୍ଯ୍ୟକ୍ରମ ଚଳାଇଛି। ନିର୍ବାଚନରେ ଜିତିବାର ସମ୍ଭାବନା ଅଧିକ ଥିବା ପ୍ରାର୍ଥୀ ଚୟନ କରିବା କାର୍ଯ୍ୟକ୍ରମ ଆଭ୍ୟନ୍ତରୀଣ ଭାବେ ଜାରି ରଖିଛି। ଗାନ୍ଧୀ ଜୟନ୍ତୀରୁ ଦଳ ପ୍ରତ୍ୟେକ ଲୋକ ସଭା ଏବଂ ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରରେ କାର୍ଯ୍ୟକ୍ରମ କରି ଲୋକଙ୍କୁ ନିଜ ସପକ୍ଷରେ ବାନ୍ଧି ରଖିବାକୁ ଯୋଜନା କରିଥିବା ଜଣାପଡ଼ିଛି।

## ୧୪ ଖବରଦାତାଙ୍କୁ ଇଣ୍ଡିଆ ବ୍ଲକ୍ କାର୍ଯ୍ୟକ୍ରମରୁ ବାଦ୍‌ଦେବା ଠିକ୍ ନୁହେଁ: ନୀତୀଶ



ନୀତୀଶ କୁମାର

ପାଟନା, ୧୭।୯

ବିରୋଧୀ ମେଣ୍ଟ ଇଣ୍ଡିଆ ବ୍ଲକ୍ ଏହାର କାର୍ଯ୍ୟକ୍ରମଗୁଡ଼ିକର ଖବର ସଂଗ୍ରହରୁ ୧୪ ଜଣ ଖବରଦାତା ଓ ଖବର ଉପସ୍ଥାପକଙ୍କୁ ବାଦ୍ ଦେବାକୁ ନିଷ୍ପତ୍ତି ନେଇଥିବାରୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାକୁ ନାପସନ୍ଦ କରିଛନ୍ତି। ସେ କୌଣସି ଖବରଦାତାଙ୍କ ବିରୋଧୀ ନୁହନ୍ତି ଏବଂ ସେମାନଙ୍କୁ ବାସନ୍ଦ କରିବା ଭୁଲ୍ ବୋଲି ନୀତୀଶ କହିଛନ୍ତି। ଖବରଦାତାମାନଙ୍କୁ ଯେତେବେଳେ ପୂର୍ଣ୍ଣ ସ୍ୱାଧୀନତା ମିଳିବ, ଯାହା ଉପଯୁକ୍ତ ତାହା ସେମାନେ ଛାପିବେ। ସାମ୍ବାଦିକମାନଙ୍କୁ ନିୟନ୍ତ୍ରଣରେ ରଖାଯାଇପାରିବ ନାହିଁ। ଯେଉଁମାନେ କେତେଜଣଙ୍କ ନିୟନ୍ତ୍ରଣରେ ରହିଛନ୍ତି, ସେମାନେ ସାମ୍ବାଦିକତାରେ କୌଣସି ପ୍ରକାର ଭୁଲ୍ କରିଥାନ୍ତି। ସେ ସବୁବେଳେ ଗଣମାଧ୍ୟମର ଲୋକଙ୍କୁ ସମ୍ମାନ ଦିଅନ୍ତି ବୋଲି ଜେଡିୟୁ ମୁଖ୍ୟ କହିଛନ୍ତି।


**Government of Odisha**
**PANCHAYAT SAMITI OFFICE, AMBABHONA, DIST.: BARGARH**
Memo No. 2120 Dt.16.09.2023
**1st Corrigendum to Bid Identification No. 01/2023-24**
No. i-384: The following changes has been made to the Tender Call Notice (Online) No. 01 of 2023-24:
The Class of Contractor for Serial No. 1 to 4 of Tender Call Notice (Online) No. 01/2023-24 may be read as "B" Class instead of "B & C" Class, as per OM No. 12586/W, Dated: 9th September 2022 of Govt. in Works Department, Odisha.
In case, any bidder of "C" Class category has submitted tender for the above serial Nos., they are requested to withdraw their bid within the bidding period for early refund of tender cost and bid security.
All other terms & condition as laid down in the above tender call notice will be remain unchanged.
OIPR-19384/11/0002/2324 Sd./- Block Development Officer, Ambabhona

**GOVERNMENT OF ODISHA** No. O-1068
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, SUNDARGARH**
At/P.O.: Sankara, Sundargarh - 770020, E-mail address: serw_sundargarh@yahoo.com
No. Tender Online - RWCCESNG-32 of 2023-24 Letter No. 2665 Dtd.15.09.2023
**e-Procurement NOTICE**
1. Type of the Work : Road (SACI)
2. Class of Contractor : As specified in the Column - 6 of the Annexure
3. Time of Completion : As specified in the Column - 5 of the Annexure
4. Detail Projects : As per Annexure attached
5. Estimated Cost : As specified in the Column - 4 of the Annexure
6. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 32 of 2023-24 | 25.09.2023 11.00 A.M. | 05.10.2023 5.00 P.M. | 04.10.2023 5.00 P.M. | 06.10.2023 11.00 A.M. | Will be intimated separately |

Further details can be seen from the website **www.tendersodisha.gov.in**.
OIPR-25133/11/0043/2324 Sd./- Chief Construction Engineer, Rural Works Circle, Sundargarh

**OFFICE OF THE COLLECTOR & DISTRICT MAGISTRATE, BOUDH**
(ST & SC Development Section)
Email Id. dwobdh@gmail.com
No.1613/ Date 07.09.2023
**ADVERTISEMENT**
No.V-47:- Applications are hereby invited from the eligible candidates and Retired Teachers for the following posts for engagement as Guest Teacher on purely temporary basis with Honorarium maximum upto Rs.12,000/- for Elementary Level & upto Rs.16,000/- for Secondary Level in a month in different SSD Schools of Boudh district.

| S. N. | Name of the post | Number of vacancy | Eligibility |
|---|---|---|---|
| 1 | MCT | 25 | Matriculation / +2 Arts / Science with minimum 50% Marks in aggregate with C.T. |
| 2 | TGT Science (CBZ) | 02 | B.Sc. with minimum 50% Marks in aggregate with B.Ed. |
| 3 | TGT Science (PCM) | 01 | B.Sc. with minimum 50% Marks in aggregate with B.Ed. |

Interested candidates are required to apply on the application form (**in Annexure-I**) along with a set of Self attested copies of Academic Qualification Certificates with mark sheets, Experience Certificates (if any) to the District Welfare Officer, Boudh by **Speed Post / Registered Post only on or before 26.09.2023**. The application received after the due date will not be entertained. The applicant should superscribe on the top of the Envelope as **"APPLICATION FOR THE POST AS ABOVE FOR GUEST TEACHER"**. The details available in District website i.e. www.boudh.nic.in.
After scrutiny of the Certificates, the eligible candidates will be informed to attend the walk-in-interview to be taken up by a selection committee of Experts comprising of DWO, CI of Schools, DI of Schools, HM of the School and a subject Teacher through District website i.e. www.boudh.nic.in to attend the interview.
OIPR-24377/11/0001/2324 Sd./- District Welfare Officer, Boudh

**NOTICE INVITING TENDER**
**OFFICE OF CHIEF CSO/CSO-cum-DISTRICT MANAGERS**
**ODISHA STATE CIVIL SUPPLIES CORPORATION LTD., DISTRICT: SUBARNAPUR**
**Tender No. for**
1. Sonepur Block & Municipality - 2199/14.09.2023
2. Binka Block/NAC - 2200/14.09.2023
3. Birmaharajpur Block - 2201/14.09.2023
4. Dunguripali Block - 2202/14.09.2023
5. Tarva Block/NAC - 2203/14.09.2023
6. Ullunda Block - 2204/14.09.2023

Cost of Tender Document: Rs.1000/- Inclusive of GST for each UNIT.
No. CAD-2115: Online tenders are invited from eligible bidders for selection and finalization of appointment of Transport Contractors for transportation of paddy from Paddy Purchase Center (PPC) to Rice Mills within Subarnapur District or Outside the District within the State of Odisha for the KMS 2023-24(Kharif + Rabi).

| | | |
|---|---|---|
| 1 | Availability of Tender Documents (Downloadable from website: **https://gem.gov.in**) | From Date: 18.09.2023 |
| 2 | Date, time and venue for Pre-bid conference of tenders | 25.09.2023 at 11 A.M. in the Conference Hall of Collectorate, Subarnapur |
| 3 | Last date and time for online submission of completed tender documents with enclosures. | 03.10.2023 upto 5 P.M. |
| 4 | Date, time and venue for opening of Technical Bid by the Tender Committee | 04.10.2023 at 11 A.M. in the Conference Hall of Collectorate, Subarnapur |
| 5 | Date and time of submission of original documents in by the tenders in support of scanned copies upload in the portal for verification by district office | 05.10.2023 at 11 A.M. in the Conference Hall of Collectorate, Subarnapur |
| 6 | Date & time of Financial Bids opening by the tender committee (Only of technically qualified bidders) | To be announced after Technical Bid Evaluation |

**N.B.:** 1. If the office happens to be closed on the date of opening of tenders, tenders will be opened on the next working day in the same time.
**By Order of Collector**
OIPR-07030/11/0006/2324 Sd./- Chief CSO-cum-District Manager, OSCSC Ltd., Subarnapur

**INDIRA GANDHI INSTITUTE OF TECHNOLOGY**
SARANG, DHENKANAL (ODISHA) - 759 146
(An Autonomous Institute of Govt. of Odisha)
No.IGIT/CSEA/598 Date: 13.09.2023
**TENDER NOTICE** No.KK-221
Sealed tenders are invited from eligible reputed OEM (Original Equipment Manufacturer) / Authorized Distributor /Dealer/ Retailer for **SMART BOARD AND CAMERA FOR NEW DIGITAL LOGIC DESIGN AND MICROPROCESSOR LABORATORY for Department of CSEA, IGIT, Sarang (Biju Patnaik Academic Block)**. Interested bidders may apply in the prescribed tender format which is available on the Institute website www.igitsarang.ac.in from 15/09/2023 along with nonrefundable fees of Rs 500.00(Rupees Five hundred only) in shape of account payee demand draft in favour of " PRINCIPAL, INDIRA GANDHI INSTITUTE OF TECHNOLOGY,SARANG" payable at SBI, IGIT, Sarang.
**Last date of receipt of the Tender document: (Technical & financial Bid) is 18.10.2023 03.00 P.M).**
Sd./- DIRECTOR
OIPR-14091/11/0063/2324

**TDCCOL**
**TRIBAL DEVELOPMENT CO-OPERATIVE CORPORATION OF ORISSA LTD.**
Tel.: 0674-2542475/2542617, Fax: 2544828
Email: admin@tdccorissa.org, Website: www.tdccorissa.org
Notice No. 1495 Dated: 16.09.2023
**DETAIL TENDER CALL NOTICE FOR SUPPLY COFFEE BREWING MACHINES**
No. CAD-2111: Sealed tender(s) are invited from registered dealers/manufacturers/authorized suppliers for supply, installation, testing and commissioning of coffee brewing machines along with accessories on turnkey basis to be supplied and installed at different locations in Odisha. The last date of receipt of the tender is upto 03.10.2023. The detail terms and condition of the tender can be downloaded from the website: **www.tdccorissa.org**.
OIPR-26005/11/0008/2324 Sd./- Managing Director

**NOTIFIED AREA COUNCIL, BHANJANAGAR**
**"e" PROCUREMENT NOTICE**
Tender Reference No. BNJ/EO/1-2023-24
Tender Call Notice No. 2045 Dt.14.09.2023
No. C-1430: Bid documents consisting of plans, specifications, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. **www.tendersorissa.gov.in**.
1. Name of the work : Civil works as mentioned in website
2. No. of Works : 20 Nos.
3. Bid Value : Rs.2.92 Lakhs to Rs.16.95 lakhs
4. Period of Completion : Upto 3 Months
5. Date and time of availability of the bid documents in the portal : 16.09.2023 at 11 A.M. to 5.00 P.M. of Dt.03.10.2023
6. Last date/time for receipt of bids in the portal : 03.10.2023 upto 5.00 P.M.
7. Bids received online shall be opened on : 04.10.2023 at 11 A.M.
8. Name and address of the Officer Inviting Bid : Executive Officer, N.A.C., Bhanjanagar

Further details can be seen from the procurement portal: **www.tendersorissa.gov.in**.
Sd./- Executive Officer, NAC, Bhanjanagar
OIPR-13144/11/0006/2324

**OFFICE OF THE DIVISIONAL FOREST OFFICER, DEOGARH DIVISION**
Phone No. 06641-291002 (Office), Email: dfo.deogarh@odisha.gov.in
Letter No. 178/1F(Acct.) Dated: 15 September, 2023
**1st CORRIGENDUM TO BID IDENTIFICATION NO. DFO (T) 01/2023-24**
No. MM-162: The work construction of Four (04) Nos. of Forest Guard Quarters, one (01) No. Staff Protection Quarter, Two (02) Watch Tower, Two (02) Staff Barrack, Two (02) WHS, Four (04) Waterbody in Deogarh Forest Division invited vide Bid Identification No. DFO(T) 01/2023-04 vide OO No. 177 Dated: 09.09.2023 have been postpond.
The Online Bid documents for the work will be available in the website: **www.tendersodisha.gov.in** from 11.00 A.M. of 22.09.2023 instead of 11.00 A.M. of 15.09.2023. The Bid documents shall be available in the website **www.tendersodisha.gov.in** from 22.09.2023 to 02.10.2023 and the opening of bids shall be at 11.00 A.M. of 03.10.2023.
All the other terms and conditions shall reamin unchanged.
Sd./- Divisional Forest Officer, Deogarh Forest Division
OIPR-08041/11/0006/2324

**BIJU PATNAIK UNIVERSITY OF TECHNOLOGY, ODISHA, ROURKELA**
Date: 15.09.2023
**NOTICE FOR INVITING TENDERS**
No. CAD-2114: Sealed tenders invited from the registered and experience agencies/firms for providing manpower services. Security Service and Development and Maintenance of Lawns and Gardens at BPUT, Rourkela. The interested agencies/firms having valid registration, GST registration and PAN etc may apply in the prescribed tender documents available in the website of the BPUT. For details please visit **www.bput.ac.in**. The last date of receipt of tender through Speed Post by **16.10.2023, 5.00 P.M.** The BPUT authority reserves the right to cancel or reject any tender without assigning any reason thereof.

| Sl. | Tender Notice No. | Name of Tender |
|---|---|---|
| 1. | BPUT/CS&P/100/2023/4741, Dated: 15.09.2023 | Tender for providing Manpower Services - 2023 |
| 2. | BPUT/CS&P/101/2023/4742, Dated: 15.09.2023 | Tender for providing Security Services - 2023 |
| 3. | BPUT/CS&P/99/2023/4743, Dated: 15.09.2023 | Tender for Development and Maintenance of Lawns and Gardens of BPUT |

OIPR-11059/11/0020/2324 Sd./- Registrar

**ODISHA SUB-ORDINATE STAFF SELECTION COMMISSION**
ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ.: ୩ ଏବଂ ୫, ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯
ଦୂରଭାଷ: ୦୬୭୪-୨୫୯୭୧୪୯, ୨୫୯୭୧୫୨ (ଅଫିସ୍)
ୱେବ୍‌ସାଇଟ୍: www.osssc.gov.in
**SHORT ADVERTISEMENT**
No. IIE-30/2023-702(C)/OSSSC Dated: 15.09.2023
**Invitation of Online Applications for Recruitment to the Post of Laboratory Technician - 2023**
No. T-86: Applications are invited online for recruitment to 921 number of District Cadre Group-C Posts of Laboratory Technician - 2023 in various district establishments and 17 Medical College and Hospitals under Health & Family Welfare Department of Government of Odisha. The details of district-wise and category-wise vacancies, scale of pay, age, eligibility and other terms & conditions are mentioned in the detailed advertisement which is available in the web portal of the Commission **www.osssc.gov.in**. Interested candidates are advised to apply online by logging in the OSSSC web portal.

| Important Dates | | |
|---|---|---|
| Event | Start Date | End Date |
| Online Registration/Re-registration | 21.09.2023 | 15.10.2023 |
| Submission of Online Application | 21.09.2023 | 20.10.2023 |

Applications will be received through online mode only.
By Order of the Commission
OIPR-09007/11/0014/2324 Sd./- Secretary

**ODISHA SUB-ORDINATE STAFF SELECTION COMMISSION**
ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ
ବ୍ଲକ ନଂ.: ୩ ଏବଂ ୫, ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯
ୱେବ୍‌ସାଇଟ୍: www.osssc.gov.in
**NOTICE**
No. IIE-51/2023-718(C)/OSSSC Dated: 15th September, 2023
**Publication of Provisional Results of the Written Test for the Combined Recruitment Examination - 2023**
No. T-88: In pursuance of the Advertisement No. IIE-07/2023/492(C)/OSSSC Dt.24.02.2023, Addendum No. 499(C)/OSSSC Dt.15.03.2023 & 522(C)/OSSSC Dt.05.04.2023 and Notice No. IIE-17/2023-968/OSSSC Dt.05.06.2023, the Provisional results of the Written Test held on 09.07.2023 for the Combined Recruitment Examination - 2023, is hereby published districtwise separately for the posts of Junior Assistant & Panchayat Executive Officer in the Commission's web portal. The results have been prepared on the basis of marks secured in the Written Test and provisional marks awarded for experience as Gram Rojagar Sevaks (GRS), if any, for the post of PEO only as per rules and hereby published in detail as given below.
(1) Provisional Master Merit Lists
(2) Roll Numbers of the candidates provisionally screened @ 3 times of the vacancies for appearing the Practical Skill Test in Basic Computer Skills as at Annexure - I
(3) List of Disqualified candidates (scoring less than qualifying marks).
(4) List of Disqualified candidates for adopting unfair means.
The results have been complied based on the data furnished by the applicants in their application which is provisional subject to verification of original documents. The candidates may see the details by logging into the Commission's web portal **www.osssc.gov.in** with their user Id and password.
The aforesaid information is hereby made available as PROACTIVE DISCLOSURE under the provisions of Right to Information Act, 2005. This will remain available for a period of 60 days for the candidates in the portal. Candidates are advised not to seek these information in any other mode like e-mail, grievance, Janasunani & RTI.
The Practical Skill Test in Basic Computer Skills shall be conducted on 06.10.2023 (Friday) in the respective districts. Admission Letters will be made available online in the Commission's website by 21.09.2023 which may be downloaded by the shortlisted candidates by using their User Id and password to appear the aforesaid test. No. hard-copy of Admission Letter shall be sent by post.
Candidates are advised to visit the website of the Commission at regular intervals for updates.
**Enclosure:** Annexure - I
By Order of the Commission
OIPR-09007/11/0016/2324 Sd./- Secretary

**ODISHA LALIT KALA AKADEMI**
DEPARTMENT OF ODIA LANGUAGE LITERATURE & CULTURE, ODISHA, BHUBANESWAR
**Quotation Call Notice for Providing Services for Different Jobs for the Odisha Lalit Kala Akademi, Sanskruti Bhawan, Bhubaneswar**
Letter No. 485/OLKA Dated: 15.09.2023
No. RR-33: Sealed quotations are invited from the reputed service providers having past experience in providing services for jobs in different Offices/Organization through a suitable agency & contract basis for Data Entry Opertor, Gallery Attendant, Gardner (Mali), Watchman cum Sweepers and Security Guards for day-to-day smooth Management of Odisha Lalit Kala Akademi. The bidders are requested to submit the rate chart of 1. Data Engry Operator, 2. Gallery Attendant, 3. Gardner (Mali), 4. Sweeper cum Watchman, 5. Security Guards separately for each case in the same quotation form at as applicable for manpower available Akademi website **(www.odishalalitkalaakademi.org)**. The Service Providers/Agencies shall submit the said bid in the prescribed format with on the sealed envelope quoted for the service of "Data Entry Operator/Gallery Attendant/Gardener (Mali)/Sweeper-cum-Watchman/Security Guards" in a sealed envelope. The last date for receiving of quotation is 06.10.2023 upto 5.00 P.M and will be opened at 11.30 A.M. on the next day i.e. on 07.10.2023. Details can be seen and downloaded from website **www.odishalalitkalaakademi.org**. The authority reserves the right to accept or reject any or all quotations without assigning any reason thereof.
Sd./- Secretary
Odisha Lalit Kala Akademi
Bhubaneswar
OIPR-03007/11/0002/2324

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଚିନ୍ମୟ

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରେମଦାସାରେ ସିରାଜ ଝଡ଼

**କଲମ୍ବୋ, ୧୭।୯**

ବର୍ଷା ଜନିତ ପାଗ ଓ ପରିବେଶ ଯୋଗୁ ଏସିଆ କପ୍‌ର ୧୬ଶ ସଂସ୍କରଣରେ ଅନେକ ମ୍ୟାଚ ପ୍ରଭାବିତ ହୋଇଥିଲା। ଭାରତ-ପାକିସ୍ତାନ ଲିଗ୍ ମ୍ୟାଚ ସମ୍ପୂର୍ଣ୍ଣ ହୋଇପାରି ନ ଥିବାବେଳେ ସୁପର-୪ ମ୍ୟାଚ ଶେଷ ହେବାକୁ ୨ ଦିନ ଲାଗି ଯାଇଥିଲା। ସମାନ ପରିସ୍ଥିତି ପାଇଁ ଅନ୍ୟ କେତେକ ମ୍ୟାଚର ଓଭର କମାଇବାକୁ ବାଧ୍ୟ ହୋଇଥିଲେ ଆୟୋଜକ। ମାତ୍ର ରବିବାର ଭାରତ-ଶ୍ରୀଲଙ୍କା ମ୍ୟାଚରେ ବର୍ଷା ନ ଥିଲା କି ତଦ୍‌ଜନିତ ପରିବେଶ। ଆର୍. ପ୍ରେମଦାସ ଷ୍ଟାଡିୟମ୍‌ରେ ଆସିଥିଲା ସିରାଜ ଝଡ଼। ଏହି ଝଡ଼ରେ ଶ୍ରୀଲଙ୍କା ଇନିଂସ ଧ୍ୱସ୍ତ ହୋଇ ଯାଇଥିଲା। କ୍ୟାରିୟରରେ ପ୍ରଥମଥରପାଇଁ ୬ ଉଇକେଟ ସଫଳତା ପାଇଥିଲେ ସିରାଜ। ମ୍ୟାଚ ୫୦ ଓଭର ବିଶିଷ୍ଟ ହୋଇଥିଲେ ହେଁ ୨ଟି ଯାକ ଇନିଂସ ୧୫.୨ ଓ ୬.୧ ଓଭରରେ ଶେଷ ହୋଇ ଯାଇଥିଲା। ଘରୋଇ ପରିବେଶରେ ଖେଳିଥିଲେ ହେଁ ଶ୍ରୀଲଙ୍କା ପାଇଁ କିଛି ବି ଭଲରେ ଯାଇ ନ ଥିଲା। ଟସ୍ ଜିତି ଦଳ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ସତ, ମାତ୍ର ପ୍ରଥମ ଓଭରରୁ ଝଟ୍‌କା ଖାଇଥିଲା। ତେବେ ୪ର୍ଥ ଓଭରରେ ଯେଉଁ ଝଟ୍‌କା ଖାଇଥିଲା ସେଥିରେ ଦଳର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଯାଇଥିଲା। ଏହାର ନାୟକ ଥିଲେ ଭାରତର ଦ୍ରୁତ ବୋଲର ମହମ୍ମଦ ସିରାଜ। ସେ ନିଜର ଦ୍ୱିତୀୟ ଓଭରରେ ୪ ଉଇକେଟ ଅକ୍ତିଆର କରିବାରୁ ଶ୍ରୀଲଙ୍କା ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲା। ଆଉ ଅଣ୍ଟା ସଳଖି ମ୍ୟାଚକୁ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା ଘରୋଇ ଦଳ। ଏହାର ଫଳ ସିଧାସଳଖ ସ୍କୋରବୋର୍ଡରେ ପ୍ରତିଫଳିତ ହୋଇଥିଲା। କୁଶାଲ ମେଣ୍ଡିସ (୧୭) ଓ ଦୁଶାନ ହେମନ୍ତ (୧୩)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ଶ୍ରୀଲଙ୍କା ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ମାତ୍ର ୧୨ ରନରେ ୬ ଉଇକେଟ ହରାଇ ସାରିଥିବା ଶ୍ରୀଲଙ୍କା କୌଣସିମତେ ୫୦ ରନ ପୂରଣ କରିବାକୁ ସକ୍ଷମ ହୋଇଥିଲେ ହେଁ ଅନେକ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଥିଲା।



ଏସିଆ କପ୍ ଟ୍ରଫି ସହ ଟିମ୍ ଇଣ୍ଡିଆ।

**ସିରାଜଙ୍କ ଉଇକେଟ**

୨.୧: ପଥୁମ ନିଶଙ୍କା

୨.୩: ସଦିରା ସମରବିକ୍ରମା

୨.୪: ଚରିଥ ଆଶାଲଙ୍କା

୨.୬: ଧନଞ୍ଜୟ ଡି'ସିଲ୍‌ଭା

୩.୪: ଦଶୁନ ସନକା

୬.୨: କୁଶାଲ ମେଣ୍ଡିସ

ଫିଗର: ୭-୧-୨୧-୬

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୧୫.୨ ଓଭରରେ ୫୦/ଅଲ୍‌ଆଉଟ (କୁଶାଲ ମେଣ୍ଡିସ-୧୭, ମହମ୍ମଦ ସିରାଜ-୬/୨୧, ହାର୍ଦ୍ଦିକ ପାଣ୍ଡ୍ୟା-୩/୩, ଯଶପ୍ରୀତ୍ ବୁମ୍‌ରା-୧/୨୩)। ଭାରତ ୬.୧ ଓଭରରେ ୫୧/୦ (ଇଶାନ କିଶନ-୨୩*, ଶୁବମନ ଗିଲ୍-୨୭*)।

## 'ଯେତିକି ଭାଗ୍ୟରେ ଥାଏ ତାହା ମିଳେ'

**କଲମ୍ବୋ, ୧୭।୯ (ପି.ଟି.)**

ମ୍ୟାଜିକ୍ ସ୍ପେଲ୍ ବୋଲିଂ କରି ସୁପର ସନ୍‌ଡେରେ ଭାରତକୁ ଏସିଆ କପ୍ ଭେଟି ଦେଇଛନ୍ତି ତାରକା ଦ୍ରୁତ ବୋଲର ମହମ୍ମଦ ସିରାଜ। ସେ ୨୧ ରନ ବିନିମୟରେ ୬ ଉଇକେଟ ହାସଲ କରିବାରୁ ଶ୍ରୀଲଙ୍କା ଇନିଂସ ତାସ୍‌ଘର ଭଳି ଭୁଶୁଡ଼ି ପଡ଼ିଥିଲା। ନିଜ ପ୍ରଦର୍ଶନରେ ସ୍ୱାଭାବିକଭାବେ ଉଲ୍ଲସିତ ଅଛନ୍ତି ସିରାଜ। ''ଯେତିକି ଭାଗ୍ୟରେ ଥାଏ ସେତିକି ମିଳିଥାଏ। ଆଜି ୬ ଉଇକେଟ ମୋ ଭାଗ୍ୟରେ ଥିଲା'' ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ସିରାଜ। ଏହି ଅବସରରେ ଏକ ପୂର୍ବ ଘଟଣାକୁ ମନେ ପକାଇଥିଲେ ସିରାଜ। ଚଳିତ ବର୍ଷ ପ୍ରାରମ୍ଭରେ ଶ୍ରୀଲଙ୍କା ଦଳ ଭାରତ ଗସ୍ତରେ ଆସିଥିବାବେଳେ ଥିରୁଭାନନ୍ତପୁରମ୍‌ଠାରେ ତୃତୀୟ ଦିନିକିଆରେ ସେ ଶୀଘ୍ର ୪ ଉଇକେଟ ନେଇଥିଲେ ହେଁ ୫ ଉଇକେଟ ସଫଳତା ପାଇପାରି ନ ଥିଲେ। ''ମୁଁ ଦୀର୍ଘ ସମୟ ଧରି ଭଲ ବୋଲିଂ କରି ଆସୁଛି, ମାତ୍ର କେବେ ୫ ଉଇକେଟ ସଫଳତା ପାଇ ନ ଥିଲି। ଶେଷରେ ଏଠାରେ ଆଶା ପୂରଣ ହୋଇଛି। ଏଠାରେ ବଲ୍ ସୁଇଂ କରିଥିଲା। ମୁଁ ତାର ଭରପୂର ଫାଇଦା ଉଠାଇଥିଲି। ଏହାର ଫଳ ମଧ୍ୟ ମୋତେ ମିଳିଥିଲା। ଆରମ୍ଭରୁ ଫୁଲ୍ ବଲ୍ ପକାଇବାର ଯୋଜନା କରିଥିଲି ଏବଂ ଏହା ସଫଳ ମଧ୍ୟ ହୋଇଥିଲା। ଏହି ଉଇକେଟରେ ପୂର୍ବରୁ ବଲ୍ ସିମ୍ ହେଉଥିବା ବେଳେ ରବିବାର କିନ୍ତୁ ସୁଇଙ୍ଗ ଦେଖିବାକୁ ମିଳିଥିଲା'' ବୋଲି ସିରାଜ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ହାସଲ ସମୟରେ କହିଛନ୍ତି।

## ପୁରସ୍କାର ରାଶି ଦାନକଲେ ସିରାଜ

**କଲମ୍ବୋ, ୧୭।୯ (ପି.ଟି.)**

ଏସିଆ କପ୍ ଫାଇନାଲରେ ପ୍ଲେୟର ଅଫ୍ ଦ ମ୍ୟାଚ୍ ହୋଇଥିବା ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ନିଜ ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଫାଇନାଲରେ ଅଗ୍ନିବର୍ଷୀ ବୋଲିଂ କରି ସେ ୨୧ ରନ୍ ଦେଇ ୬ ଉଇକେଟ ଅକ୍ତିଆର କରିଥିଲେ। କ୍ୟାରିୟର ଶ୍ରେଷ୍ଠ ବୋଲିଂ ପାଇଁ ସିରାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ମଧ୍ୟ ଦିଆଯାଇଥିଲା। ୫ ହଜାର ଡଲାର ବା ଭାରତୀୟ ମୁଦ୍ରାରେ ୪ ଲକ୍ଷ ୧୫ ହଜାର ଟଙ୍କାର ପୁରସ୍କାର ରାଶିକୁ ଗ୍ରାଉଣ୍ଡସ୍ମ୍ୟାନଙ୍କୁ ଦାନ କରିବାକୁ ସିରାଜ ନିଷ୍ପତ୍ତି ନେଇଥିଲେ। ସମଗ୍ର ଏସିଆ କପ୍ ବର୍ଷା ବାଧାପ୍ରାପ୍ତ ହୋଇଥିବା ବେଳେ ଗ୍ରାଉଣ୍ଡସ୍ମ୍ୟାନଙ୍କ ନିରନ୍ତର ଉଦ୍ୟମ ଫଳରେ ଟୁର୍ନାମେଣ୍ଟର ସଫଳ ଆୟୋଜନ ସମ୍ଭବ ହୋଇଥିଲା। ଏହା ପୂର୍ବରୁ ବିସିସିଆଇ ସମ୍ପାଦକ ଜୟ ଶାହା ମଧ୍ୟ ଗ୍ରାଉଣ୍ଡସ୍ମ୍ୟାନଙ୍କ ପାଇ ୪୨ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ।

## କ୍ୟୁରେଟର ଓ ଗ୍ରାଉଣ୍ଡସ୍ମ୍ୟାନଙ୍କୁ ୫୦,୦୦୦ ଡଲାର ପୁରସ୍କାର

**କଲମ୍ବୋ, ୧୭।୯ (ପି.ଟି.):** ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ଓ ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) କଲମ୍ବୋ ଓ ପାଲିକେଲର କ୍ୟୁରେଟର ଓ ଗ୍ରାଉଣ୍ଡସ୍ମ୍ୟାନଙ୍କ ଲାଗି ୫୦,୦୦୦ ଆମେରିକୀୟ ଡଲାର ପୁରସ୍କାର ଘୋଷଣା କରିଛନ୍ତି। ବର୍ଷା ଋତୁରେ ଅକ୍ଳାନ୍ତ ପରିଶ୍ରମ କରି ଗ୍ରାଉଣ୍ଡକୁ ପ୍ରସ୍ତୁତ କରିଛନ୍ତି। ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବକୁ ସମ୍ମାନ ଦେବାକୁ ଯାଇ ପୁରସ୍କାର ଘୋଷଣା କରାଯାଇଥିବା ଏସିସି ଚେୟାରମ୍ୟାନ ଜୟ ଶାହା ପ୍ରକାଶ କରିଛନ୍ତି। ୫୦ ହଜାର ଆମେରିକୀୟ ଡଲାର ଶ୍ରୀଲଙ୍କା ମୁଦ୍ରାରେ ପ୍ରାୟ ୧୬ ନିୟୁତ ଟଙ୍କା ହେବ। ଶ୍ରୀଲଙ୍କା ପାଣିପାଗ ଆକସ୍ମିକ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। କ୍ୟୁରେଟର ଓ ଗ୍ରାଉଣ୍ଡସ୍ମ୍ୟାନମାନଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ଏହାକୁ ଖେଳ ଉପଯୋଗୀ କରିବାକୁ ପଡ଼ିଥାଏ।

## ୧୯୮୭: ଅଷ୍ଟ୍ରେଲିଆ ନୂଆ ଚାମ୍ପିୟନ

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ତୃତୀୟ ସଂସ୍କରଣ ପ୍ରଥମ ଥର ପାଇଁ ଇଂଲଣ୍ଡ ବାହାରେ ଅନୁଷ୍ଠିତ ହୋଇଥିଲା। ଏସିଆ ମହାଦେଶର ଦୁଇ ପଡୋଶୀ ରାଷ୍ଟ୍ର ଭାରତ ଓ ପାକିସ୍ତାନ ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିବା ବେଳେ ଏକ ନୂଆ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆର ଆବିର୍ଭାବ ଘଟିଥିଲା। ରିଲାଏନ୍ସ ଏହି ବିଶ୍ୱକପର ପ୍ରାୟୋଜକ ରହିଥିବା ବେଳେ ୮ ଦଳ ଅଂଶଗ୍ରହଣ କରି ୨୭ ମ୍ୟାଚ୍ ଖେଳିଥିଲେ। ପ୍ରଥମ ଥର ପାଇଁ କ୍ରିକେଟ ବିଶ୍ୱକପ୍‌କୁ ୫୦ ଓଭର ବିଶିଷ୍ଟ ମଧ୍ୟ କରାଯାଇଥିଲା। ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଜିମ୍ବାୱେ ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ବେଳେ ଗ୍ରୁପ୍ ବି'ରେ ସ୍ଥାନ ପାଇଥିଲେ ପାକିସ୍ତାନ, ଇଂଲଣ୍ଡ, ୱେଷ୍ଟଇଣ୍ଡିଜ ଓ ଶ୍ରୀଲଙ୍କା। ପୂର୍ବ ସଂସ୍କରଣ ଭଳି ଏହା ମଧ୍ୟ ଡବଲ ରାଉଣ୍ଡ ରବିନ ଲିଗ୍ ଓ ନକ୍‌ଆଉଟ ଫର୍ମାଟରେ ଖେଳା ଯାଇଥିଲା। ଗ୍ରାହାମ ଗୁଚ୍ ୪୭୧ ରନ୍ ସହିତ ଟୁର୍ନାମେଣ୍ଟର ସର୍ବାଧିକ ସ୍କୋରର ରହିଥିବା ବେଳେ ଅଷ୍ଟ୍ରେଲିଆର କ୍ରେଗ୍ ମ୍ୟାକଡରମାଟ ସର୍ବାଧିକ ଉଇକେଟ ଅକ୍ତିଆର କରିଥିଲେ।

ଗ୍ରୁପ୍ ଏ'ରେ ସ୍ଥାନ ପାଇଥିବା ଆଲାନ ବର୍ଡରଙ୍କ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ଭାରତକୁ ୧ ରନ୍‌ରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଉଭୟ ଭାରତ ଓ ଅଷ୍ଟ୍ରେଲିଆ ରାଉଣ୍ଡ ରବିନ୍ ଲିଗ୍‌ରେ ପରସ୍ପରକୁ ଥରେ ଲେଖାଏ ପରାସ୍ତ କରିଥିଲେ। ୬ ମ୍ୟାଚ୍‌ରୁ ଉଭୟ ଦଳ ୫ଟି ଲେଖାଏ ବିଜୟ ହାସଲ କରିଥିଲେ। ୨୦ ପଏଣ୍ଟ ଲେଖାଏ ଅର୍ଜନ କରିଥିବା ବେଳେ ଭାରତ ପ୍ରଥମ ଓ ଅଷ୍ଟ୍ରେଲିଆ ଦ୍ୱିତୀୟ ସ୍ଥାନରେ ରହି ଯୋଗ୍ୟତା ଅର୍ଜନ କରିଥିଲେ। ଅନ୍ୟପକ୍ଷରେ ଗ୍ରୁପ୍ ବି'ରେ ପ୍ରଥମ ଦୁଇ ସ୍ଥାନରେ ରହି ପାକିସ୍ତାନ ଓ ଇଂଲଣ୍ଡ ଯୋଗ୍ୟତା ଅର୍ଜନ କରିଥିଲେ। ଲାହୋରରେ ଖେଳା ଯାଇଥିବା ପ୍ରଥମ ସେମିରେ ଅଷ୍ଟ୍ରେଲିଆ ୧୮ ରନ୍‌ରେ ପାକିସ୍ତାନକୁ ପରାସ୍ତ କରି ଦ୍ୱିତୀୟ ଥର ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଭାରତକୁ ହରାଇବା ସହିତ ୧୯୮୩ ସେମିଫାଇନାଲ ପରାଜୟର ମଧୁର ପ୍ରତିଶୋଧ ନେଇଥିଲା ଇଂଲଣ୍ଡ। ଐତିହାସିକ ଇଡେନ୍ ଗାର୍ଡେନ୍ସରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଇଂଲଣ୍ଡକୁ ୭ ରନ୍‌ରେ ପରାସ୍ତ କରିଥିଲା ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ୨୫୩ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ୮ ଉଇକେଟ ହରାଇ ୨୪୬ ରନ୍‌ରେ ସୀମିତ ରହିଥିଲା। ୭୫ ରନ୍‌ର ଇନିଂସ ଖେଳିଥିବା ଅଷ୍ଟ୍ରେଲିଆର ଡେଭିଡ୍ ବୁନ୍‌ଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।



ଆଲାନ ବର୍ଡରଙ୍କ ହାତରେ ବିଶ୍ୱକପ ଟ୍ରଫି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୧୭ ଦିନ**

### କମ୍ ବଲ୍ ବୋଲିଂ ବିଶିଷ୍ଟ ଦିନିକିଆ

୧୦୪: ନେପାଳ ବନାମ ୟୁଏସଏ, କୀର୍ତ୍ତିପୁର, ୨୦୨୦

୧୨୦: ଶ୍ରୀଲଙ୍କା ବନାମ ଜିମ୍ବାୱେ, କଲମ୍ବୋ, ୨୦୦୧

୧୨୯: ଭାରତ ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୨୩

### ଦିନିକିଆ ଫାଇନାଲରେ ବୃହତ୍ ବିଜୟ

(ବଲ୍ ବଳକା ରହିବା ଦୃଷ୍ଟିରୁ)

୨୬୩: ଭାରତ ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୨୩

୨୨୬: ଅଷ୍ଟ୍ରେଲିଆ ବନମା ଇଂଲଣ୍ଡ, ସିଡ୍‌ନୀ, ୨୦୦୩

୧୭୯: ଅଷ୍ଟ୍ରେଲିଆ ବନାମ ପାକିସ୍ତାନ, ଲର୍ଡ୍ସ, ୧୯୯୯

### ଦିନିକିଆ ଫାଇନାଲରେ ୧୦ ଉଇକେଟ ବିଜୟ

୧୯୭/୦: ଭାରତ ବନାମ ଜିମ୍ବାୱେ, ଶାରଜା, ୧୯୯୮

୧୧୮/୦: ଅଷ୍ଟ୍ରେଲିଆ ବନାମ ଇଂଲଣ୍ଡ, ସିଡ୍‌ନୀ, ୨୦୦୩

୫୧/୦: ଭାରତ ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୨୩

### କମ୍ ଓଭରରେ ଅଲ୍‌ଆଉଟ

(ପୂର୍ଣ୍ଣ ସଦସ୍ୟ ଦଳ)

୧୩.୫: ଜିମ୍ବାୱେ ବନାମ ଆଫଗାନିସ୍ତାନ, ହରାରେ, ୨୦୧୭

୧୫.୨: ଶ୍ରୀଲଙ୍କା ବନାମ ଭାରତ, କଲମ୍ବୋ, ୨୦୨୩

୧୫.୪: ଜିମ୍ବାୱେ ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୦୧

୧୬.୫: ଶ୍ରୀଲଙ୍କା ବନାମ ପାକିସ୍ତାନ, ଶାରଜା, ୨୦୦୨

(ଦିନିକିଆ ଟୁର୍ନାମେଣ୍ଟର ଫାଇନାଲରେ କୌଣସି ଦଳ ୧୫.୨ ଓଭରରେ ଅଲ୍‌ଆଉଟ ହେବା ଏହା ପ୍ରଥମ। ପୂର୍ବରୁ ଏହି ଅଲୋଡ଼ା ରେକର୍ଡର ଅଧିକାରୀ ମଧ୍ୟ ଶ୍ରୀଲଙ୍କା ଥିଲା। ଶାରଜାରେ ୨୦୦୨ରେ ପାକିସ୍ତାନ ବିପକ୍ଷରେ ୧୬.୫ ଓଭରରେ ଅଲ୍‌ଆଉଟ ହୋଇଥିଲା)

### ଦିନିକିଆରେ ଶ୍ରୀଲଙ୍କାର ସର୍ବନିମ୍ନ ସ୍କୋର

୪୩: ବନାମ ଦକ୍ଷିଣ ଆଫ୍ରିକା, ପର୍ଲ, ୨୦୧୨

୫୦: ବନାମ ଭାରତ, କଲମ୍ବୋ, ୨୦୨୩

୫୫: ବନାମ ୱେଷ୍ଟଇଣ୍ଡିଜ, ଶାରଜା, ୧୯୮୬

### ଦିନିକିଆରେ ଭାରତୀୟଙ୍କ ଶ୍ରେଷ୍ଠ ବୋଲିଂ ଫିଗର

୬/୪: ଷ୍ଟୁଆର୍ଟ ବିନ୍ନି ବନାମ ବାଂଲାଦେଶ, ମୀରପୁର, ୨୦୧୪

୬/୧୨: ଅନିଲ କୁମ୍ବଲେ ବନାମ ୱେଷ୍ଟଇଣ୍ଡିଜ, କୋଲକାତା, ୧୯୯୩

୬/୧୯: ଯଶପ୍ରୀତ୍ ବୁମ୍‌ରା ବନାମ ଇଂଲଣ୍ଡ, ଓଭାଲ, ୨୦୨୨

୬/୨୧: ମହମ୍ମଦ ସିରାଜ ବନାମ ଶ୍ରୀଲଙ୍କା, କଲମ୍ବୋ, ୨୦୨୩

### ଦିନିକିଆ ଫାଇନାଲରେ ସର୍ବନିମ୍ନ ସ୍କୋର

୫୦: ଶ୍ରୀଲଙ୍କା ବନାମ ଭାରତ, କଲମ୍ବୋ, ୨୦୨୩

୫୪: ଭାରତ ବନାମ ଶ୍ରୀଲଙ୍କା, ଶାରଜା, ୨୦୦୦

୭୮: ଶ୍ରୀଲଙ୍କା ବନାମ ପାକିସ୍ତାନ, ଶାରଜା, ୨୦୦୨


**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା ଅଧୀନରେ**
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
**2% ସୁଧ, 40% ରିହାତି**
**ମହିଳାଙ୍କ ପାଇଁ ବିଶେଷ ରିହାତି**
ଅନ୍‌ଲାଇନ୍ ସୁବିଧା।
**ମୁଦ୍ରା ଫାଇନାନ୍ସ**
Mob. 7382841797

**BIJAYA FINANCE**
Bijaya Finance ସମସ୍ତ ପ୍ରକାର Loan ୧୦ ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, Personal, କୃଷି, ଶିକ୍ଷା, କୁକୁଡ଼ାଫାର୍ମ, ଗାଈପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର Loan ଘରେ ବସି ପାଆନ୍ତୁ। ସୁଧ ୨%
Mob:7656825212
7656825011

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜନ୍ମଦିନ ଶୁଭେଚ୍ଛା**



**ଚିନ୍ମୟ କର୍ଣ୍ଣ**
ମୋର ବଡ଼ ଭାଇ ଚିନ୍ମୟ କର୍ଣ୍ଣଙ୍କୁ ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା ଆଉ ଶୁଭକାମନା। ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛି ଆପଣଙ୍କ ଚଲାପଥ କୁସୁମିତ ହେଉ ଓ ଉତ୍ତମ ସ୍ୱାସ୍ଥ୍ୟ ରଖିଥାନ୍ତୁ।
**ବାପା, ମା ଏବଂ ଶାନ୍ତନୁ କର୍ଣ୍ଣ**
ଧ-୧୩୪୧

**Classified Everyday**
**0674-2580101, 2549949**



REAL ESTATE

**SALE**

ଭୁବନେଶ୍ୱର, ଗ୍ୟାରେଜ ଛକରେ 30' ରୋଡ୍ ଥାଇ ଘରବାଡ଼ି, ପାଚେରି ପ୍ଲଟ୍ ବିକ୍ରି ହେବ। 9827119799. D-1303

"Well Designed two Storey 8 BHK House with 4800 Builtup area for sale at- Ratnakar Bag 2, Tankapani road, Bhubaneswar. 9951082666". D-1327

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



Healthcare

A s r i b a d a Panchakarma herbal SPA Kesharimall, Bhubaneswar. Contact: 8926173473. D-75037

**Newly open SPA positively health benefits with expert therapist. 9938843929.** D-75149

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



astrology

AlltypeofGemstones, Astrology, Crystal, Vastu, Rudraksh, Yantra, Kavach at Wholesale-Retail @8093050401. D-1248

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡୁଛନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**




**ସ୍ୱର୍ଗତ ଭକ୍ତହରି ନାୟକ**
ହରିହଂସ, ଧୂଷୁରୀ, ଭଦ୍ରକ
ଆବିର୍ଭାବ: ୦୩।୦୯।୧୯୩୮
ତିରୋଧାନ: ୦୮।୦୯।୨୦୨୩
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର ଭବାନୀ ଶଙ୍କର, ଅଶୋକ, ସରୋଜ, ପରିବାରବର୍ଗ, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ।
ଧ-୧୩୪୦

**ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ଡଃ ନିରୁପମା ପଟ୍ଟନାୟକ**
ସ୍ୱାମୀ: ୰ଲକ୍ଷ୍ମୀନାରାୟଣ ପଟ୍ଟନାୟକ
ପୂର୍ବତନ ରାଜ୍ୟ ସୂଚନା କମିଶନର
ପୋଖରୀପୁଟ, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ସମସ୍ତେ ବିନମ୍ର ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୩୭୮୨

**ଶ୍ରଦ୍ଧାଞ୍ଜଳି**



**୰ଦୁର୍ଗା ପ୍ରସାଦ ବହିଦାର**
ଅବସରପ୍ରାପ୍ତ ପୋଲିସ ଅଫିସର
ଝାଡୁଆପଡା, ସମ୍ବଲପୁର
୧୯୧୦-୧୯୯୭
ବାଲିତୃତୀୟା
ଆଜି ଷଡ଼ବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଅଛୁ।
ପରିବାରବର୍ଗ ଓ ବନ୍ଧୁସ୍ୱଜନ
ଧ-୭୪୫୮୩

**ଏକାଦଶାହ ଉପଲକ୍ଷେ**



**୰ଶଶିକଳା ଦାଶ**
ନୀଳଗିରି, ବାଲେଶ୍ୱର
ଆବିର୍ଭାବ- ୧୫।୧୦।୧୯୪୭
ତିରୋଧାନ- ୦୮।୦୯।୨୦୨୩
ନିର୍ବାପିତ ହେଲା ଜୀବନ ପ୍ରଦୀପ
ଶେଷ ହେଲା ତୁମ ଆୟୁ
ସବୁ କିଛି ଆମେ ହରାଇ ବସିଲୁ
ଫେରିବନି ତୁମେ ଆଉ
ବୋଉ, ତୁମେ କାହାକୁ କିଛି ନ କହି ଆମ ସମସ୍ତଙ୍କୁ ଅନାଥ କରି ଚାଲିଗଲ। ତୁମର ଅନୁପସ୍ଥିତି ପରିବାରରେ ବିରାଟ ଶୂନ୍ୟତା ସୃଷ୍ଟି କରିଛି। ତୁମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଥାଉ। ତୁମ ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଆଜି ଏକାଦଶାହରେ ବିଭୁ ପାଦତଳେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ
ଧ-୧୩୪୨

**୧୦ମ ଶ୍ରାଦ୍ଧବାର୍ଷିକୀ**



**ବିନତାଶ୍ୱ ମଲ୍ଲିକ (ବାପି)**
ଧରାବତରଣ: ୨୫।୦୩।୧୯୮୬
ଧରାପସାରଣ: ୧୮।୦୯।୨୦୧୩
ମିରା ପୟର, ୩୩୧/୧୯୦୫/୪୦
ଶ୍ରୀଅରବିନ୍ଦ ନଗର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୬
ଆଜି ତୋର ପୁଣ୍ୟ ଦିବସ, ଗୋଟିଏ ବି କ୍ଷଣ ନାହିଁ, ଯେତେବେଳେ ତୁ' ଆମଠୁଁ ଅନ୍ତର; ଏ ଖାଲି ଔପଚାରିକ ସ୍ମୃତି-ଚାରଣ... ଦିବ୍ୟ ଜନନୀ ଶ୍ରୀମା, ଦିବ୍ୟାବତାର ଶ୍ରୀଅରବିନ୍ଦଙ୍କଠାରେ ତୋ'ଭାର ଅର୍ପିତ ଥାଉ, ଏତିକି ପ୍ରାର୍ଥନା।
ପରିବାର, ପରିଜନ ଓ ବିନତାଶ୍ୱ ମଲ୍ଲିକ ସ୍ମାରକୀ ନ୍ୟାସ
ଧ-୧୩୪୩

# ପ୍ରକୃତି ଓ ଜୀବର ଜୈବ ପ୍ରକ୍ରିୟା



ଡା. ଆଶିଷ ବାନାର୍ଜୀ

"ପ୍ରକୃତିର ୨୪ ତତ୍ତ୍ୱାତ୍ମକ ତତ୍ତ୍ୱ ଦ୍ୱାରା ଜୀବଜଗତ ସୃଷ୍ଟି ହୋଇଅଛି। ତେଣୁ ଏହି ୨୪ ତତ୍ତ୍ୱ ପ୍ରତିଟି ଜୀବ ମଧ୍ୟରେ ବିଦ୍ୟମାନ। ସେଗୁଡ଼ିକ ହେଉଛି ପଞ୍ଚ ଜ୍ଞାନେନ୍ଦ୍ରିୟ-ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ତ୍ୱଚା। ପଞ୍ଚ କର୍ମେନ୍ଦ୍ରିୟ-ବାକ୍, ଯାଦ, ପାଣି, ପାୟୁ (ଗୁଦମାର୍ଗ) ଓ ଉପସ୍ଥ (ଜନନ୍ଦ୍ରିୟ), ତିନି ଗୁଣ ଅବ୍ୟକ୍ତ, ମହାନ ଓ ଅହଂକାରରୁ ସତ୍ତ୍ୱ, ରଜ ଓ ତମ, ପଞ୍ଚ ମହାଭୂତ-ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶ, ପାଞ୍ଚ ତନ୍ମାତ୍ରା-ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ ଓ ମନ।"



ବିଶ୍ୱ ବ୍ରହ୍ମାଣ୍ଡରେ ପୃଥିବୀ ଏକ ଗ୍ରହ ଯେଉଁଠି ଜୀବଜଗତ ବଞ୍ଚି ରହିବା ପାଇଁ ପାଣି, ପବନ, ମାଟି ଓ ଜଳବାୟୁ ଅନୁକୂଳ ଅଟେ। ପୃଥିବୀ ଗର୍ଭରେ ଥିବା ଖଣିଜ ପଦାର୍ଥ ଇତ୍ୟାଦିରେ ମହଜୁଦ ରହିଅଛି ଯେପରି କମ୍ପାନୀ ଯାନଟି ବାହାର କରିବା ପରେ ତାହାର ପାର୍ଟ୍ସଗୁଡ଼ିକ ବଜାରରେ ମହଜୁଦ କରିଥାଏ। ଏହା ସହ ସୌରଜଗତର ବିଭିନ୍ନ ଗ୍ରହ, ଉପଗ୍ରହ, ନକ୍ଷତ୍ର, ସୂର୍ଯ୍ୟ, ଚନ୍ଦ୍ରଙ୍କ ସୁପ୍ରଭାବ ଉଦ୍ଭିଦ ଓ ଜୀବଜଗତ ଉପରେ ରହିଅଛି।

ପ୍ରକୃତିର ୨୪ ତତ୍ତ୍ୱାତ୍ମକ ତତ୍ତ୍ୱ ଦ୍ୱାରା ଜୀବଜଗତ ସୃଷ୍ଟି ହୋଇଅଛି। ତେଣୁ ଏହି ୨୪ ତତ୍ତ୍ୱ ପ୍ରତିଟି ଜୀବ ମଧ୍ୟରେ ବିଦ୍ୟମାନ। ସେଗୁଡ଼ିକ ହେଉଛି ପଞ୍ଚ ଜ୍ଞାନେନ୍ଦ୍ରିୟ- ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ତ୍ୱଚା। ପଞ୍ଚ କର୍ମେନ୍ଦ୍ରିୟ- ବାକ୍, ଯାଦ, ପାଣି, ପାୟୁ (ଗୁଦମାର୍ଗ) ଓ ଉପସ୍ଥ (ଜନନ୍ଦ୍ରିୟ), ତିନି ଗୁଣ ଅବ୍ୟକ୍ତ, ମହାନ ଓ ଅହଂକାରରୁ ସତ୍ତ୍ୱ, ରଜ ଓ ତମ, ପଞ୍ଚ ମହାଭୂତ- ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶ, ପାଞ୍ଚ ତନ୍ମାତ୍ରା- ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ ଓ ମନ।

ବାୟୁ ଦ୍ୱାରା ସମସ୍ତ କାର୍ଯ୍ୟ ହୋଇଥାଏ। ଚଳପ୍ରଚଳ, ପାଣି ବୋହିବା, ବୀଜ ରୋପଣ, ଶୁଦ୍ଧ ଅମ୍ଳଜାନ ବାୟୁ ଦ୍ୱାରା ଜୀବ ବଞ୍ଚିବା ଏବଂ ଅଙ୍ଗାରକାମ୍ଳକୁ ବୃକ୍ଷ ଶୋଷଣ କରି ଅମ୍ଳଜାନ ବାୟୁ ମଣ୍ଡଳରେ ପ୍ରସାରଣ କରେ। ରୌଦ୍ରତାପ ଦ୍ୱାରା ପାକ ହୋଇ ଚନ୍ଦ୍ରମା ଦ୍ୱାରା ଶୀତଳତା ହେବା, ବାୟୁ ଶରୀର ମଧ୍ୟରେ ରସ, ରକ୍ତାଦି ଧାତୁକୁ ପ୍ରବାହିତ କରିଥାଏ। ଯଦି ବାୟୁ ସମ୍ୟତା ନ ରହେ ତେବେ ବାତ୍ୟା, ଘୂର୍ଣ୍ଣିଝଡ଼ ସୃଷ୍ଟି କରିବା ପରି ଶରୀରରେ ବାତ ପ୍ରକୋପଜନିତ ରୋଗ ସୃଷ୍ଟି ହୋଇଥାଏ।

ସେହିପରି ରୌଦ୍ରତାପ ଅଧିକ ହେଲେ ଜ୍ୱଳନ ପ୍ରକୃତି ଯୋଗୁଁ ଚାରିଆଡ଼େ ଶୁଷ୍କ, ଜଳିଯିବା ପରି ଲାଗିବା ସହ ପୃଥିବୀରେ ଜୀବଜଗତ ବଞ୍ଚିବା କଷ୍ଟକର ହୋଇପଡ଼େ। ସେହିପରି ମଣିଷ ଶରୀରରେ ପୈତ୍ତିକ ରୋଗମାନ- ଅମ୍ଳ, ଅଜୀର୍ଣ୍ଣ, ଜ୍ୱାଳା, ପାଟି ଶୁଷ୍କତା ଇତ୍ୟାଦି ଦେଖାଯାଏ।


ପୃଥିବୀରେ ଜଳାଧିକ ହେଲେ ବନ୍ୟା ହୋଇ ଜୀବଜଗତ ପ୍ରଭାବିତ ହୋଇଥାଆନ୍ତି। ତେଣୁ 'ଜଳ ବହୁଳେ ସୃଷ୍ଟି ନାଶ, ଜଳ ବିହୁନେ ସୃଷ୍ଟି ନାଶ' ବୋଲି କୁହାଯାଇଥାଏ। ସେହିପରି ଶରୀରରେ ଜଳତତ୍ତ୍ୱ ଅଧିକ ହେଲେ କଫଜନିତ ରୋଗ, ଅଗ୍ନିମାନ୍ଦ୍ୟ, ଥଣ୍ଡାଜ୍ୱର, ଜଳୋଦରୀ, ଶରୀର ଭାରି ଲାଗିବା ଇତ୍ୟାଦି ଲକ୍ଷଣ ଦେଖାଯାଏ। ତେଣୁ ପ୍ରକୃତି ସମତୁଲ ରହିଲେ ଯାଇ ଜୀବ ଜଗତ ତିଷ୍ଠିବ। ଏହି ତ୍ରିଦୋଷ- ବାତ (ବାୟୁ), ପିତ୍ତ (ଅଗ୍ନି) ଓ କଫ (ଜଳ) ଶରୀରରେ ସାମ୍ୟବସ୍ଥାକୁ ଆଣିବା ପାଇଁ ପ୍ରକୃତି ତାହାର ବ୍ୟବସ୍ଥା କରି ରଖିଛି। ବିଭିନ୍ନ ଋତୁରେ ହେଉଥିବା ରୋଗର ପ୍ରତିକାରାତ୍ମକ ପଦକ୍ଷେପ ପାଇଁ ସବୁ ଔଷଧ ଓ ଖାଦ୍ୟ ମହଜୁଦ କରି ରଖିଛି। ସେହିଗୁଡ଼ିକୁ ଚିହ୍ନି ବ୍ୟବହାର କଲେ ଆମେ ସୁସ୍ଥ ରହିପାରିବା। ଏହା ପ୍ରାକୃତିକ ହୋଇଥିବାରୁ ପ୍ରକୃତିରୁ ସୃଷ୍ଟି ଜୀବକୋଷ ସହ ମିଶି ପାରୁଥିବା ଦ୍ରବ୍ୟ ହେବା କାରଣରୁ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନ ଥାଏ। ବରଂ ରୁଗ୍ଣ କୋଷକୁ ସତେଜ ଓ ବଳ ପ୍ରଦାନ କରିଥାଏ।

ବାତ ରୋଗର ଖାଦ୍ୟ ରୂପେ ପୁରାତନ ଚାଉଳର ଭାତ, କୋଳଥ, ମାଂସ, ପୋଟଳ, ବାଇଗଣ, ସଜନା, ରସୁଣ, ହେଙ୍ଗୁ ଖାଇପାରନ୍ତି। ପିତ୍ତଜ ରୋଗରୁ ଉପଶମ ପାଇବା ପାଇଁ ପୋଟଳ, କାକୁଡ଼ି, ପିତା ଶାଗ, ସଜନା ଶାଗ, ଶୁନଶୁନିଆ ଶାଗ, ଲାଉ, ପାଣିକଖାରୁ, ଜହ୍ନି, କୁନ୍ଦୁରୀ, ପାଣି ଓ ମାଟି ତଳେ ହେଉଥିବା ଜିନିଷ ଖାଇପାରନ୍ତି। କଫଜ ରୋଗ ପାଇଁ ଅଦା, ରସୁଣ, ପିଆଜ, ଲଙ୍କା, ଗୋଲମରିଚ, ତୁଳସୀ, ବାସଙ୍ଗ ଖାଇଲେ ତାହା ସ୍ୱାସ୍ଥ୍ୟାବସ୍ଥା ଠିକ୍ ରଖେ ଓ ଜୀବାଣୁ ଏବଂ ଭୂତାଣୁକୁ ପ୍ରତିହତ କରେ। ପ୍ରକୃତି ତ୍ରିଦୋଷକୁ ସାମ୍ୟାବସ୍ଥାକୁ ଆଣିବା ପାଇଁ ପ୍ରାକୃତିକ କାର୍ମିନେଟିଭ ମିକ୍ସଚର ରୂପେ ତ୍ରିଫଳା (କସା ଫଳ, ବାହାଡ଼ା, ଅଁଳା)କୁ ଦେଇଅଛି। ଏହା ଶୀତଋତୁରେ ସର୍ବତ୍ର ମିଳେ।

ଏହିପରି ପୃଥିବୀ ପୃଷ୍ଠରେ ଥିବା ଗୁଳ୍ମ, ଲତା ଓ ଏହାର ମୂଳ, ଫଳ, ମାଟି ଭିତରେ ଥିବା ଧାତୁ, ଉପଧାତୁ, ରତ୍ନ, ଉପରତ୍ନ ଇତ୍ୟାଦି ପ୍ରକୃତିରୁ ମିଳୁଥିବା ଜିନିଷରେ ଜୀବାଣୁ, ଭୂତାଣୁଜନିତ ରୋଗ ପାଇଁ ଭରି ରହିଅଛି ଦୁର୍ଲଭ ମହୌଷଧି। ସେହିପରି ଶିଶୁର ପୋଷଣ ପାଇଁ ସେ ଜନ୍ମ ହେବା ପୂର୍ବରୁ ମାତା ବକ୍ଷରେ ଅମୃତଧାରା ଗଚ୍ଛିତ କରି ପ୍ରକୃତି ରଖିଥାଏ। ଏହା ଶିଶୁ ପାଇଁ ସର୍ବୋତ୍ତମ ଆହାର। ସେଥିରେ ସମସ୍ତ ପ୍ରକାର ପୋଷକ ତତ୍ତ୍ୱ ପରିପୂର୍ଣ୍ଣ କରି ତାହାର ବ୍ୟାଧି ପ୍ରତିରୋଧକ ଶକ୍ତିକୁ ବଢ଼ାଏ। ସେହିପରି ପ୍ରକୃତି ତାହାର ସନ୍ତାନ ପାଇଁ ସେପରି ସୁବ୍ୟବସ୍ଥା ସ୍ୱତଃପ୍ରବୃତ୍ତ ଭାବେ ହୋଇଚାଲିଥାଏ। ଆମେ ସେଗୁଡ଼ିକର ସଦ୍ ଉପଯୋଗ ପାଇଁ ଜ୍ଞାନ ଉପଲବ୍ଧି କରି ଏବଂ ଉନ୍ନତ ଗବେଷଣା କରି କାର୍ଯ୍ୟରେ ଲଗାଇ ପାରିଲେ ତାହା ଜୀବଜଗତର ମୃତ ସଞ୍ଜିବନୀ ହୋଇ କ୍ଷୀଣ, ନିର୍ବଳ, ଜୀବନକୁ ସୁସ୍ଥ ନୀରୋଗ ଓ ଦୀର୍ଘାୟୁ ପ୍ରଦାନ କରିପାରିବ।

-ଆନନ୍ଦ ବଜାର, ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

## ସୁସ୍ଥ ଶରୀର ଓ ଜଳ



ଆମ ଶରୀର ପାଇଁ ଜଳ କେତେ ଉପକାରୀ, ତାହା କହିବା ଅନାବଶ୍ୟକ। ଶରୀରରେ ଯେତିକି ଜଳ ଅଛି, ତା'ର ପାଞ୍ଚଭାଗରୁ ମାତ୍ର ଏକ ଭାଗ କମିଗଲେ, ତାହା ଶରୀର ଉପରେ ଗୁରୁତର ପ୍ରଭାବ ପକାଏ। ତେଣୁ ଆମକୁ ଆବଶ୍ୟକ ମୁତାବକ ଜଳ ପିଇବା ଦରକାର। ଶରୀରରେ ରକ୍ତ, ମୂତ୍ର, ଲୁହ, ପିତ୍ତ, ଲାଳ ଆଦି ଯେତେସବୁ ତରଳ ପଦାର୍ଥ ରହିଛି, ସେଗୁଡ଼ିକର ମୂଳ ଉପାଦାନ ହେଉଛି ଜଳ। ଏହା ଶରୀରରେ ହେଉଥିବା ଜୈବ ରାସାୟନିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରେ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ତଥା କୋଷିକା ନିକଟରେ ଅମ୍ଳଜାନ, ବିଭିନ୍ନ ଖାଦ୍ୟ ଉପାଦାନ, ଭିଟାମିନ୍ସ ଏବଂ ଔଷଧ ଆଦି ପହଞ୍ଚାଇବାରେ ଏହା ବାହକ ରୂପେ ମଧ୍ୟ କାମ କରେ। ଶରୀରରେ ତାପମାତ୍ରା ନିୟନ୍ତ୍ରଣ କରିବା ମଧ୍ୟ ଏହାର ଅନ୍ୟତମ କାର୍ଯ୍ୟ। ପରିସ୍ରା ଓ ଝାଳ ମାଧ୍ୟମରେ ଜଳ ଶରୀରରୁ ନିଷ୍କାସିତ ହୋଇଥାଏ। ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଯଥା ହାର୍ଟ, ଲିଭର୍ ଆଦିକୁ ସୁରକ୍ଷା ପ୍ରଦାନ କରିବା ସହ ଶରୀରର ଓଜନ କମାଇବାରେ ମଧ୍ୟ ସାହାଯ୍ୟ କରିଥାଏ। ତେଣୁ ଆମ ଶରୀରରେ ଜଳର ପରିମାଣ ସବୁବେଳେ ସନ୍ତୁଳିତ ରହିବା ନିହାତି ଜରୁରୀ।

## ବାତ ମାରୁଥିଲେ...



ଯଦି କାହାକୁ ବାତ ମାରୁଛି ତେବେ ନିମ୍ନଲିଖିତ ବିଷୟ ପ୍ରତି ସଚେତନ କରିବା ନିହାତି ଜରୁରୀ। ମନେ ରଖିବା କଥା ଯେ ରୋଗୀଠାରେ ବାତ ମାରିବା ଲକ୍ଷଣ ହେଉଛି ଅସ୍ଥାୟୀ। ତାହା ମଧ୍ୟ ମନକୁ ମନ ଉପଶମ ହୋଇଯାଏ। ତେଣୁ ସେହି ବାତ ମାରିବା ସମୟରେ ହିଁ ରୋଗୀ ଉପରେ ତୀକ୍ଷ୍ଣ ନଜର ରଖନ୍ତୁ। ବାତ ମାରିଲେ ରୋଗୀ ପଡ଼ିଯାଇପାରେ। ତେଣୁ ରୋଗୀକୁ ବାତ ମାରିଲା ବେଳେ ତା' ପାଖରୁ ଚେୟାର୍, ଟେବୁଲ୍ ଭଳି କଠିନ ଜିନିଷପତ୍ର ଏବଂ ଧାରୁଆ ଓ ମୁନିଆ ପଦାର୍ଥ ତୁରନ୍ତ ହଟେଇ ନିଅନ୍ତୁ। ମୁଣ୍ଡ ଯେପରି ଚଟାଣରେ ବାଡ଼େଇ ନ ହେବ ସେଥିପ୍ରତି ସତର୍କ ରୁହନ୍ତୁ। ମୁଣ୍ଡ ତଳେ ନରମ ପତଳା ତକିଆ ରଖିବା ନିରାପଦ। ବାତ ମାରିବା ବନ୍ଦ କରିବା ପାଇଁ ରୋଗୀକୁ ମାଡ଼ି ବସି ଧରନ୍ତୁ ନାହିଁ। ରୋଗୀକୁ କଡ଼ମାଡ଼ି ଶୁଆଇ ଦିଅନ୍ତୁ। ଏହାଦ୍ୱାରା ତାହାର ଶ୍ୱାସକ୍ରିୟା ସାବଲୀଳ ରୁହେ। ତା'ର ପାଟିରେ କୌଣସି କାଠି କି ଚାମଚ ରଖନ୍ତୁ ନାହିଁ କିମ୍ବା ତା' ପାଟି ଭିତରକୁ ନିଜର ଆଙ୍ଗୁଠି ଭର୍ତ୍ତି କରନ୍ତୁ ନାହିଁ। ବାତ ମାରିବା ବନ୍ଦ ହୋଇ ଚେତା ଫେରି ଆସିଲେ ତା'କୁ ସାନ୍ତ୍ୱନା ଦିଅନ୍ତୁ। ବାତ ମାରିବା ବନ୍ଦ ନ ହେଲେ, ବାରମ୍ବାର ବାତ ମାରିଲେ କିମ୍ବା ଚେତା ନ ଫେରିଲେ ଆମ୍ବୁଲାନ୍ସ ଡକାଇ ରୋଗୀକୁ ତୁରନ୍ତ ହସ୍ପିଟାଲ୍ ନେଇଯାଆନ୍ତୁ।

## ମେଦବହୁଳତା କମାଏ ଗ୍ରୀନ୍ ମଟର



ଗ୍ରୀନ୍ ମଟରରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ, ଏହାକୁ ନିୟମିତ ଖାଇଲେ ମେଦବହୁଳତା କେତେକାଂଶରେ କମିଥାଏ। ଏଥିରେ ଫାଇବର୍ ଏବଂ ପ୍ରୋଟିନ୍‌ର ପରିମାଣ ଭରି ରହିଛି। ଗ୍ରୀନ୍ ମଟରରେ ଆଇରନ୍, ଫସ୍‌ଫରସ୍, ଭିଟାମିନ୍-ଏ, ଭିଟାମିନ୍-କେ, ଭିଟାମିନ୍-ସି ମଧ୍ୟ ରହିଛି, ଯାହା ଶରୀରର ମାଂସପେଶୀକୁ ଶକ୍ତ ରଖିଥାଏ। ଏହା ମଧ୍ୟ ରକ୍ତରେ ଶର୍କରା (ସୁଗାର) ସ୍ତରକୁ କେତେକାଂଶରେ ସନ୍ତୁଳିତ ରଖେ। ଏଥିରେ ଆଇରନ୍ ଓ ଫାଇବର୍ ଅଧିକ ପରିମାଣରେ ଥିବାରୁ ଖାଦ୍ୟ ଠିକ୍ ଭାବେ ହଜମ ହୋଇଥାଏ। ଏହା ସହ ଆଣ୍ଠୁଗଣ୍ଠିଜନିତ ସମସ୍ୟା ଏବଂ କୋଷ୍ଠକାଠିନ୍ୟ ପରି ସମସ୍ୟାରୁ ମଧ୍ୟ ଉପଶମ ଦିଏ। ଗ୍ରୀନ୍ ମଟରରେ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିଥାଏ।

## ଖାଇବା ପରେ ଏଭଳି କରୁଥିଲେ...

ଆମେ ଖାଦ୍ୟ ଖାଇବା ପରେ କେତେକ ଜିନିଷ ପ୍ରତି ନଜର ଦେବା ନିହାତି ଜରୁରୀ। ଖାଇବା ପରେ ଫଳମୂଳ ଆଦୌ ଖାଆନ୍ତୁ ନାହିଁ। ଚା', କଫି, କୋଲଡ୍ରିଙ୍କ୍ସ, ଆଲ୍‌କୋହଲ୍‌ଠାରୁ ମଧ୍ୟ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଏହା ଶରୀର ଉପରେ କୁପ୍ରଭାବ ପକାଇବା ସହ ପେଟରେ ଏସିଡିଟିର ମାତ୍ରା ବଢ଼ାଇ ଦେଇଥାଏ। ଯଦି ନିୟମିତ ନିଶାଦ୍ରବ୍ୟ ସେବନ କରୁଛନ୍ତି ତେବେ ତାହା କ୍ୟାନ୍‌ସରର କାରଣ ସାଜିବାର ଯଥେଷ୍ଟ ଆଶଙ୍କା ରହିଛି। ଖାଇବା ପରେ ଗାଧୋଇବା ବି କେତେକଙ୍କର ଅଭ୍ୟାସ ଥାଏ। ଏହାକୁ ମଧ୍ୟ ପରିହାର କରିବାକୁ ଚେଷ୍ଟା କରନ୍ତୁ। କାରଣ ଖାଇବା ପରେ ଗାଧୋଇଲେ ଶରୀରରେ ରକ୍ତର ପ୍ରବାହ ଆବଶ୍ୟକତାଠାରୁ ଅଧିକ ତୀବ୍ର ହୁଏ, ଯାହା ଶରୀର ପାଇଁ କ୍ଷତି ପହଞ୍ଚାଏ। ଖାଇବା ପରେ ଆପଣ କିଛି ସମୟ ପାଇଁ ବୁଲାବୁଲି କରନ୍ତୁ। ଖାଇବା ପରେ କିମ୍ବା ପୂର୍ବରୁ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। ଖାଇବାର ଅଧଘଣ୍ଟାଏ ପରେ କିମ୍ବା ପୂର୍ବରୁ ପାଣି ପିଅନ୍ତୁ। ଏହାଦ୍ୱାରା ଖାଦ୍ୟ ହଜମ ହୋଇଥାଏ। ତା'ସହ ପାଚନ କ୍ରିୟା ଦୃଢ଼ ରହେ। ଖାଇବା ସାରି କେତେକ ସାଙ୍ଗେ ସାଙ୍ଗେ ଶୋଇପଡ଼ନ୍ତି। ହେଲେ ଏହାଦ୍ୱାରା ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ରାତିରେ ସବୁବେଳେ ହାଲୁକା ତଥା ସୁପାଚ୍ୟ ଖାଦ୍ୟ ଖାଆନ୍ତୁ।



## ମନେ ରଖନ୍ତୁ...

- ଯେଉଁ ଋତୁ ହେଉ ନା କାହିଁକି ଖାଦ୍ୟପେୟ ପ୍ରତି ସବୁବେଳେ ସତର୍କ ରୁହନ୍ତୁ। ପ୍ରତିଦିନ ଏପରି ଖାଦ୍ୟ ଖାଆନ୍ତୁ ଯେପରି ତାହା ସହଜରେ ହଜମ ହୋଇପାରିବ।



- ରାତିରେ ଶୋଇବାକୁ ଯିବା ପୂର୍ବରୁ ଉଜ୍ଜ୍ୱଳ ଆଲୋକ ସଂସ୍ପର୍ଶରେ ଆସନ୍ତୁ ନାହିଁ। ଶୋଇବା ପୂର୍ବରୁ ଅଧିକ ସମୟ ମୋବାଇଲ୍ କିମ୍ବା ଟିଭି ଦେଖନ୍ତୁ ନାହିଁ। କାରଣ ଏହାଦ୍ୱାରା ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ।
- ଅସ୍ଥି ଓ ମଜ୍ଜାକୁ ମଜଭୁତ କରିବାରେ ଭିଟାମିନ୍ ଡି' ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହାର ପ୍ରମୁଖ ଉତ୍ସ ସୂର୍ଯ୍ୟକିରଣରେ ପ୍ରତିଦିନ କିଛି ସମୟ ଛିଡ଼ା ହେବା ନିହାତି ଦରକାର।
- ନିଜକୁ ସୁସ୍ଥ ତଥା ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ ଖାଦ୍ୟପେୟ ପ୍ରତି ନଜର ନିଅନ୍ତୁ।
- ଅନେକ ରୋଗର ବାହକ ବେଳେବେଳେ ପାଣି ହୋଇଥାଏ। ତେଣୁ ପାଣିକୁ ଫୁଟାଇ ପିଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ।
- ଯଦି କୌଣସି ରୋଗରେ ଆପଣ ଆକ୍ରାନ୍ତ ହେଉଛନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➢ଇଚ୍ଛା ନ ଥିବା ସତ୍ତ୍ୱେ କୌଣସି କାର୍ଯ୍ୟକୁ ଏକାଥରେ ଶେଷ କରିବାକୁ ଚେଷ୍ଟା କରନ୍ତୁ ନାହିଁ। କିଛି କିଛି ସମୟ ଅନ୍ତରାଳରେ କାର୍ଯ୍ୟ କରନ୍ତୁ। କାରଣ ଯଦି ଆପଣ ଅନିଚ୍ଛା ସତ୍ତ୍ୱେ କାମ କରୁଛନ୍ତି ତେବେ ତାହାର ପ୍ରଭାବ ମାନସିକତା ଉପରେ ପଡ଼ିଥାଏ ଏବଂ କାମ କରିବାର ଆଗ୍ରହ କମିଯାଏ।

➢ପ୍ରତିଦିନ ସକାଳ ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ଖାଇଲେ ତାହା ଆପଣଙ୍କୁ କାର୍ଯ୍ୟ କରିବା ପାଇଁ ଶକ୍ତି ଯୋଗାଇବ। ତା'ସହ ନିୟମିତ ଠିକ୍ ସମୟରେ ବ୍ରେକ୍‌ଫାଷ୍ଟ ଖାଇଲେ ତାହା ମନକୁ ପ୍ରଫୁଲ୍ଲ ରଖିଥାଏ।



➢ତରତର ହୋଇ ଖାଆନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।

➢ମାନସିକ ଭାବେ ସବୁବେଳେ ସୁସ୍ଥ ରହିବା ପାଇଁ ପ୍ରାଣାୟାମ କରନ୍ତୁ। ଏହା ଆମ ଠାରେ ନକାରାତ୍ମକ ଭାବନାକୁ ଦୂର କରି ସକାରାତ୍ମକ ଭାବନା ସୃଷ୍ଟି କରିବ।

➢ସବୁବେଳେ ବ୍ୟାୟାମ ଏଭଳି ସ୍ଥାନରେ କରନ୍ତୁ, ଯେଉଁଠି ଆପଣଙ୍କୁ ଆରାମ ଲାଗୁଥିବ। ଯଦି ଏହି ସମୟରେ ଆପଣଙ୍କୁ କ୍ଳାନ୍ତ ଲାଗୁଛି ତେବେ କିଛି ସମୟ ବିଶ୍ରାମ ନେଇ ତା'ପରେ ବ୍ୟାୟାମ କରନ୍ତୁ।

➢ଯଦି ଆପଣଙ୍କ ବୟସ ୪୦ ଟପିଗଲାଣି ତେବେ ଖାଦ୍ୟପେୟ ଏବଂ ସ୍ୱାସ୍ଥ୍ୟ ପ୍ରତି ସତର୍କ ରୁହନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଭିଜ୍ଞ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ନିଆରା ଖଗୋଳ ବିଜ୍ଞାନୀ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ସୁପ୍ରସିଦ୍ଧ ଖଗୋଳ ବିଜ୍ଞାନୀ ଭାବରେ ନିଜକୁ ପରିଚିତ କରାଇବାରେ ସକ୍ଷମ ହୋଇଥିଲେ ସେ। କାନାଡ଼ା ରାଜଧାନୀ ଓଟାୱାଠାରେ ଚଳିତ ବର୍ଷ ଜୁଲାଇରେ ନୋବେଲ ପୁରସ୍କାରର ସମକକ୍ଷ ଭାବରେ ବିବେଚନା କରାଯାଉଥିବା 'ଇଣ୍ଟରନ୍ୟାଶନାଲ ପ୍ରାଇଜ ଇନ୍ ଷ୍ଟାଟିଷ୍ଟିକ୍ସ' ପରି ସମ୍ମାନଜନକ ପୁରସ୍କାରରେ ତାଙ୍କୁ ସମ୍ମାନିତ କରାଯାଇଛି। ସେହି ନିଆରା ଖଗୋଳ ବିଜ୍ଞାନୀ ହେଉଛନ୍ତି ପ୍ରଫେସର କାଲିଆମପୁଡି ରାଧାକ୍ରିଷ୍ଣ ରାଓ।

କାଲିଆମପୁଡି ୧୯୨୧ ସେପ୍ଟେମ୍ବର ୧୦ ତାରିଖ ଦିନ କର୍ଣ୍ଣାଟକର ହାଡାଗଲିଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ମାତାଙ୍କ ନାମ ଥିଲା ଏମ୍. ଲକ୍ଷ୍ମୀକାଉଥାମ୍ମା ଏବଂ ପିତା ଥିଲେ ସି. ଡରାଇସ୍ୱାମୀ ନାଇଡୁ। ସ୍ଥାନୀୟ ଶିକ୍ଷାନୁଷ୍ଠାନମାନଙ୍କରେ ଶିକ୍ଷାଲାଭ ପରେ ସେ ୧୯୪୦ ମସିହାରେ ଆନ୍ଧ୍ର ବିଶ୍ୱ ବିଦ୍ୟାଳୟରୁ କୃତିତ୍ୱର ସହିତ ପରିସଂଖ୍ୟାନରେ ଏମ.ଏ. ଡିଗ୍ରୀ ହାସଲ କରିଥିଲେ। ତା'ପରେ ଉଚ୍ଚ ଶିକ୍ଷା ଓ ଗବେଷଣା ଲାଗି ସେ କଲିକତାସ୍ଥିତ 'ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ ଇନଷ୍ଟିଚ୍ୟୁଟ୍'ରେ ୧୯୪୧ରେ ଯୋଗ ଦେଲେ। ସେଠାରେ ସେ ଡ. କେ. ରାଘବନ୍ ନାୟାରଙ୍କ ସହିତ ମିଳିତ ଭାବେ ଗବେଷଣା କରି ୬ଟି ଉଚ୍ଚକୋଟୀର ନିବନ୍ଧ ପ୍ରକାଶ କଲେ। ପୁନଶ୍ଚ ୧୯୪୩ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଏମ୍.ଏସ୍‌ସି. ଡିଗ୍ରୀ ପ୍ରାପ୍ତ ହେଲା ପରେ ସେହିଠାରେ ୧୯୪୪ରେ ଅଧ୍ୟାପକ ଭାବରେ ଯୋଗଦେଲେ। ୧୯୪୬ ଶେଷ ସୁଦ୍ଧା ବିଭିନ୍ନ ସୁଖ୍ୟାତ ଗବେଷଣା ପତ୍ରିକାରେ ସେ ପ୍ରକାଶ କରିସାରିଥିଲେ ୩୦ରୁ ଅଧିକ ଗବେଷଣା ନିବନ୍ଧ। ତନ୍ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା 'କ୍ରାମେର୍-ରାଓ ଇନ୍‌ଇକ୍ୱାଲିଟି'। ସେହିବର୍ଷ ସେ ଇଂଲଣ୍ଡ ଯାଇ କେମ୍ବ୍ରିଜର ଆନଥ୍ରୋପୋଲୋଜିକାଲ ମିଉଜିୟମରେ ଚାକିରି କରିବା ସହିତ ପ୍ରଫେସର ଆର୍.ଏ.ଫିସର (କିଙ୍ଗସ କଲେଜ)ଙ୍କ ତତ୍ତ୍ୱାବଧାନରେ 'ଜୀବ ବିଜ୍ଞାନ ସମ୍ବନ୍ଧୀୟ ବର୍ଗୀକରଣରେ ପରିସଂଖ୍ୟାନଜନିତ ସମସ୍ୟା' (ଷ୍ଟାଟିଷ୍ଟିକାଲ ପ୍ରୋବ୍ଲେମ୍ସ ଇନ୍ ବାୟୋଲୋଜିକାଲ କ୍ଲାସିଫିକେସନ) ବିଷୟ ଉପରେ ପିଏଚ୍.ଡି. ଲାଗି ଗବେଷଣା ଆରମ୍ଭ କଲେ। ଏଥିରେ ତାଙ୍କୁ ହଜାର ହଜାର ମୂଷାଙ୍କ କ୍ରୋମୋଜମ୍‌ର ମାନଚିତ୍ର ପ୍ରସ୍ତୁତ କରିବାକୁ ପଡ଼ିଥିଲା। ସେଠାରୁ ପିଏଚ୍.ଡି. ଡିଗ୍ରୀ ପ୍ରାପ୍ତ ହେଲା ପରେ ସେ ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ ଇନ୍‌ଷ୍ଟିଚ୍ୟୁଟ୍‌କୁ ଫେରି ଆସିଲେ। ଇତ୍ୟବସରରେ ୧୯୪୮ରେ ତାଙ୍କର ଭାର୍ଗବୀଙ୍କ ସହିତ ବିବାହ ସମ୍ପନ୍ନ ହୋଇସାରିଥିଲା। ଖୁବ୍ ଶୀଘ୍ର ସେଠାରେ ଏକ ଗବେଷଣା ଓ ପ୍ରଶିକ୍ଷଣ ବିଦ୍ୟାଳୟ ସ୍ଥାପନ କରାଗଲା। ଡ. ରାଓ ତହିଁରେ ଜଣେ ସହଯୋଗୀ ପ୍ରଫେସର ରୂପେ ଯୋଗ ଦେଲେ ଏବଂ ୧୯୪୯ରେ ତାଙ୍କୁ ପ୍ରଫେସର ପଦବୀକୁ ପଦୋନ୍ନତି ମିଳିଲା। ତପ୍ତରେ ସେ ୧୯୬୪ ମସିହାରେ ଏହାର ନିର୍ଦ୍ଦେଶକ ହେଲେ ତା'ପରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଡି.ଏସ୍.ସି. ଉପାଧି ହାସଲ କଲେ (୧୯୬୫)। ତାଙ୍କୁ ୧୯୭୨ ମସିହାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଷ୍ଟାଟିଷ୍ଟିକ୍ସର ନିର୍ଦ୍ଦେଶକ-ସମ୍ପାଦକ ପଦବୀ ମିଳିଲା। ଏହାପରେ ଡ. ରାଓ ଆମେରିକା ଯାତ୍ରା କଲେ ଏବଂ ସେଠାରେ ପିଟସବର୍ଗ ବିଶ୍ୱବିଦ୍ୟାଳୟରେ ପ୍ରଫେସର ରୂପେ ଯୋଗ ଦେଲେ। ପୁନଶ୍ଚ କିଛି ଦିନ ଅନ୍ତେ (୧୯୮୮)ରେ ପେନ୍‌ସିଲଭାନିଆ ରାଜ୍ୟ ବିଶ୍ୱବିଦ୍ୟାଳୟରେ ମଧ୍ୟ ଇବରଲି ଫ୍ୟାମିଲି ପ୍ରଫେସର ଦାୟିତ୍ୱ ନିର୍ବାହ କରିବାକୁ ଲାଗିଲେ। ଏହାଭିତରେ ତାଙ୍କୁ ଆମେରିକାର ନାଗରିକତ୍ୱ ମିଳି ସାରିଥିଲା।



କାଲିଆମପୁଡି ରାଧାକ୍ରିଷ୍ଣ ରାଓ

ଡ. ରାଓ ଶତାଧିକ ମୌଳିକ ଗବେଷଣା ନିବନ୍ଧ ଏବଂ ୧୦ଟି ପୁସ୍ତକ ରଚନା କରିଥିଲେ। ପରିସଂଖ୍ୟାନ ବିଜ୍ଞାନ କ୍ଷେତ୍ରକୁ ତାଙ୍କର ଅବଦାନ ଲାଗି ସେ ବହୁ ସମ୍ମାନଜନକ ପୁରସ୍କାର ଓ ସମ୍ମାନ ଲାଭ କରିଥିଲେ। ଭାରତ ସରକାର ତାଙ୍କୁ ପଦ୍ମଭୂଷଣ (୧୯୬୮) ଏବଂ ପଦ୍ମବିଭୂଷଣ (୨୦୦୧) ସମ୍ମାନରେ ଭୂଷିତ କରିଥିଲେ। ତାଙ୍କୁ ବିଶ୍ୱର ୧୮ଟି ଦେଶରୁ ୩୩ଟି ସମ୍ମାନଜନକ ଉପାଧି ମିଳିଥିଲା। ତାଙ୍କର ସର୍ବଶ୍ରେଷ୍ଠ ତଥା ସର୍ବଶେଷ ସମ୍ମାନଜନକ ସ୍ୱୀକୃତି ଥିଲା 'ଇଣ୍ଟରନ୍ୟାଶନାଲ ପ୍ରାଇଜ୍ ଇନ୍ ଷ୍ଟାଟିଷ୍ଟିକ୍ସ-୨୦୨୩। ଏହି ପୁରସ୍କାର ପାଇବା ପରେ ପରେ ତାଙ୍କର ଦେହାନ୍ତ ଘଟିଲା। ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଉଭୟ ବଫାଲୋ ବିଶ୍ୱବିଦ୍ୟାଳୟ ଏବଂ ପେନ୍‌ସିଲିଭାନିଆ ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ରୂପେ ଗବେଷଣାରେ ଲିପ୍ତ ଥିଲେ।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ : ୯୯୩୭୩୦୧୪୬୦

DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୮/୨୦୨୩ Bhubaneswar, Monday, September 18/ 2023

# ଡେଭିସ୍ କପ୍‌ରୁ ବୋପାନ୍ନାଙ୍କ ଅବସର

**କଲମ୍ବୋ, ୧୭।୯ (ପି.ଟି.)**

ଭାରତର ଷ୍ଟାର ଟେନିସ୍ ଖେଳାଳି ରୋହନ ବୋପାନ୍ନା ଡେଭିସ୍ କପ୍ କ୍ୟାରିୟରକୁ ଅଲ୍‌ବିଦା ଜଣାଇଛନ୍ତି। ବୋପାନ୍ନା ନିଜ କ୍ୟାରିୟରର ଅନ୍ତିମ ମ୍ୟାଚ ଜିତିବା ଫଳରେ ଭାରତ ୩-୧ରେ ମରକ୍କୋକୁ ପରାସ୍ତ କରିଛି। ଲକ୍ଷ୍ନୌର ମିନି

### ମରକ୍କୋକୁ ହରାଇଲା ଭାରତ

ଷ୍ଟାଡିୟମରେ ଅନୁଷ୍ଠିତ ବିଶ୍ୱ ଗ୍ରୁପ୍-୨ର ଏହି ମ୍ୟାଚର ପ୍ରଥମ ଦିନରେ ସ୍କୋର ୧-୧ ରହିଥିଲା। ପ୍ରଥମ ଦିନରେ ଶଶିକୁମାର ମୁକୁନ୍ଦ ନିଜ ମ୍ୟାଚକୁ ହାରିଯାଇଥିବା ବେଳେ ସୁମିତ ନାଗଲ ବିଜୟୀ ହୋଇ ମ୍ୟାଚକୁ ୧-୧ ସ୍ତରକୁ ଆଣିଥିଲେ। ଦ୍ୱିତୀୟ ଦିନରେ ଖେଳା ଯାଇଥିବା ପ୍ରଥମ ମ୍ୟାଚରେ ବିଜୟୀ ହେବା ସହ ନାଗଲ ଭାରତକୁ ଡ୍ରାଇଭର ସିଟ୍‌ରେ ରଖିଥିଲେ। ରିଭର୍ସ ସିଙ୍ଗଲ୍ସରେ ସୁମିତ ୬-୩, ୬-୩ ସେଟରେ ମରକ୍କୋର ୟାସିନ ଡିଲିମିଙ୍କୁ ହରାଇଥିଲେ। ପରେ ୪୩ ବର୍ଷୀୟ ବୋପାନ୍ନା ୟୁକି ଭାମ୍ବ୍ରିଙ୍କ ସହିତ ପାର୍ଟନର ହୋଇ ଡବଲ୍ସ ମ୍ୟାଚ୍ ଖେଳିଥିଲେ। ୧ ଘଣ୍ଟା ୧୧ ମିନିଟ ଧରି ଚାଲିଥିବା ଏହି ମ୍ୟାଚରେ ଭାରତୀୟ ଯୋଡି ମରକ୍କୋର ଏଲିଅଟ୍ ବେଞ୍ଚେଟ୍ରିଟ୍ ଓ ୟୁନିସ୍ ଲାଲାମି ଲାରୋଉସନଙ୍କୁ ୬-୨, ୬-୧ରେ ହରାଇଥିଲେ। ଭାରତ ୩-୧ରେ ବିଜୟୀ ହେବା ସହିତ ଦ୍ୱିତୀୟ ଥର ପାଇଁ ନାଗଲ ଦୁଇଟି ଯାକ ରିଭର୍ସ ସିଙ୍ଗଲ୍ସ ମ୍ୟାଚ୍ ଜିତିବାର ରେକର୍ଡ କରିଛନ୍ତି। ଶେଷ ଥର ପାଇଁ ୨୦୧୯ରେ ନାଗଲ ପାକିସ୍ତାନ ବିପକ୍ଷରେ ଉଭୟ ସିଙ୍ଗଲ୍ସ ମ୍ୟାଚ୍ ବିଜୟୀ ହୋଇଥିଲେ। ଏହି ବିଜୟ ସହିତ ଭାରତ ବିଶ୍ୱକପ ଗ୍ରୁପ୍ ପର୍ଯ୍ୟାୟ-୧ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଅନ୍ତିମ ମ୍ୟାଚ୍ ତଥା ଡେଡ୍ ରବରରେ ଭାରତ ପକ୍ଷରୁ ଯୁବ ଖେଳାଳି ଦିଗ୍‌ବିଜୟ ପ୍ରତାପ ସିଂ ଖେଳିବେ।

ଭାରତ ମ୍ୟାଚ୍ ଜିତିବା ପରେ ଭାବବିହ୍ୱଳ ବୋପାନ୍ନା ନିଜ ଇଣ୍ଡିଆ ଟି ଶାର୍ଟକୁ କୋର୍ଟରେ ରଖି ଦେଇଥିଲେ। ୩୩ ଟାଇରେ ୫୦ ମ୍ୟାଚ ଖେଳିଥିବା ବୋପାନ୍ନା ୨୩ ମ୍ୟାଚରେ ବିଜୟୀ ହୋଇଛନ୍ତି। ଏହା ମଧ୍ୟରୁ ୧୩ଟି ଡବଲ୍ସ ମ୍ୟାଚ୍ ରହିଛି।



ରୋହନ ବୋପାନ୍ନାଙ୍କୁ ସାଥି ଖେଳାଳିମାନେ ଟେକି ଧରିଛନ୍ତି।

## ଅଷ୍ଟ୍ରେଲିଆ ଦଳକୁ ଫେରିଲେ ସ୍ମିଥ୍, ମ୍ୟାକ୍ସୱେଲ ଓ ଷ୍ଟାର୍କ

**ମେଲବୋର୍ନ, ୧୭।୯ (ପି.ଟି.):** ଆଗାମୀ ଭାରତ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ପାଇଁ ଅଷ୍ଟ୍ରେଲିଆ ୧୮ ଜଣିଆ ଦଳ ଘୋଷଣା କରିଛି। ଷ୍ଟିଭ୍ ସ୍ମିଥ୍, ଗ୍ଲେନ ମ୍ୟାକ୍ସୱେଲ ଓ ମିଚେଲ ଷ୍ଟାର୍କ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ୩ ଜଣ ଆଘାତପ୍ରାପ୍ତ ଥିବାରୁ ନିକଟରେ ଦକ୍ଷିଣ ଆଫ୍ରିକା ଟୁର୍‌ରେ ସାମିଲ ହୋଇପାରି ନ ଥିଲେ। ଦକ୍ଷିଣ ଆଫ୍ରିକାରେ ଟପ୍ ଅର୍ଡର ବ୍ୟାଟର ଟ୍ରାଭିସ ହେଡ୍‌ଙ୍କ ଡାହାଣ ହାତ ହାଡ଼ ଭାଙ୍ଗି ଯାଇଥିବାରୁ ତାଙ୍କ ସ୍ଥାନରେ ମାଥ୍ୟୁ ଶର୍ଟଙ୍କୁ ନିଆଯାଇଛି। ଶର୍ଟ ଏ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଦିନିକିଆରେ ପଦାର୍ପଣ କରିନାହାନ୍ତି। ଆରୋନ ହାର୍ଡି, ଟିମ୍ ଡେଭିଡ୍ ଓ ମାଇକେଲ ନେସେରଙ୍କୁ ଦଳରେ ନିଆଯାଇ ନ ଥିବା ବେଳେ ଅଲରାଉଣ୍ଡର ଆଷ୍ଟନ ଅଗର ପିତୃତ୍ୱ ଛୁଟିରେ ଯାଇଛନ୍ତି। ଅନ୍ୟପକ୍ଷରେ ପେସ ବୋଲର ସ୍ପେନସର ଜନସନ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି। ମାର୍ନସ ଲବୁସେନଙ୍କୁ ମଧ୍ୟ ଦଳରେ ନିଆଯାଇଛି। ଲବୁସେନ ଦକ୍ଷିଣ ଆଫ୍ରିକା ବିପକ୍ଷ ଦୁଇ ପ୍ରଥମ ଅନ୍ତର୍ଜାତୀୟ ଦିନିକିଆରେ ଯଥାକ୍ରମେ ଅପରାଜିତ ୮୦ ଏବଂ ୧୨୪ ରନ କରିଥିଲେ। ଅକ୍ଟୋବର ୫ରୁ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଆରମ୍ଭ ପୂର୍ବରୁ ଏହି ୩ଟି ଅନ୍ତର୍ଜାତୀୟ ଦିନିକିଆ ମୋହାଲି, ଇନ୍ଦୋର, ରାଜକୋଟଠାରେ ଯଥାକ୍ରମେ ସେପ୍ଟେମ୍ବର ୨୪, ୨୮ ଓ ଅକ୍ଟୋବର ୧ରେ ଖେଳାଯିବ। **ଭାରତ ବିପକ୍ଷ ଦିନିକିଆ ସିରିଜ ପାଇଁ ଅଷ୍ଟ୍ରେଲିଆ ଦଳ:** ପ୍ୟାଟ କମିନ୍ସ (ଅଧିନାୟକ), ସିନ୍ ଆବଟ, ଆଲେକ୍ସ କାରେ (ଉଇକେଟକିପର), ନାଥାନ ଏଲିସ, କାମେରନ ଗ୍ରୀନ୍, ଜୋସ ହାଜଲେଉଡ୍, ଜୋସ୍ ଇଙ୍ଗ୍ଲିଶ (ଉଇକେଟକିପର), ସ୍ପେନସର ଜନସନ, ମାର୍ନସ ଲବୁସେନ, ମିଚେଲ ମାର୍ଶ, ଗ୍ଲେନ ମ୍ୟାକ୍ସୱେଲ୍, ତନବୀର ସାଂଘା, ମାଥ୍ୟୁ ଶର୍ଟ, ଷ୍ଟିଭେନ ସ୍ମିଥ୍, ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ୍, ଡେଭିଡ୍ ୱାର୍ନର ଓ ଆଡାମ ଜାମ୍ପା।

# ଇଣ୍ଡୋନେସିଆରେ ଅଭ୍ୟାସ କରିବେ ଅନୁପମା

**ଭୁବନେଶ୍ୱର, ୧୭।୯**
**(ତପନ ସ୍ୱାଇଁ)**

ଚାଇନାର ହାଙ୍ଗଝୋଠାରେ ହେବାକୁଥିବା ଏସିଆନ ଗେମ୍ସର ଜୁ-ଜିତ୍ସୁ ଇଭେଣ୍ଟରେ ପ୍ରଥମଥରପାଇଁ ଭାରତରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି ଓଡ଼ିଶାର ଅନୁପମା ସ୍ୱାଇଁ। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ପୂର୍ବରୁ ଉତ୍କଳ କରାଟେ ସ୍କୁଲରେ ପ୍ରଶିକ୍ଷଣ ନେଉଥିଲେ। ଅଧିକ ଦକ୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଅଭ୍ୟାସ

### ଏସିଆନ ଗେମ୍ସ

ନିମନ୍ତେ ସେ ଗତ ଦେଢ଼ମାସଧରି ଅକ୍ସଟନ ଏକାଡେମୀରେ ଅଭ୍ୟାସ କରୁଥିଲେ। ଜୁ-ଜିତ୍ସୁ ଆସୋସିଏଶନ ଅଫ୍ ଇଣ୍ଡିଆ ଦ୍ୱାରା ମନୋନୀତ ସମସ୍ତ ଏସିଆନ ଗେମ୍ସ ପ୍ରତିଯୋଗୀଙ୍କୁ ରବିବାର ନୂଆଦିଲ୍ଲୀରୁ ଇଣ୍ଡୋନେସିଆ ପଠାଯାଇଛି। ତେଣୁ ଏହି ଦଳର ସଦସ୍ୟଭାବେ ଅନୁପମା ମଧ୍ୟ ଇଣ୍ଡୋନେସିଆ ଯାଇ ସେଠାରେ ଏସିଆନ ଗେମ୍ସ ପର୍ଯ୍ୟନ୍ତ ଅଭ୍ୟାସ କରିବେ। ଅକ୍ସଟନ ଏକାଡେମୀରେ ପ୍ରଶିକ୍ଷଣ ପାଇଁ ଅନୁପମାଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ସହାୟତା ପ୍ରଦାନ କରାଯାଇଥିଲା। ଏସିଆନ ଗେମ୍ସରେ ଭାଗ ନେବାକୁ ଯାଉଥିବା ସମସ୍ତ ଓଡ଼ିଶା ପ୍ରତିଯୋଗୀଙ୍କୁ ୧୦ ଟଙ୍କା ଲେଖାଏ ପ୍ରଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରି ସାରିଛନ୍ତି। ଇଣ୍ଡୋନେସିଆରେ ଅନୁଷ୍ଠିତ କ୍ୟାମ୍ପ ଖର୍ଚ୍ଚ ଜାତୀୟ ଜୁ-ଜିତ୍ସୁ ମାଧ୍ୟମରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ବହନ କରୁଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ଅନୁଦାନ ଯୋଗୁ ଅନ୍ୟ ଆନୁସଙ୍ଗିକ ଖର୍ଚ୍ଚ ସହଜ ହୋଇପାରିଛି ବୋଲି ଅନୁପମା ପ୍ରକାଶ କରିଛନ୍ତି। ସେଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟ କ୍ରୀଡ଼ା ବିଭାଗକୁ କୃତଜ୍ଞତା ଜଣାଇଛନ୍ତି।



ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ଫାଇଟ୍ ଅବସରରେ ଅନୁପମା ସ୍ୱାଇଁ (ଡାହାଣ)।



ସିଙ୍ଗାପୁର ଗ୍ରାଁପ୍ରି ଟ୍ରଫି ସହ କାର୍ଲୋସ ସେଞ୍ଜ ଜୁନିୟର।

# ସେଞ୍ଜ୍ ଜିତିଲେ ସିଙ୍ଗାପୁର ଗ୍ରାଁପ୍ରି

**ସିଙ୍ଗାପୁର, ୧୭।୯ (ଏପି)**

ଫେରାରିର କାର୍ଲୋସ ସେଞ୍ଜ ଜୁନିୟର ସିଙ୍ଗାପୁର ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁ ପ୍ରି ଜିତିଛନ୍ତି। ଏହାଦ୍ୱାରା ଫର୍ମୁଲାୱାନରେ ମାର୍କ୍ସ ଭର୍ଷ୍ଟାପେନ୍ ଓ ରେଡ୍ ବୁଲ୍‌ର ଐତିହାସିକ ବିଜୟ ଧାରାରେ ବ୍ରେକ୍ ଲାଗିଛି। ରେଡ୍ ବୁଲ୍ ଚଳିତବର୍ଷର ସମସ୍ତ ରେସ୍ ଜିତିବା ଲାଗି ସ୍ୱପ୍ନ ଦେଖିଥିଲା। ମାତ୍ର ସିଙ୍ଗାପୁରରେ ସଂଘର୍ଷ ପରେ ଭର୍ଷ୍ଟାପେନ୍ ୫ମ ଓ ପେରେଜ ୮ମ ସ୍ଥାନରେ ରହିଥିଲେ। ଭର୍ଷ୍ଟାପେନ୍‌ଙ୍କ ବିଜୟ ଧାରା ୧୦ରେ, ରେଡ୍‌ବୁଲର ୧୫ରେ ଅଟକିଥିଲା। ସେଞ୍ଜ୍ ପୋଲ ପୋଜିଶନରୁ ରେସ ଆରମ୍ଭ କରିଥିଲେ। ଏଠାରେ ସେ କ୍ୟାରିୟରର ଦ୍ୱିତୀୟ ଫର୍ମୁଲା ୱାନ ରେସ୍ ଜିତିଥିଲେ। ମ୍ୟାକେଲରେନର ଲାଣ୍ଡୋ ନୋରିସ ଓ ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ । ଭର୍ଷ୍ଟାପେନ୍‌ଙ୍କ ଆଗରେ ଫେରାରିର କାର୍ଲୋସ ଲେକ୍‌ରେକ ଚତୁର୍ଥ ହୋଇଥିଲେ। ୬ଷ୍ଠରୁ ୧୦ମ ସ୍ଥାନ ଯଥାକ୍ରମେ ପିଏରେ ଗାସ୍‌ଲି (ଅଲ୍‌ପାଇନ), ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ସର୍ଗିଓ ପେରେଜ (ରେଡ୍‌ବୁଲ୍), ଲିଆମ ଲସନ (ଆଲ୍‌ଫା ଟାଉରି) ଓ କେଭିନ ମାଗ୍ନସେନ (ହାସ୍) ଅଧିକାର କରିଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ